# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨୭/୨୦୨୦ (୧୨ପୃଷ୍ଠା+ଛୁଟିଦିନ) | Sambalpur, Sunday, September 27/2020 | ★★

୧୬ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ନୀତୁ ମହିଳା କ୍ରିକେଟ ଚୟନ କମିଟି ଚେୟାରମ୍ୟାନ**

ନୀତୁ ଡେଭିଡ୍ ଜାତୀୟ ମହିଳା କ୍ରିକେଟ ଦଳ ଚୟନ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତି ପାଇଛନ୍ତି।

୧୨

୦୨

**ଦୁଇ ଭୂମିକାରେ ସଫଳ**

ଅଭିନୟ ଜୀବନ ଆଉ ବାସ୍ତବ ଜୀବନର ମା' ଭୂମିକାକୁ ଠିକ୍ ଭାବେ ନିର୍ବାହ ଲାଗି ଚେଷ୍ଟା ଚଳାଇ ଆସିଛି ବୋଲି କୁହନ୍ତି ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ।



# ଅଣ-ବୃହତ୍ ବନ୍ଦର ଉପରେ କେନ୍ଦ୍ରର ଆଖି

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

କେନ୍ଦ୍ର ସରକାର ନୂତନ ବନ୍ଦର ଆଇନ-୨୦୨୦ ପ୍ରଣୟନ କରି ଅଣ ବୃହତ୍ ବନ୍ଦରଗୁଡ଼ିକ ଉପରୁ ରାଜ୍ୟର ଅଧିକାର ଛଡ଼ାଇ ନେବାକୁ ଯୋଜନା ଆରମ୍ଭ କରିଛନ୍ତି। ଏହାକୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ କଡ଼ା ବିରୋଧ କରିଛନ୍ତି।

କେନ୍ଦ୍ର ସରକାର ଦୀର୍ଘବର୍ଷ ପରେ ପୁରାତନ ବନ୍ଦର ଆଇନକୁ ପରିବର୍ତ୍ତନ କରି ନୂତନ ବନ୍ଦର ଆଇନ-୨୦୨୦ ପ୍ରସ୍ତୁତ କରିବାକୁ ଯାଉଛନ୍ତି । ଏ ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକଠାରୁ ମତାମତ ଲୋଡ଼ାଯାଇଛି। ତେବେ ଏହି ନୂତନ ବନ୍ଦର ଆଇନରେ ରାଜ୍ୟଗୁଡ଼ିକର ଅଧିକାରକୁ ହଡପ କରିବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଥିବା କୁହାଯାଉଛି।

୧୯୦୮ରେ ବନ୍ଦର ଆଇନ କରାଯାଇଥିଲା। ଏହି ଆଇନରେ ବୃହତ୍ ବନ୍ଦରଗୁଡିକ କେନ୍ଦ୍ର ସରକାରଙ୍କ ହାତରେ ରହିଥିବା ବେଳେ ରାଜ୍ୟଗୁଡ଼ିକୁ ଅଣ ବୃହତ୍ ଏବଂ କ୍ଷୁଦ୍ର ବନ୍ଦରଗୁଡ଼ିକର ସମସ୍ତ କ୍ଷମତା ଦିଆଯାଇଥିଲା । କ୍ଷୁଦ୍ର ଓ ଅଣ ବୃହତ୍ ବନ୍ଦର ଚିହ୍ନଟ କରିବା ସହ ସେଗୁଡିକର ପରିଚାଳନା, ବିକାଶ ଏପରି କି ମାଲିକାନା ମଧ୍ୟ ରାଜ୍ୟଗୁଡ଼ିକ ହାତରେ ରହିଛି। ତେବେ ନୂଆ ବନ୍ଦର ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟ ହାତରୁ ସେ ସମସ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ନିକଟକୁ ଚାଲିଯିବ। ନୂତନ ବନ୍ଦର ଆଇନରେ ଅଣ ବୃହତ୍ ଓ କ୍ଷୁଦ୍ର ବନ୍ଦର ସମସ୍ତ କ୍ଷମତା ମାରିଟାଇମ୍ ରେଗୁଲେଟୋରି ଅଥରିଟିଙ୍କ ନିକଟକୁ ଚାଲିଯିବ। ଅଥରିଟିଙ୍କ ବିନାନୁମତିରେ ରାଜ୍ୟ ସରକାର କୌଣସି ବନ୍ଦର ପାଇଁ ଚୁକ୍ତି କରି ପାରିବେ ନାହିଁ। ବନ୍ଦରର ପରିସୀମା, ପଞ୍ଜୀକରଣ, ସମ୍ପ୍ରସାରଣ, ବିକାଶମୂଳକ କାର୍ଯ୍ୟ ଇତ୍ୟାଦି କ୍ଷମତା ଅଥରିଟିଙ୍କ ନିକଟରେ ରହିବ। ରାଜ୍ୟ ସରକାର ନୂତନ ବନ୍ଦର ପାଇଁ ଜମି, ଜଳ, ବିଦ୍ୟୁତ୍, ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବେ । କିନ୍ତୁ ବନ୍ଦର ଉପରେ ରାଜ୍ୟ ସରକାରଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଏହାଦ୍ୱାରା ରାଜ୍ୟ ଅର୍ଥନୀତି ଗୁରୁତର ପ୍ରଭାବିତ ହେବାର ଆଶଙ୍କା ରହିଛି। ନୂତନ ବନ୍ଦର ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟ ସରକାରଙ୍କ ବନ୍ଦର ନୀତି-୨୦୦୪ ଅକାମୀ ହୋଇଯିବ। ଓଡ଼ିଶା ସରକାର ଏହି ନୂତନ ଆଇନକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ନୂତନ ବନ୍ଦର ଆଇନରେ ଥିବା କେତେକ ବ୍ୟବସ୍ଥାକୁ ବିରୋଧ କରିଛନ୍ତି। ଏ ନେଇ ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି।

ରାଜ୍ୟରେ ପ୍ରସ୍ତାବିତ ୧୩ଟି ବନ୍ଦରର ଭବିଷ୍ୟତ ଏକ ପ୍ରକାର ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ବନ୍ଦର ଚିହ୍ନଟ ହେବାର ଦୀର୍ଘ ବର୍ଷ ବିତିଗଲେ ସୁଦ୍ଧା ଏ ଦିଗରେ କୌଣସି ଅଗ୍ରଗତି ହେଉ ନାହିଁ। ଏସବୁର ବିକାଶ ଲାଗି ଘରୋଇ ସଂସ୍ଥା ଆଗ୍ରହ ଦେଖାଉ ନ ଥିବା ବେଳେ ସରକାରୀ ସଂସ୍ଥା ମଧ୍ୟ ବନ୍ଦର ନିର୍ମାଣ ପାଇଁ ଆଗଭର ହେଉନାହାନ୍ତି।

ପାରାଦୀପ ଓ ଗୋପାଳପୁର ବନ୍ଦରକୁ ବାଦ୍ ଦେଲେ ରାଜ୍ୟରେ ୧୩ଟି ନୂତନ ବନ୍ଦର ଚିହ୍ନଟ କରାଯାଇଛି। ସେହି ବନ୍ଦରଗୁଡିକ ହେଲା ବାଲେଶ୍ୱର ଜିଲାର ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଭଦ୍ରକ ଜିଲାର ଚୂଡାମଣି, ଧାମରା, ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଓ ବାଲିହରଚଣ୍ଡୀ, ଗଞ୍ଜାମ ଜିଲାର ପାଲୁର ଓ ବାହୁଦା ମୁହାଣ ଏବଂ କେନ୍ଦ୍ରାପଡା ଜିଲାର ମହାକାଳପଡା। ସେଥିମଧ୍ୟରୁ ପ୍ରସ୍ତାବିତ ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଜଟାଧାର, ☞ପୃଷ୍ଠା-୯



- **ଅନିଶ୍ଚିତତାରେ ଓଡ଼ିଶାର ପ୍ରସ୍ତାବିତ ବନ୍ଦର**
- **ସମ୍ଭାବ୍ୟ ବନ୍ଦର ଆଇନକୁ ରାଜ୍ୟ କରିବ ବିରୋଧ**

## ଅର୍ଥନୀତିଜ୍ଞ ଈଶରଙ୍କ ପରଲୋକ



ଈଶର ଜଜ୍ ଆହଲୁୱାଲିଆ

**ନୂଆଦିଲ୍ଲୀ, ୨୬।୯**

ମସ୍ତିଷ୍କ କର୍କଟରେ ଦୀର୍ଘ ୧୦ ମାସ ଧରି ପୀଡ଼ିତ ଥିବା ଅର୍ଥନୀତିଜ୍ଞ ଈଶର ଜଜ୍ ଆହଲୁୱାଲିଆଙ୍କ ଶନିବାର ପରଲୋକ ହୋଇଯାଇଛି। ଅକ୍ଟୋବର ପହିଲାକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥାଆନ୍ତା। ସେ ଯୋଜନା କମିଶନର ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ୍ ସିଂ ଆହଲୁୱାଲିଆଙ୍କ ସହଧର୍ମିଣୀ ଥିଲେ। ତାଙ୍କର ଦୁଇ ପୁଅ ପବନ ଓ ଅମନ ଅଛନ୍ତି। ଈଶର ଇଣ୍ଡିଆନ୍ କାଉନ୍‌ସିଲ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାଶନାଲ ଇକୋନମିକ୍ ☞ପୃଷ୍ଠା-୯

**ୟୁକ୍ରେନ୍‌ର ସେନା ବିମାନ ଦୁର୍ଘଟଣାଗ୍ରସ୍ତ: ୨୬ ମୃତ**

୨

## ୧୭ ପଇସା କମିଲା ଡିଜେଲ

**ଭୁବନେଶ୍ୱର,୨୬।୯**

ଡିଜେଲ ମୂଲ୍ୟ ୧୭ ପଇସା ଶନିବାର ହ୍ରାସ ହୋଇଛି। ଫଳରେ ଭୁବନେଶ୍ୱରରେ ଏହାର ଦର ୭୭.୨୦ ଟଙ୍କାକୁ କମିଥିବା ଜଣାପଡ଼ିଛି। ଏଠାରେ ପେଟ୍ରୋଲ ଦର ଅପରିବର୍ତ୍ତିତ ୮୧.୬୦ ଟଙ୍କା ରହିଛି। ଦେଶର ମେଟ୍ରୋ ସହରଗୁଡ଼ିକରେ ଶନିବାର ଡିଜେଲ ୧୫ରୁ ୧୭ ପଇସା ଖସିଛି। ଏହି ସମୟରେ ନୂଆଦିଲ୍ଲୀରେ ଡିଜେଲ ୭୦.୯୪ ଟଙ୍କା ଥିବା ବେଳେ ଚେନ୍ନାଇରେ ୭୬.୪୦, କୋଲକାତାରେ ୭୪.୪୬ ଏବଂ ମୁମ୍ବାଇରେ ୭୭.୩୬ ଟଙ୍କା ରହିଛି। ସେହିଭଳି ଏହି ସହରଗୁଡ଼ିକରେ ପେଟ୍ରୋଲ ଅପରିବର୍ତ୍ତିତ ରହି ଦର ଯଥାକ୍ରମେ ୮୧.୦୬ ଟଙ୍କା, ୮୪.୧୪ ଟଙ୍କା, ୮୨.୫୯ ଟଙ୍କା ଏବଂ ୮୭.୭୪ ଟଙ୍କା ରହିଛି।

**ଆଜିର ସମ୍ପାଦକୀୟ**

**ଏଫ୍‌ସିଆର୍‌ଏ କାହା ସ୍ୱାର୍ଥରେ**

# 'ଜାତିସଂଘରେ ଭାରତର ନିର୍ଣ୍ଣାୟକ ଭୂମିକା କେବେ'

**ନ୍ୟୁୟର୍କ,୨୬।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜାତିସଂଘ ସାଧାରଣ ପରିଷଦ(ୟୁଏନ୍‌ଜିଏ)ର ୭୫ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ବିଶ୍ୱବାସୀଙ୍କୁ ଚମକାଇ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସି ଜରିଆରେ ସେ ହିନ୍ଦୀରେ ଉଦ୍‌ବୋଧନ ଦେଇ ଜାତିସଂଘରେ କେବେ ଆଉ ଭାରତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ପ୍ରଶ୍ନ କରିଛନ୍ତି। ୧୩୦ କୋଟି ଲୋକ ବାସ କରୁଥିବା ଭାରତ ସବୁବେଳେ ବିଶ୍ୱ ହିତ ଲାଗି କାମ କରିଆସିଛି। ଏହି ଶାନ୍ତିପ୍ରିୟ ଦେଶ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ରେ ଏବେ ସୁଦ୍ଧା ସ୍ଥାୟୀ ସଦସ୍ୟ ହୋଇପାରି ନାହିଁ। ଆମକୁ ଏଥିଲାଗି ଆଉ କେତେଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ମୋଦି ଦୃଢ଼ତାର ସହ କହିଛନ୍ତି। ଜାତିସଂଘରେ ଭାରତ ବୃହତ୍ ଭୂମିକା ଗ୍ରହଣ କରିବାକୁ ସକ୍ଷମ। ଏଥିଲାଗି ଭାରତର ଅନେକ ଅବଦାନ ମଧ୍ୟ ରହିଆସିଛି। ହେଲେ ଜାତିସଂଘରେ ନିର୍ଣ୍ଣାୟକ ଭୂମିକା ନେବା ଲାଗି ଭାରତକୁ ବହୁ ବର୍ଷ ଅପେକ୍ଷା କରିବାକୁ ପଡୁଛି। ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଛନ୍ତି। ୨୨ ମିନିଟ୍‌ର ଉଦ୍‌ବୋଧନରେ ମୋଦି ମହାମାରୀ କରୋନା ଓ ଭାରତର ଔଷଧ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ସାରା ବିଶ୍ୱକୁ ଭାରତର ଔଷଧ ଏବେ ଉପଲବ୍ଧ ଓ ଏଥିରୁ ବିଶ୍ୱବାସୀ ଅନେକ ଲାଭ ଉଠାଇଛନ୍ତି। ଭାରତ ସର୍ବଦା ସହଯୋଗର ହାତ ବଢ଼ାଇଆସିଛି। କୋଭିଡ୍ ଟିକା ପ୍ରସ୍ତୁତି ☞ପୃଷ୍ଠା-୯

- **ୟୁଏନ୍‌ଜିଏରେ ଉଦ୍‌ବୋଧନ ବେଳେ ମୋଦିଙ୍କ ପ୍ରଶ୍ନ**
- **ୟୁଏନ୍‌ଏସ୍‌ସିରେ ସଂସ୍କାର ଉପରେ ଗୁରୁତ୍ୱ**



ନରେନ୍ଦ୍ର ମୋଦି





# ଖୋର୍ଦ୍ଧା: ଦିନକରେ ୯୦୨ ଆକ୍ରାନ୍ତ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**

ଦିନ ଗଡୁଛି, ସଂକ୍ରମଣ ସହ ମୃତ୍ୟୁ ବି ବଢୁଛି। ଏହାସହ କରୋନା ଭୂତାଣୁ ଆହୁରି ସକ୍ରିୟ ହେବାରେ ଲାଗିଛି। ରାଜ୍ୟର ଏ ପରିସ୍ଥିତିକୁ ନେଇ ଚିନ୍ତା ବଢୁଥିବାବେଳେ ସଂକ୍ରମରେ ଆଉଏକ ରେକର୍ଡ ଭାଙ୍ଗିଛି ଏହି ମହାମାରୀ। ଶେଷ ୨୪ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୪,୩୫୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୬ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୦୫,୪୫୨ରେ ପହଞ୍ଚିଥିବାବେଳେ ମୃତ୍ୟୁ ୭୮୩କୁ ବୃଦ୍ଧି ପାଇଛି। ତେବେ ସଂକ୍ରମଣରେ ଶୀର୍ଷରେ ରହିଥିବା ଖୋର୍ଦ୍ଧା ଜିଲା ସ୍ଥିତି ହାତରୁ ଖସିବାରେ ଲାଗିଛି। କୋଭିଡ୍ ଚିକିତ୍ସା ଓ ନିୟମ ପାଳନ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ କରୋନାକୁ କବ୍‌ଜା କରିପାରୁନି ପ୍ରଶାସନ। ପ୍ରତିଦିନ ୫ଶହ ଉପରେ ସଂକ୍ରମଣ ହେଉଥିବାବେଳେ ଏବେ ୧ହଜାର ପାଖାପାଖି ପହଞ୍ଚିଛି। ଏଠାରୁ ଦିନକରେ ରାଜ୍ୟର ସର୍ବାଧିକ ୯୦୨ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ଜିଲାରେ ସଂକ୍ରମଣ ୩୫,୦୮୦ ଛୁଇଁଛି। ସେହିପରି ରାଜ୍ୟରେ ଆଉ ୧୬ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବାବେଳେ କେବଳ ଖୋର୍ଦ୍ଧା ଜିଲା (ଭୁବନେଶ୍ୱର)ରୁ ୪ଜଣ ମରିଛନ୍ତି। ଏଠାରେ ଏବେ କରୋନାଜନିତ ମୃତ୍ୟୁ ଦ୍ୱିତୀୟ ସର୍ବାଧିକ ରହିଛି। ଗଞ୍ଜାମ ଜିଲାରେ ୨୧୮ ☞ପୃଷ୍ଠା-୯



- **ରାଜ୍ୟରେ ସର୍ବାଧିକ ୪,୩୫୬ ଚିହ୍ନଟ, ୪୭୬୧ ସୁସ୍ଥ, ୧୬ ମୃତ**
- **୨,୦୫,୪୫୨ ଛୁଇଁଲା ସଂକ୍ରମଣ, ଖୋର୍ଦ୍ଧାରେ ୩୫,୦୮୦**
- **ମଲେଣି ୭୮୩ ଆକ୍ରାନ୍ତ, ସୁସ୍ଥ ହେଲେଣି ୧,୭୦,୧୯୩**

# ଦୀପିକା, ଶ୍ରଦ୍ଧା,ସାରାଙ୍କୁ ଏନ୍‌ସିବି ଜେରା







- **ମ୍ୟାନେଜର କରିସ୍ମାଙ୍କ ସହ ଚାର୍ଟକୁ ସ୍ୱୀକାର କଲେ ଦୀପିକା**
- **ଡ୍ରଗ୍ସ ସେବନକୁ ଶ୍ରଦ୍ଧା, ସାରାଙ୍କ ଖଣ୍ଡନ**
- **ଧର୍ମା ପ୍ରଡକ୍ସନ ନିର୍ଦ୍ଦେଶକ କ୍ଷୀତିଜ ଗିରଫ**

**ମୁମ୍ବାଇ,୨୬।୯**

ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ଘଟଣାରେ ଡ୍ରଗ୍ସ ଲିଙ୍କ କାରବାରର ତଦନ୍ତ କରୁଥିବା ନ୍ୟାଶନାଲ୍ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଶନିବାର ବଲିଉଡର ଆଗ ଧାଡ଼ିର ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ଜେରା କରିଛି। ଏଥିସହିତ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବଂ ସାରା ଅଲ୍ଲୀ ଖାନ୍‌ଙ୍କୁ ମଧ୍ୟ ଜେରା କରିଛି। ମୁମ୍ବାଇର କୋଲାବାସ୍ଥିତ ଇଭେଲିନ୍ ଗେଷ୍ଟ ହାଉସରେ ଦୀପିକା ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲେ। ଏନ୍‌ସିବିର ୫ଜଣିଆ ଟିମ୍ ଦୀପିକାଙ୍କୁ ପ୍ରାୟ ୫ଘଣ୍ଟା ଧରି ଜେରା କରିଥିଲେ। ବିବାଦୀୟ ହ୍ୱାଟ୍ସ ଆପ୍‌ରେ ହୋଇଥିବା ଚାର୍ଟ ସମ୍ପର୍କରେ ପଚରା ଯାଇଥିଲା। ତେବେ ଦୀପିକା ତାଙ୍କ ମ୍ୟାନେଜର କରିସ୍ମାଙ୍କ ସହ କରିଥିବା ଡ୍ରଗ୍ସ ଚାଟ୍‌କୁ ଦୀପିକା ମାନିଥିବା ଜଣାପଡ଼ିଛି। ୨୦୧୭ରେ ଡ୍ରଗ୍ସ ଯୋଗାଇଦେବାକୁ ସେ କରିସ୍ମାଙ୍କୁ ହ୍ୱାଟ୍ସଆପ୍ ଚାର୍ଟ କରିଥିଲେ। ମ୍ୟାନେଜର କରିସ୍ମା ଏହାର ଜବାବରେ କୋକୋ ରେଷ୍ଟୁରାଣ୍ଟରେ ଡ୍ରଗ୍ସ ପହଞ୍ଚାଇବେ ବୋଲି କହିଥିଲେ। ପଦ୍ମାବତ୍ ଫିଲ୍ମ ପରେ କୋକୋ ରେଷ୍ଟୁରାଣ୍ଟରେ ଡ୍ରଗ୍ସ ପାର୍ଟି ହୋଇଥିଲା ବୋଲି ଦୀପିକା କହିଛନ୍ତି। ହେଲେ ଜେରା ମଧ୍ୟରେ ଡ୍ରଗ୍ସ ଚାର୍ଟ ନେଇ ଦୀପିକାଙ୍କ ଅନେକ ଉତ୍ତର ସନ୍ତୋଷଜନକ ନ ଥିବା ସୂଚନା ମିଳିଛି। ମ୍ୟାନେଜର କରିସ୍ମା ଏବଂ ଦୀପିକାଙ୍କୁ ଦୀର୍ଘ ସମୟ ଧରି ଏନ୍‌ସିବିର ୫ଜଣିଆ ଟିମ୍ ମୁହାଁମୁହିଁ ଜେରା କରିଥିଲେ। ଅପରାହ୍ନ ପ୍ରାୟ ୪ଟାରେ ଏନ୍‌ସିବି କାର୍ଯ୍ୟାଳୟରୁ ଦୀପିକା ଘରକୁ ଫେରିଥିଲେ। ଦୀପିକାଙ୍କ ଉତ୍ତରରେ ଏନ୍‌ସିବି ଟିମ୍ ସନ୍ତୁଷ୍ଟ ନ ଥିବାରୁ ତାଙ୍କୁ ଆଉଥରେ ସମନ୍ କରିପାରେ ବୋଲି କୁହାଯାଉଛି। ଅଭିନେତ୍ରୀ ଶ୍ରଦ୍ଧା କାପୁର ପୂର୍ବାହ୍ନ ୧୧ଟା୪୫ ମିନିଟ ଏବଂ ସାରା ଅଲ୍ଲୀ ଖାନ୍ ଅପରାହ୍ନ ୧ଟାରେ ଏନ୍‌ସିବି ଗେଷ୍ଟ ହାଉସରେ ପହଞ୍ଚି ଥିଲେ। ଉଭୟଙ୍କୁ ଟିମ୍ ଜେରା କରିଥିଲେ। ଜେରା ସମୟରେ ଶ୍ରଦ୍ଧା ଏବଂ ସାରା ଡ୍ରଗ୍ସ ଲିଙ୍କ୍ କିମ୍ବା ଏହାର ସେବନ ନେଇ ସେମାନଙ୍କ କୌଣସି ସମ୍ପର୍କ ନ ଥିବା ପ୍ରକାଶ କରିଥିବା ଜାଣିବାକୁ ମିଳିଛି। ପୂର୍ବରୁ ଶୁକ୍ରବାର ଦୀପିକାଙ୍କ ☞ପୃଷ୍ଠା-୯

# ନଡ୍ଡାଙ୍କ ନୂଆ ଟିମ୍

**ଭାଜପା ସାଙ୍ଗଠନିକ ସ୍ତରରେ ବଡ଼ ପରିବର୍ତ୍ତନ**



ଜେ.ପି. ନଡ୍ଡା

- **ବାଦ୍ ପଡ଼ିଲେ ରାମ ମାଧବ, ଉମା ଭାରତୀଙ୍କ ଭଳି ବହୁ ବରିଷ୍ଠ**
- **ଓଡ଼ିଶାର ୪ ନେତାଙ୍କୁ ଦାୟିତ୍ୱ, ପଦ ବଜାୟ ରଖିଲେ ବୈଜୟନ୍ତ**
- **ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ରାଷ୍ଟ୍ରୀୟ ସମ୍ପାଦକ**
- **ଅପରାଜିତା, ସମ୍ବିତ ରାଷ୍ଟ୍ରୀୟ ପ୍ରବକ୍ତା**

**ନୂଆଦିଲ୍ଲୀ,୨୬।୯**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାର ଜାତୀୟ ସାଙ୍ଗଠନିକ ସ୍ତରରେ ବଡ଼ଧରଣର ପରିବର୍ତ୍ତନ କରାଯାଇଛି। ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଶନିବାର ଏନେଇ ଘୋଷଣା କରିଥିବା ନୂଆ ଟିମ୍‌ରେ ରାମ ମାଧବ, ପି ମୁରଲୀଧର ରାଓ, ଅନୀଲ ଜୈନ, ସରୋଜ ପାଣ୍ଡେଙ୍କ ଭଳି ବରିଷ୍ଠ ନେତାଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପଦବୀରୁ ହଟାଇ ଦିଆଯାଇ ନୂଆ ମୁହଁଙ୍କୁ ଦାୟିତ୍ୱ ଦିଆଯାଇଛି। କେବଳ ସେତିକି ନୁହେଁ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ସମ୍ପାଦକ ସମେତ କେତେକ ବଡ଼ ପଦବୀରେ ନୂଆ ନେତାଙ୍କୁ ଅବସ୍ଥାପିତ କରାଯାଇଛି। ଗତ ଜାନୁୟାରୀରେ ନଡ୍ଡା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ପରେ ଏହା ହେଉଛନ୍ତି ତାଙ୍କର ପ୍ରଥମ ସାଙ୍ଗଠନିକ ପରିବର୍ତ୍ତନ। ବିଶେଷକରି ଏଥିରେ ପ୍ରାୟ ୬୦ ପ୍ରତିଶତ ଯୁବନେତା, ମହିଳା, ପଛୁଆବର୍ଗ ନେତାଙ୍କୁ ☞ପୃଷ୍ଠା-୯



ଭାରତର ପ୍ରତ୍ୟେକ ଲୋକଙ୍କ ପାଖରେ କୋଭିଡ୍ ଟିକା ପହଞ୍ଚାଇବା ଲାଗି ଆଗାମୀ ବର୍ଷ ସରକାରଙ୍କୁ ୮୦ ହଜାର କୋଟି ଟଙ୍କାର ଆବଶ୍ୟକତା ପଡ଼ିପାରେ।
– ଆଦର ପୁନୱାଲା, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ସିଇଓ





କୃଷି ବିଲ୍‌କୁ ବିରୋଧ କରି ଜଳନ୍ଧରରେ କୃଷକମାନେ ରେଳଧାରଣା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସେନା ବିମାନ ଦୁର୍ଘଟଣାଗ୍ରସ୍ତ

## ୨୬ ମୃତ



ଖାର୍‌କିଭ୍, ୨୬।୯

ୟୁକ୍ରେନ୍‌ରେ ଏକ ସେନା ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ କ୍ୟାଡେଟ୍‌ଙ୍କୁ ମିଶାଇ ୨୬ ଜଣ ପ୍ରାଣ ହରାଇଛନ୍ତି। ପୂର୍ବ ଖାର୍‌କିଭ୍ ସହର ନିକଟରେ ଏହି ବିମାନଟି ଲ୍ୟାଣ୍ଡିଂ କରିବା ବେଳେ ଭୂପୃଷ୍ଠରେ ଧକ୍କା ଖାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଧିକାରୀଙ୍କଠାରୁ ପ୍ରକାଶ। ବିମାନରେ ୨୦ କ୍ୟାଡେଟ ଓ ୭ ଅଫିସର ଥିଲେ। ଏମାନେ ସମସ୍ତେ ଖାର୍‌କିଭ୍ ଏୟାରଫୋର୍ସ ୟୁନିଭର୍ସିଟିର ହୋଇଥିବାବେଳେ ପ୍ରଶିକ୍ଷଣ ଲାଗି ଯାଉଥିଲେ। ତେବେ ଜଣେ ଅଫିସର ବଞ୍ଚିଯାଇଥିବା ଜଣାପଡ଼ିଛି।

ବିମାନଟି ଚୁହୁଇଭ୍ ନିକଟରେ ତଳକୁ ଖସିବା ପରେ ନିଆଁ ଲାଗିଯାଇଥିଲା ଓ ପରେ ଏହା ଖସିପଡ଼ିଥିଲା। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କୀଏ ଏନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଆଣ୍ଡ୍ରୁ ତରନ୍ କହିଛନ୍ତି, ବିମାନଟିର ଡେଣା ଭୂମିରେ ପିଟି ହେବା ପରେ ଏଥିରେ ନିଆଁ ଲାଗି ଚୂର୍‌ମାର ହୋଇଯାଇଥିଲା। ବିମାନଟିର ବାମ ପଟ ଇଞ୍ଜିନ ଖରାପ ହେବାରୁ ଏଭଳି ଦୁର୍ଘଟଣା ହୋଇଥିବା ସିକ୍ୟୁରିଟି ସର୍ଭିସ୍ ଅଫ୍ ୟୁକ୍ରେନ୍ (ଏସ୍‌ବିୟୁ) ପକ୍ଷରୁ କୁହାଯାଇଛି।

# ପଡ଼ୋଶୀଙ୍କ ସହ ସୁସମ୍ପର୍କ ଚାହେଁ ଭାରତ

## ମୋଦି-ରାଜପାକ୍ସେ ଭର୍ଚୁଆଲ ବୈଠକ



ନରେନ୍ଦ୍ର ମୋଦି



ମହିନ୍ଦା ରାଜପାକ୍ସେ

ନୂଆଦିଲ୍ଲୀ, ୨୬।୯

ଏଲ୍‌ଏସିରେ ଚାଇନା ସହିତ ସୀମା ବିବାଦ ବଢ଼ି ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଡ଼ୋଶୀ ଦେଶଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ ଲାଗି ଉଦ୍ୟମ କରିବା ଆରମ୍ଭ କରିଛନ୍ତି। ଏହି ମର୍ମରେ ମୋଦି ଶନିବାର ଶ୍ରୀଲଙ୍କା ପ୍ରତିପକ୍ଷ ମହିନ୍ଦା ରାଜପାକ୍ସେଙ୍କ ସହିତ ଭର୍ଚୁଆଲ୍ ବୈଠକରେ ଯୋଗଦେଇଛନ୍ତି। ମୋଦି ରାଜପାକ୍ସେଙ୍କ ଦଳ କ୍ଷମତାକୁ ଆସିଥିବାରୁ ଏହାକୁ ସ୍ୱାଗତ କରିଛନ୍ତି। କରୋନା ମହାମାରୀ ସଙ୍କଟ ସମୟରେ ଶ୍ରୀଲଙ୍କା ପକ୍ଷରୁ ମିଳିଥିବା ସହାୟତାକୁ ପ୍ରଶଂସା କରିଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ମୋଦି ଏବଂ ରାଜପାକ୍ସେଙ୍କ ମଧ୍ୟରେ ଆଲୋଚନା ହୋଇଛି। ଭାରତ ସରକାର ସାଗର ଡକ୍ଟ୍ରାଇନ୍ ଅନ୍ତର୍ଗତ ଶ୍ରୀଲଙ୍କା ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଗୁରୁତ୍ୱ ଦେଉଥିବା ଏହି ଅବସରରେ ମୋଦି କହିଛନ୍ତି। ଦୁଇଦେଶର ବହିର୍ବ୍ୟାପାର ନୀତି ଆଗାମୀ ଦିନରେ ବନ୍ଧୁତା କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୋଦି ଏବଂ ରାଜପାକ୍ସେ ମତପୋଷଣ କରିଛନ୍ତି।

# ସିବିଆଇ ଚାର୍ଜଶିଟ୍‌ରେ ୯ ପୋଲିସ

## ବାପ-ପୁଅ ହାଜତ ମୃତ୍ୟୁ ମାମଲା

ହାଇଦ୍ରାବାଦ୍, ୨୬।୯

ତାମିଲନାଡୁର ଟୁଟିକୋରିନ୍ ହାଜତ ମୃତ୍ୟୁ ମାମଲା ଏବେ ଗୁରୁଗମ୍ଭୀର ରୂପ ଧାରଣ କରିଛି। ବାପ-ପୁଅଙ୍କ ହାଜତ ମୃତ୍ୟୁକୁ ନେଇ ସିବିଆଇ ପକ୍ଷରୁ ୯ ପୋଲିସଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଜୟରାଜ୍(୫୯) ଓ ପୁଅ ବେନିକ୍ସ(୩୧)ଙ୍କୁ ସଓନ୍‌କୁଲମ୍ ପୋଲିସ ଜୁନ୍ ୧୯ରେ ରାତିତମାମ୍ ହାଜତ୍‌ରେ ମାଡ଼ମାରି ନିର୍ଯାତନା ଦେବା ଘଟଣା ଜଣାପଡ଼ିବା ପରେ ସାଧାରଣରେ ସମାଲୋଚନା କରାଯାଇଛି। ପ୍ରକାଶଥାଉ କି, କଟକଣା ସତ୍ତ୍ୱେ ନିଜର ମୋବାଇଲ ଫୋନ୍ ଦୋକାନ ଖୋଲା ରଖିବା ଅଭିଯୋଗରେ ପୋଲିସ ବାପ-ପୁଅଙ୍କୁ ଗିରଫ କରିଥିଲା। ପୋଲିସ ଦୁହିଁଙ୍କୁ ହାଜତକୁ ଆଣି ଅକଥନୀୟ ନିର୍ଯାତନା ଦେବାରୁ ସେମାନଙ୍କ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ପୋଲିସ ମାଡ଼ରେ ବାପ-ପୁଅ ଗୁରୁତର ହୋଇଥିବା ପରିବାର ପକ୍ଷରୁ ମଧ୍ୟ ଅଭିଯୋଗ କରାଯାଇଥିଲା। ଏଭଳି ଘଟଣାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ଇ. ପାଲାନିସାମୀ ମାମଲାର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ବିରୋଧୀ ଡିଏମ୍‌କେ ପକ୍ଷରୁ ଏଆଇଏଡିଏମ୍‌କେ ସରକାରକୁ ଏଥିଲାଗି ସମାଲୋଚନା କରାଯାଇଥିଲା। ପାଲାନିସାମୀ ସରକାରକୁ ଅଭିନେତାରୁ ରାଜନେତା ସାଜିଥିବା କମଲ ହାସନ୍ ମଧ୍ୟ ସମାଲୋଚନା କରିଥିଲେ।



ବେନିକ୍ସ



ଜୟରାଜ୍

# ଗଣବଳାତ୍କାର ପରେ ମହିଳାଙ୍କ ଜିଭ କାଟିଦେଲେ

## ୪ ଯୁବକ ଗିରଫ

ଲକ୍ଷ୍ନୌ, ୨୬।୯

ପଶ୍ଚିମ ଉତ୍ତରପ୍ରଦେଶର ହଥରାସ୍‌ରେ ଜଣେ ଅନୁସୂଚିତ ଜାତିର ମହିଳା(୨୦)ଙ୍କୁ ଗ୍ରାମର ୪ ଜଣ ଉଚ୍ଚଜାତିର ଯୁବକ ଅମାନୁଷିକ ଭାବେ ଗଣବଳାତ୍କାର କରିବା ପରେ ଜିଭ କାଟି ଦେଇଛନ୍ତି। ପୀଡ଼ିତା ଜଣକ ଏବେ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପୀଡ଼ିତାଙ୍କୁ ତୁରନ୍ତ ଦିଲ୍ଲୀ ସ୍ଥାନାନ୍ତର କରିବା ଲାଗି ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଜେଲକୁ ପଠାଇଥିବା ଜଣାପଡ଼ିଛି।

ପୀଡ଼ିତାଙ୍କ ପରିବାର ପକ୍ଷରୁ ପୋଲିସକୁ ଦୋଷାରୋପ କରାଯାଇଛି। ପ୍ରାରମ୍ଭରେ ପୋଲିସ କୌଣସି ସହଯୋଗ କରି ନ ଥିବାବେଳେ ପରେ ପରିସ୍ଥିତିକୁ ଦେଖି ପଦକ୍ଷେପ ନେଇଥିବା ଅଭିଯୋଗ କରାଯାଇଛି। ଘଟଣାଟି ସେପ୍ଟେମ୍ବର ୧୪ର ହୋଇଥିବାବେଳେ ଏହା ଗମ୍ଭୀର ରୂପ ଧାରଣ କରିଛି। ପୋଲିସ ତଦନ୍ତ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଏସ୍‌ପି କହିଛନ୍ତି। ମାମଲାର ବିଚାର ଫାଷ୍ଟ ଟ୍ରାକ୍ କୋର୍ଟରେ କରିବା ଲାଗି ଜିଲା ଜଜ୍‌ଙ୍କୁ ଅନୁରୋଧ କରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ନୂଆ ସଂକ୍ରମଣ: ୧୦ ରାଜ୍ୟରୁ ୭୫% ମାମଲା

**ନୂଆଦିଲ୍ଲୀ, ୨୬।୯:** ଶନିବାର ୮୫,୩୬୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୫% ଆକ୍ରାନ୍ତ ୧୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଦ୍ୟାବଧି ୭ କୋଟି ନମୁନା ପରୀକ୍ଷଣ ହୋଇଛି। ଦୈନିକ ଯାଞ୍ଚ ଏବଂ ପରୀକ୍ଷଣ କ୍ଷମତା ୧୪ ଲକ୍ଷ ଟପିଛି। ନୂତନ ସଂକ୍ରମଣ ମାମଲାରେ ମହାରାଷ୍ଟ୍ର ଆଗରେ ରହିଛି। ସେହିପରି ୭୫% ସଂକ୍ରମଣ ଚିହ୍ନଟ ହୋଇଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ କେରଳ, ତାମିଲନାଡୁ, ଉତ୍ତରପ୍ରଦେଶ, ଓଡ଼ିଶା, ଦିଲ୍ଲୀ, ପଶ୍ଚିମବଙ୍ଗ, ଛତିଶଗଡ଼ ଅଛନ୍ତି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ୧,୦୮୯ ଜଣଙ୍କ ମୃତ୍ୟୁ ଘଟିଛି।

## ଫୁରସତ୍

# ଭାରତୀୟମାନେ ବେଶି ଫୁର୍ତ୍ତି

ଖାଦ୍ୟପେୟ, ବ୍ୟାୟାମକୁ ବେଶି ଗୁରୁତ୍ୱ ଦେଇଥାନ୍ତି ପାଶ୍ଚାତ୍ୟ ଦେଶର ବାସିନ୍ଦା। ସୁଷମ ଖାଦ୍ୟର ତୁଳନାତ୍ମକ ଦିଗକୁ ଦେଖିଲେ ଭାରତୀୟମାନେ ବହୁ ପଛରେ। ହେଲେ ଶାରୀରିକ ପରିଶ୍ରମ ପାଇଁ ଭାରତୀୟମାନେ ପାଶ୍ଚାତ୍ୟ ଦେଶର ନାଗରିକଙ୍କ ତୁଳନାରେ ବେଶ୍ ଫୁର୍ତ୍ତି।



ଭାରତରେ ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ ରୋଗୀ ସଂଖ୍ୟା ଲଗାତର ବଢ଼ିବାରେ ଲାଗିଛି। ୨୦୧୮ରେ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର)ର ତଥ୍ୟ ଅନୁଯାୟୀ ଭାରତୀୟମାନେ ଶାରୀରିକସ୍ତରରେ ଅନେକ କ୍ଷେତ୍ରରେ ଅନ୍‌ଫିଟ୍ ବୋଲି କୁହାଯାଇଛି। ୧୯୯୦ରୁ ୨୦୧୬ରେ ଲାଇଫ୍‌ଷ୍ଟାଇଲ୍ ପାଇଁ ହେଉଥିବା ରୋଗଜନିତ ମୃତ୍ୟୁ ୩୭ପ୍ରତିଶତରୁ ସିଧାସଳଖ ୬୧ପ୍ରତିଶତରେ ପହଞ୍ଚିଛି। ଏସବୁ ସତ୍ତ୍ୱେ ଭାରତୀୟମାନେ ପାଶ୍ଚାତ୍ୟ ରାଷ୍ଟ୍ର ତୁଳନାରେ ବେଶି ଫୁର୍ତ୍ତିଲା ସ୍ୱଭାବର ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ବିଜ୍ଞାନ ପତ୍ରିକା 'ଲାନସେଣ୍ଟ' ପକ୍ଷରୁ ୧୨୨ ଦେଶର ୧୫ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା, ଯେଉଁଥିରେ ଭାରତୀୟଙ୍କୁ ସମ୍ପୂର୍ଣ୍ଣ ଅନ୍‌ଫିଟ୍ ବୋଲି କୁହାଯାଇ ନାହିଁ। ଅଧ୍ୟୟନର ତଥ୍ୟ ଅନୁଯାୟୀ, ୧୫.୬ପ୍ରତିଶତ ଭାରତୀୟ ଶାରୀରିକ ଶ୍ରମକୁ ପସନ୍ଦ କରନ୍ତି ନାହିଁ। ପାଶ୍ଚାତ୍ୟ ଦେଶ ତୁଳନାରେ ସିଂହଭାଗ ଭାରତୀୟ ବେଶ୍ ଫୁର୍ତ୍ତିଲା ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି, ୬୩.୩ପ୍ରତିଶତ ବ୍ରିଟିଶ, ୬୦.୨ପ୍ରତିଶତ ଜାପାନୀ, ୪୦.୫ପ୍ରତିଶତ ଆମେରିକୀୟ ଭାରତୀୟଙ୍କ ତୁଳନାରେ ଶାରୀରିକ ପରିଶ୍ରମ କରନ୍ତି ନାହିଁ। ଏହାର କାରଣରେ କୁହାଯାଇଛି, ଅଧିକାଂଶ ଭାରତୀୟ ସିଧାସଳଖ ଶାରୀରିକ ପରିଶ୍ରମ କ୍ଷେତ୍ର ଉପରେ ନିର୍ଭରଶୀଳ। ଗ୍ରାମାଞ୍ଚଳବାସୀ ଚାଷ, ମୂଲମଜୁରି କାମ ସହିତ ଜଡ଼ିତ। ତେଣୁ ସେମାନେ ବେଶି ଫୁର୍ତ୍ତିଲା ସ୍ୱଭାବର। ଅପରପକ୍ଷେ ପଡ଼ୋଶୀ ବାଂଲାଦେଶ ଫିଟ୍ ଜନସମୂହ ତାଲିକାରେ ଆଗରେ ରହିଛି। ଏଠାରେ ମାତ୍ର ୪.୭ପ୍ରତିଶତ ଲୋକ ଅନ୍‌ଫିଟ୍ ବୋଲି ଜଣାପଡ଼ିଛି। ଭାରତରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଅନ୍‌ଫିଟ୍। ହେଲ୍‌ଥ ଏବଂ ଫିଟନେସ ଆପ୍ ଜରିଆରେ ହୋଇଥିବା ସର୍ଭେରେ ଏହି ତଥ୍ୟ ସାମ୍ନାକୁ ଆସିଛି। ହାରାହାରି ୩୫ପ୍ରତିଶତ ମହିଳା କାର୍ଯ୍ୟରେ ଫୁର୍ତ୍ତି ଦେଖାଇ ନ ଥାନ୍ତି। ଏପରିକି ଦୈନିକ ଗ୍ରହଣ କରୁଥିବା କ୍ୟାଲୋରିର ଅଧା ମଧ୍ୟ ଖର୍ଚ୍ଚ କରି ନ ଥାନ୍ତି। ଏହି କ୍ୟାଲୋରି ଜମାହୋଇ ସେମାନଙ୍କ ଶରୀରକୁ ଅନ୍‌ଫିଟ୍ କରିଦେଉଛି। ଅନ୍ୟପଟେ ଭାରତୀୟ ପୁରୁଷମାନେ ଦୈନନ୍ଦିନ ଗ୍ରହଣ କରୁଥିବା କ୍ୟାଲୋରିର ୪୪ପ୍ରତିଶତ ଖର୍ଚ୍ଚ କରିବାରେ ସମର୍ଥ। ଜଳବାୟୁ, ଖାଦ୍ୟଗ୍ରହଣ ପ୍ରକ୍ରିୟାକୁ ଦେଖିଲେ ଜଣେ ଭାରତୀୟଙ୍କୁ ଦୈନିକ ୪୭୬ କ୍ୟାଲୋରି ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି। ହେଲେ ସେମାନେ ଏହାର ଅଧାରୁ କମ୍ କ୍ୟାଲୋରି ଖର୍ଚ୍ଚ କରିବାରେ ସମର୍ଥ। ସହରୀ ଭାରତୀୟ ଦୈନିକ ୪୦୭ କ୍ୟାଲୋରି ଖର୍ଚ୍ଚ କରିଥାନ୍ତି। ଛୋଟ ସହରରେ ଏହା ୩୭୧ କ୍ୟାଲେରି। ଏହାକୁ ଦେଖିଲେ ଗୁରୁଗ୍ରାକ, ପେଙ୍ଗାଲୁରୁ, ନଏଡ଼ା ଅଞ୍ଚଳବାସୀ ଅଧିକ ଫିଟ୍। ଅନ୍ୟପଟେ କୋଲକାତା, ଜୟପୁର, ଲକ୍ଷ୍ନୌ, ଅହମ୍ମଦାବାଦ ଭଳି ସହରବାସୀ ତୁଳନାତ୍ମକ ଭାବେ ଅନ୍‌ଫିଟ୍ ବୋଲି 'ଲାନସେଣ୍ଟ'ରେ କୁହାଯାଇଛି।

ତେବେ ଫିଟ୍‌ନେସ ଉପରେ ସର୍ଭେ କରୁଥିବା ଅନେକ ଅନ୍ତର୍ଜାତୀୟ ସଂସ୍ଥା ଭିନ୍ନ ମତ ଦେଇଛନ୍ତି। ହେଲ୍‌ଥ ଫିଟ୍‌ନେସ ରେଭୋଲ୍ୟୁଶନର ଫାଉଣ୍ଡର ତଥା ଖ୍ୟାତନାମା ଫିଟ୍‌ନେସ୍ ଏକ୍ସପର୍ଟ ସମୀର ବେସିସ୍‌ଙ୍କ ଦ୍ୱାରା କରାଯାଇଥିବା ଶ୍ରେଷ୍ଠ ୫୦ ଫିଟ୍‌ନେସ ଦେଶ ତାଲିକାରେ ଭାରତକୁ ସାମିଲ କରାଯାଇନାହିଁ। ପଶ୍ଚିମ ୟୁରୋପୀୟ ଦେଶ ମୋନାକୋକୁ ସବୁଠାରୁ ସ୍ୱାସ୍ଥ୍ୟପ୍ରଦ ଦେଶ ଭାବେ ତାଲିକାଭୁକ୍ତ କରାଯାଇଛି। ଏହି ଦେଶବାସୀ ମୁଖ୍ୟତଃ ସାମୁଦ୍ରିକ ଖାଦ୍ୟ ଏବଂ ସବୁଜ ପରିବା (ମେଡିଟେରାନିଏନ ଡାଏଟ୍)କୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ହୃଦ୍‌ରୋଗ କମାଇବା ଲକ୍ଷ୍ୟରେ ୧୯୬୦ରୁ ମେଡିଟେରାନିଏନ ଡାଏଟ୍ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ସମଗ୍ର ୟୁରୋପରେ ଲୋକପ୍ରିୟ ହୋଇଗଲା। ଏବେ ଏକାଥରକେ ପ୍ରଚୁର ପରିମାଣରେ ଖାଦ୍ୟ ଗ୍ରହଣ କରିବା ବଦଳରେ ଅଳ୍ପ ଅଳ୍ପ କରି ଅଧିକ ଥର ଖାଇବା ୟୁରୋପରେ ସଂସ୍କୃତି ପାଲଟିଛି। ଖେଳକୁଦ ଉପରେ ଅଧିକ ଗୁରୁତ୍ୱ ମଧ୍ୟ ଦିଆଯାଉଛି। ଫଳରେ ଏଠାକାର ହାରାହାରି ଆୟୁ ୮୯%ରେ ପହଞ୍ଚିଛି।

# ଦୁଇ ଭୂମିକାରେ ସଫଳ



ଐଶ୍ୱର୍ଯ୍ୟା ରାୟ ବଚ୍ଚନ

**ଅ**ଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ। ଅଭିନୟ ଆଉ ବାସ୍ତବ ଜୀବନର ମା' ଭୂମିକା ଉଭୟରେ ସେ ସଫଳ। ଏ ସମ୍ପର୍କରେ ଐଶ୍ୱର୍ଯ୍ୟା କହିଛନ୍ତି 'ସଫଳ ବିଫଳ ଭିନ୍ନ କଥା କିନ୍ତୁ ଉଭୟ ଭୂମିକାରେ ମୋ ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିବା ଲାଗି ଚେଷ୍ଟା କରିଚାଲିଛି। ପରିଶ୍ରମକୁ କେବେ ଭୟ କରିନି। ତେବେ ଆରାଧ୍ୟା ଆସିବା ପରେ ମୋ ଦୁନିଆ ବଦଳିଗଲା। ମା' ଭୂମିକାର ଗୁରୁ ଦାୟିତ୍ୱକୁ ତୁଲାଇବା ଲାଗି ଚେଷ୍ଟା ଚଳାଇ ଆସିଛି'। ଐଶ୍ୱର୍ଯ୍ୟା ଯେଉଁଠାକୁ ବି ଯାଆନ୍ତି ତାଙ୍କ ସହ ଆରାଧ୍ୟାକୁ ଦେଖିବାକୁ ମିଳିଥାଏ। ସବୁବେଳେ ସେ ଝିଅର ହାତ ଧରିଥାନ୍ତି। ପୁଣି ଝିଅର ସମସ୍ତ କାମ ନିଜେ କରିଥାନ୍ତି। ଝିଅକୁ ସ୍କୁଲରେ ଛାଡ଼ିବା ଆଉ ଆଣିବାକୁ ନିଜେ ଯାଇଥାନ୍ତି। ଆରାଧ୍ୟାଙ୍କ ସ୍କୁଲର ପ୍ରତିଟି ସମାରୋହରେ ସେ ଉପସ୍ଥିତ ରୁହନ୍ତି ଏବଂ ଝିଅକୁ ସମର୍ଥନ ମଧ୍ୟ କରିଥାନ୍ତି। ଐଶ୍ୱର୍ଯ୍ୟା କୁହନ୍ତି,ସତକଥା ମୋ' ଝିଅ ପାଇଁ ପ୍ରଥମ ପ୍ରାଥମିକତା। ଆଉ ତା' ପାଇଁ ସବୁକିଛି କରିବାକୁ ମୁଁ ସବୁବେଳେ ପ୍ରସ୍ତୁତ।

# ମୂଷାକୁ ମିଳିଲା ବୀରତା ପୁରସ୍କାର

**ଫୋନମ୍ ପେନ୍‌:** ମୂଷାକୁ ପୁଣି ବୀରତା ପୁରସ୍କାର, ଯେ କେହି ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ତେବେ କାମ୍ବୋଡ଼ିଆରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୂଷାକୁ ଦିଆଯାଇଥିବା ପୁରସ୍କାର ପୃଥିବୀରେ ଏବେ ଚର୍ଚ୍ଚାରେ ରହିଛି। ମୂଷାଟି ୧୫ ଲକ୍ଷ ବର୍ଗ ଫୁଟ ଅଞ୍ଚଳରେ ଥିବା ବାରୁଦ ସୁଡ଼ଙ୍ଗ ଠାବ କରିବାରେ ସହାୟତା କରିଥିଲା। ୧୯୭୦ରୁ ୧୯୮୦ ମଧ୍ୟରେ ଏହି ବାରୁଦ ସୁଡ଼ଙ୍ଗ ଖୋଳାଯାଇଥିଲା। ଆଫ୍ରିକାରେ ବାସ କରୁଥିବା ପ୍ରଜାତିର ମଗଓ୍ୱା ନାମକ ୭ ବର୍ଷ ବୟସ୍କ ଏହି ମୂଷା ୩୯ଟି ବାରୁଦ ସୁଡ଼ଙ୍ଗ ସମ୍ପର୍କରେ ସୁରକ୍ଷାକର୍ମୀଙ୍କୁ ଆବଶ୍ୟକ ସୂଚନା ଦେଇଥିଲା। ସେହିପରି ୨୮ଟି ବିସ୍ଫୋରକର ସନ୍ଧାନ କରିଥିଲା। ଏହାଦ୍ୱାରା ବହୁ ଧନଜୀବନ ସୁରକ୍ଷିତ ହୋଇପାରିଥିଲା। ମୂଷାର ଏଭଳି କାର୍ଯ୍ୟ ପାଇଁ ବ୍ରିଟେନ୍‌ର ଏକ ସଂସ୍ଥା ପିଡ଼ିଏସ୍‌ଏ ପକ୍ଷରୁ ମୂଷାକୁ ବୀରତା ପୁରସ୍କାର ସ୍ୱରୂପ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି। ଗୃହ ଯୁଦ୍ଧ ଲାଗି ଥିବା ସମୟରେ ଏହି ସୁଡ଼ଙ୍ଗ ଖୋଳାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ଘଟିଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ସୁଡ଼ଙ୍ଗ ଠାବ କରିବା ଲାଗି ମୂଷାର ସହାୟତା ନିଆଯାଇଥିଲା। ମଗଓ୍ୱାର ଓଜନ ୧.୨ କିଲୋଗ୍ରାମ୍ ଥିବାବେଳେ ଲମ୍ବ ୭୦ ସେଣ୍ଟିମିଟର। ପ୍ରାୟତଃ ଏହି ପ୍ରଜାତି ମୂଷା ୮ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥାନ୍ତି ବୋଲି କାଲିଫର୍ନିଆ ଚିଡ଼ିଆଖାନା ପକ୍ଷରୁ କୁହାଯାଇଛି।



# ନିଖୋଜ ରକେଟ ଏବେ ପୃଥିବୀ ମୁହାଁ



**ୱାଶିଂଟନ:** ୧୯୬୦ରେ ମହାକାଶରେ ନିଖୋଜ ହୋଇଯାଇଥିବା ଏକ ରକେଟ ଏବେ ପୃଥିବୀ ମୁହାଁ ହୋଇଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି। ଏହି ରକେଟର ଲମ୍ବ ୪୫ ମିଟର ହୋଇଥିବାବେଳେ ଚଉଡ଼ା ୨୦ ମିଟର। ଗତ ଏକ ବର୍ଷ ଧରି ଏହା ସୂର୍ଯ୍ୟ ଆଖପାଖରେ ଘୂରି ବୁଲୁଥିଲା। ଏବେ ଏହା ପୃଥିବୀ ମୁହାଁ ହୋଇଛି। ରକେଟଟି ୨୦୨୦ ଅକ୍ଟୋବରରୁ ୨୦୨୧ ନଭେମ୍ବର ପର୍ଯ୍ୟନ୍ତ ପୃଥିବୀର ପାଖାପାଖି ରହିବାର ଆଶଙ୍କା ରହିଛି ବୋଲି ନାସାର ଜେଟ୍ ପ୍ରୋପଲେଶନ୍ ଲାବରେଟୋରିର ସେଣ୍ଟର ଫର୍ ନିୟର ଆର୍ଥ ଅବଜେକ୍ଟ ଷ୍ଟଡିଜ୍‌ର ନିର୍ଦ୍ଦେଶକ ପଲ୍ ଚୋଡାସ୍ କହିଛନ୍ତି। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଏହା ଟାଣି ହୋଇ ପୃଥିବୀର ବାୟୁ ମଣ୍ଡଳକୁ ଆସିଲେ ବିପଦ ସୃଷ୍ଟି ହୋଇପାରେ ବୋଲି ସେ କହିଛନ୍ତି। ତେବେ ରକେଟଟି ପୃଥିବୀଠାରୁ ୨୭ ହଜାର ମାଇଲ୍ ଦୂରରେ ଅତିକ୍ରମ କରିବାର ଅନୁମାନ କରାଯାଉଛି। ଏହା ଘଣ୍ଟାପ୍ରତି ୩,୦୨୫ କିଲୋମିଟର ବେଗରେ ଗତି କରୁଛି। ୨୦୨୦ ଡିସେମ୍ବରରେ ଏହା ପୃଥିବୀଠାରୁ ୫୦ ହଜାର କିଲୋମିଟର ଦୂରରେ ରହିବ। ୨୦୨୦ ଅଗଷ୍ଟ ୧୯ରେ ମହାକାଶ ବିଜ୍ଞାନୀ ଏକ ଉଜ୍ଜ୍ୱଳ ବସ୍ତୁକୁ ଠାବ କରିଥିଲେ। ପରେ ସେପ୍ଟେମ୍ବର ୧୭ରେ ଏହା ନିଖୋଜ ରକେଟ ବୋଲି ନାସା କହିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୮୮୫,୬୪୧ | ୯,୯୫,୩୪୬ | ୨୪,୨୬୦,୩୯୮ |
| ଭାରତ | ୫୯,୫୪,୯୩୨ | ୯୩,୯୧୪ | ୪୮,୯୩,୬୭୪ |
| ଓଡ଼ିଶା | ୨,୦୫,୪୫୨ | ୭୮୩(+୫୩) | ୧,୭୦,୧୯୩ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସିଭିଲ୍ ସର୍ଭିସ୍ ପ୍ରିଲିମ୍ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୨୬ା୯(ବ୍ୟୁରୋ):** ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ଅକ୍ଟୋବର ୪ରେ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀଙ୍କ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ଆସନ୍ତା ୩ ତାରିଖରେ ରାଜ୍ୟରେ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ରେଳ ମନ୍ତ୍ରଣାଳୟର ନିର୍ଦ୍ଦେଶପରେ ଶନିବାର ଏନେଇ ପୂର୍ବତଟ ରେଳପଥ ଘୋଷଣା କରିଛି। ଦିଆଯାଇଥିବା ସୂଚନାନୁସାରେ, ବ୍ରହ୍ମପୁର, କେନ୍ଦୁଝରଗଡ଼, ଖରିଆର ରୋଡ୍ ଏବଂ ଇଚ୍ଛାପୁରମ୍ ରେଳ ଷ୍ଟେଶନରୁ ଅପରାହ୍ନ ୪ଟାରେ ସ୍ୱତନ୍ତ୍ର ଟ୍ରେନ୍ ଛାଡ଼ିବ ଓ ସେହିଦିନ ସନ୍ଧ୍ୟା ସୁଦ୍ଧା ଗନ୍ତବ୍ୟସ୍ଥଳରେ ପହଞ୍ଚିବ। ସେହିଭଳି ଭୋର୍ ୫ଟା ଓ ଅପରାହ୍ନ ୧ଟାରେ କୋରାପୁଟରୁ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ବାହାରି ସନ୍ଧ୍ୟାରେ ପରୀକ୍ଷା ହେଉଥିବା ସହରରେ ପହଞ୍ଚିବ। ବ୍ରହ୍ମପୁର-କଟକ ମେମୁ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, କେନ୍ଦୁଝରଗଡ଼-କଟକ ମେମୁ ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, ଇଚ୍ଛାପୁରମ୍-ବିଶାଖାପାଟଣା ମେମୁ, ଖରିଆର ରୋଡ୍-ସମ୍ବଲପୁର ପରୀକ୍ଷା ସ୍ୱତନ୍ତ୍ର, କୋରାପୁଟ-କଟକ ପାସେଞ୍ଜର ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍, କୋରାପୁଟ-ବିଶାଖାପାଟଣା ପାସେଞ୍ଜର ପରୀକ୍ଷା ସ୍ୱତନ୍ତ୍ର, ରାଉରକେଲା-କଟକ ଭାୟା ଝାରସୁଗୁଡ଼ା ପରୀକ୍ଷା ସ୍ୱତନ୍ତ୍ର, ବାରିପଦା-କଟକ ପରୀକ୍ଷା ସ୍ୱତନ୍ତ୍ର ଏବଂ ବିଜୟୱାଡ଼ା-ବିଶାଖାପାଟଣା ପରୀକ୍ଷା ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ଅଧୀନରେ ପରୀକ୍ଷାର୍ଥୀଙ୍କୁ ସେବା ଯୋଗାଇବ।

### ଟ୍ରକ୍ ଧକ୍କାରେ ୨ ବାଇକ ଆରୋହୀ ମୃତ

**ଛେଣ୍ଡିପଦା,୨୬ା୯(ଡି.ଏନ.ଏ.):** ଅନୁଗୋଳ ଜିଲା ଜରପଡା ଥାନା ଛେଣ୍ଡିପଦା-ଜରପଡା ରାସ୍ତାର ରେଲୱେ ଓଭର ବ୍ରିଜ ନିକଟରେ ଶନିବାର ଏକ ଟ୍ରକ୍ ସାମ୍ନା ପଟରୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅନୁଗୋଳ ଥାନା ରାଣୀଗୋଡା ଗ୍ରାମର ବାବୁଲି ଦେହୁରୀ ଏବଂ ଛେଣ୍ଡିପଦା ଥାନା ମୁଣ୍ଡାମାଳ ସାହିର ନାରାୟଣ ସାହୁ। ମଧ୍ୟାହ୍ନରେ ଟ୍ରକ୍(ନଂ. ଓଡି ୩୫ଡି ୦୬୩୪) ଜରପଡାରୁ ଛେଣ୍ଡିପଦା ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

# ଓଟିଭି ନାଁରେ ଜମି ହଡ଼ପ ଅଭିଯୋଗ


ଓଟିଭି କର୍ତ୍ତୃପକ୍ଷଙ୍କ ବିରୋଧରେ ଜମି ହଡ଼ପ ଅଭିଯୋଗ ଆଣି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଫେରାଦ ହୋଇଛନ୍ତି।

**ଖୋର୍ଦ୍ଧା ଅଫିସ,୨୬ା୯**

- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ
- ଜମିରେ ହୋଇଛି କୋଠା, ପାଚେରି, ରାସ୍ତା ନିର୍ମାଣ
- ପ୍ରତିବାଦ କଲେ ମିଳୁଛି ହତ୍ୟା ଧମକ
- ଘଟଣାର ତଦନ୍ତ କରାଯିବ: ଅତିରିକ୍ତ ଜିଲାପାଳ

ଓଡ଼ିଶା ଟେଲିଭିଜନ (ଓଟିଭି) କର୍ତ୍ତୃପକ୍ଷଙ୍କ ବିରୋଧରେ ଚାଷଜମି ହଡ଼ପ କେଳେଙ୍କାରୀ ଅଭିଯୋଗ ଆସିଛି। ଶନିବାର ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ, ଜୟମଙ୍ଗଳ ଓ ଗଉଡ଼ପୁଟ ଗ୍ରାମର ଶତାଧିକ ଚାଷୀ ସମ୍ପୃକ୍ତ ଚ୍ୟାନେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ପ୍ରାୟ ୧୦ବର୍ଷ ତଳେ ସାରୁଅ ଗ୍ରାମର କେତେଜଣ ଲୋକଙ୍କୁ ପ୍ରଲୋଭନ ଦେଖାଇ ମୂଲ୍ୟବାନ ଚାଷ ଜମିକୁ ଶାଗମାଛ ଦରରେ ଓଟିଭି କର୍ତ୍ତୃପକ୍ଷ ହଡ଼ପ କରିନେଇଥିଲେ। ସେହି ଜମିରେ ବଡ଼ କୋଠା, ପାଚେରି ନିର୍ମାଣ କରାଯାଇଛି। ଏପରି କି ଚାଷ ଜମିରେ ରାସ୍ତା ନିର୍ମାଣ ମଧ୍ୟ ହୋଇଛି। ଫଳରେ ଚାଷୀମାନେ ସେମାନଙ୍କ ଜମିକୁ ଯିବାଲାଗି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦ କଲେ ଓଟିଭି କର୍ତ୍ତୃପକ୍ଷଙ୍କ ଭଡ଼ାଟିଆ ଗୁଣ୍ଡାମାନେ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏ ଅଞ୍ଚଳରେ ଥିବା ସମସ୍ତ ଜମିକୁ ଆମେ ଏପରି ହଡ଼ପ କରିନେବୁ, ଯାହାକୁ ଗୁହାରି କରିବାର ଅଛି କର, ଆମ୍ଭର କେହି କିଛି କରିପାରିବେ ନାହିଁ ବୋଲି କହୁଛନ୍ତି। ଫଳରେ ଚାଷୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଜମିକୁ ଯିବା ଲାଗି ରାସ୍ତାର ବ୍ୟବସ୍ଥା, ଚାଷଜମିର ସୁରକ୍ଷା ଲାଗି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଚାଷୀମାନେ ସାମୂହିକ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀଙ୍କୁ ପଚାରିବାରେ ସେ କହିଛନ୍ତି, ଓଟିଭି ବିରୋଧରେ ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ଚାଷ ଜମି ଉପରେ ବେଆଇନ କୋଠା, ପାଚେରି ନିର୍ମାଣ ଏବଂ ଜମିକୁ ଯିବା ଲାଗି ରାସ୍ତା ଅବରୋଧ ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗ ସଂକ୍ରାନ୍ତରେ ଓଟିଭିର ସାଇଟ ଇନଚାର୍ଜ ଅନିରୁଦ୍ଧ ପଣ୍ଡାଙ୍କ ମୋବାଇଲ ନଂ. ୯୬୭୭୫୮୮୭୭୮ରେ ଯୋଗାଯୋଗ କରାଯାଇଥିଲା। ହେଲେ ଏନେଇ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ପ୍ରକାଶ ଯେ, ଓଟିଭି କର୍ତ୍ତୃପକ୍ଷ କୃଷି ଏବଂ ଫାର୍ମ ହାଉସ କରିବାକୁ ପ୍ରତିଶ୍ରୁତି ଦେଇ ଜମି କିଣିଥିଲେ। ୨୦୧୬ ନଭେମ୍ବରରେ ଉକ୍ତ ଚାଷ ଜମିରେ ବେଆଇନ ଭାବେ କୋଠା ଓ ରାସ୍ତା ନିର୍ମାଣ କରାଯିବାରୁ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ସେତେବେଳେ ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ଅଭିଯୋଗକାରୀ ଚାଷୀ ଜଳଧର ମହାଭୋଇ, ସୁଦର୍ଶନ ସାହୁ, ଜଗନ୍ନାଥ ମହାଭୋଇ, ବୁଲୁ ବେହେରା, ସୁବନ ଗିରି ପ୍ରମୁଖ କହିଛନ୍ତି।


ଶ୍ରୀଯୁକ୍ତ ଜିଲ୍ଲାପାଳ ମହୋଦୟ, ଖୋର୍ଦ୍ଧା ।

ବିଷୟ- ସାରୁଅ ଗ୍ରାମରେ OTV ର ଦୌରାତ୍ମ୍ୟ(ଭାତହାଣ୍ଡି ଉପରେ ମାଡ଼)

ମହାଶୟ

ନିବେଦନ ର ଅଭିପ୍ରାୟ ଏହିକି ଯେ ଆମ୍ଭେ ନିମ୍ନଲିଖିତ ଦରଖାସ୍ତ କାରୀ, ସାରୁଅ, ଜୟ ମଙ୍ଗଳ ଓ ଗୌଡପୁଟ ଗ୍ରାମ ର ଅଧିବାସୀ ଅଟୁ। କିଛି ବର୍ଷ ପୂର୍ବେ ଆମ ଅଞ୍ଚଳକୁ ଓଟିଭି ର ଲୋକମାନେ ଆସି ବିଭିନ୍ନ କଥା କହି ଜମି କିଣିଲେ। ଉକ୍ତ ଜମି ରେ ଏବେ ବଡ଼ବଡ଼ ଘର, ପାଚେରୀ, ପୋଖରୀ, ରାସ୍ତା ଆଦି ତିଆରି କରିଲେ ଏବଂ ଅଦ୍ୟାବଧି ସେ କାର୍ଯ୍ୟ ଚାଲୁରହିଛି। ଦୁଃଖ ଓ ପରିତାପର ବିଷୟ ଏବେ ଆମ୍ଭେ ମାନେ ଆମ ଚାଷ ଜମିକୁ ଯାଇପାରୁନାହୁ।

ଆମେ ପ୍ରତିବାଦ କରିଲେ ଓଟିଭି ର ମାଲିକାଣୀ ଜାଗି ପଣ୍ଡାର ଗୁଣ୍ଡାମାନେ ଆମକୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି ଓ କହୁଛନ୍ତି ସବୁ ଜମିକୁ ଜବରଦଖଲ କରିବୁ। କାହାକୁ କହିବାର ଅଛି କୁହ।ଭୟଭିତ କରାଉଛନ୍ତି ତେଣୁ କିଛି ଲୋକ ଶାଗ ମାଛ ଦରରେ ଜମି ବିକ୍ରି କରିଦେଉଛନ୍ତି।ଜାଗି ପଣ୍ଡା ର ବାପା, ଭାଇ ଆସି ଏହି ଯାଗାରେ ରହୁଛନ୍ତି ଓ ସେମାନେ ମଧ୍ୟ ଧମକ ଦେଉଛନ୍ତି।

ଆମ ଚାଷ ଜମିକୁ ଯିବାକୁ ରାସ୍ତା ନାହିଁ କି ପାଣିର ସୁବିଧା ନାହିଁ ଏ ବିଷୟରେ କହିଲେ ନାଲି ଆଖି ଦେଖାଉଛନ୍ତି ଓ ଥାନା ର ଭୟ ଦେଖାଉଛନ୍ତି।

ଏଣୁ ଆପଣଙ୍କୁ ଆମ୍ଭମାନଙ୍କର ବିନୀତ ଅନୁରୋଧ ଆମ ଜମିର ସୁରକ୍ଷା ସହିତ ଚାଷ ଜମିକୁ ଯିବାକୁ ସୁବନ୍ଦୋବସ୍ତ କରିଦେଲେ ଆମେ ଗରିବ ପ୍ରଜା ଆମ ଜମିବାଡ଼ି ଚାଷ କରିପାରିବୁ ଏବଂ ଓଟିଭି ର ଦୌରାତ୍ମ୍ୟ ରୁ ରକ୍ଷା ପାଇବୁ। ଆମ ଭାତ ହାଣ୍ଡିର ସୁରକ୍ଷା, ନଚେତ ଆତ୍ମହତ୍ୟା ବ୍ୟତିତ ଅନ୍ୟ ଉପାୟ ନାହିଁ।

ଇତି

ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରର ନକଲ।

### ଧୁନି ଗାଦି ସୁରକ୍ଷା ଦାବି କଲେ ନାଗା ସାଧୁ

**ପୁରୀ ଅଫିସ,୨୬ା୯**

ଲଙ୍ଗୁଳି ମଠ ଧୁନି ଗାଦିର ସୁରକ୍ଷା ପାଇଁ ଶ୍ରୀକ୍ଷେତ୍ରରେ ଭିଡ଼ ଜମାଇଛନ୍ତି ବହୁ ନାଗା ସାଧୁ। ଶୁକ୍ରବାର ନାଗାସାଧୁମାନେ ଲଙ୍ଗୁଳି ମଠକୁ ଯିବା ପାଇଁ ଦାବି କରି ଶ୍ରୀମନ୍ଦିର ନିକଟରେ ଧାରଣାରେ ବସିଥିଲେ। ସେମାନଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଶନିବାର ପ୍ରଶାସନ ପକ୍ଷରୁ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ଟି. ଶାନ୍ତନୁ ପ୍ରମୁଖ ନିରଞ୍ଜନ ଗାଦିରେ ଆଲୋଚନା କରି ପ୍ରଶାସନ ନିକଟରେ ସାଧୁମାନେ ୫ ଦଫା ଦାବି ରଖିଛନ୍ତି।

ଐତିହ୍ୟ କରିଡର ପ୍ରକଳ୍ପ ପାଇଁ ଲଙ୍ଗୁଳି ମଠ ଉଚ୍ଛେଦ କରାଯାଇଛି। ଏହାପରେ ସେମାନଙ୍କ ଉପାସନା ପୀଠ ଧୁନି ଗାଦିକୁ ସେମାନଙ୍କୁ ଛଡ଼ାଯାଉ ନାହିଁ। ଫଳରେ ପୁରୁଣା ପରମ୍ପରା ଭଙ୍ଗ ହେଉଛି। ବର୍ତ୍ତମାନ ଲଙ୍ଗୁଳି ମଠର ଯିଏ ମହନ୍ତ ଅଛନ୍ତି ସେ ସାଧୁଙ୍କୁ ତଡ଼ିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନେ ଯେପରି ଲଙ୍ଗୁଳି ମଠରେ ରହି ସେବାପୂଜା କରିପାରିବେ ଏବଂ ମଠକୁ ଅନ୍ୟତ୍ର ଜାଗା ଦେବା ପାଇଁ ସାଧୁମାନେ ଦାବି କରିଛନ୍ତି। ନାଗା ସାଧୁ ସୋମନାଥ ପୁରୀ କହିଛନ୍ତି ପ୍ରଶାସନ ସହ ଆଲୋଚନା କରିଛୁ। ପୂର୍ବପରି ଧୁନି ସେବାର ଅଧିକାର, ଦୈନନ୍ଦିନ ସେବାପୂଜା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇବା, ଲଙ୍ଗୁଳି ମଠ ପାଇଁ ସରକାର ଯେଉଁ ଜାଗା ଦେବେ ତାହା ଉପରେ ବର୍ତ୍ତମାନ ମହନ୍ତଙ୍କ ପରିବର୍ତ୍ତେ ନାଗା ଲଙ୍ଗୁଳି ସନ୍ୟାସୀମାନଙ୍କର ଅଧିକାର ରହୁ ବୋଲି ଦାବି ରଖିଛୁ।



ବିନମ୍ର ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।

ସ୍ୱର୍ଗତ ନରସିଂହ ବିଶି

ଆବିର୍ଭାବ: ୧୨।୦୭।୧୯୪୪
ତିରୋଧାନ: ୧୭।୦୯।୨୦୨୦

ଶିକ୍ଷା ଏବଂ ଶିକ୍ଷାନୁଷ୍ଠାନମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ସମର୍ପିତ ବ୍ୟକ୍ତି ଥିଲେ ଶ୍ରୀ ନରସିଂହ ବିଶି। ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠା ଓ ବିକାଶ ଦିଗରେ ତାଙ୍କର ଉତ୍ସାହ ଅନୁକରଣୀୟ। ସମାଜକୁ ଶିକ୍ଷିତ, ସୁନ୍ଦର, ମାର୍ଜିତ ଓ ସୁସଂଗଠିତ କରିବା ପାଇଁ ତାଙ୍କର ପ୍ରୟାସ ଅତୁଳନୀୟ। ତାଙ୍କ ନିଃସ୍ୱାର୍ଥପର ନିରଳସ ଶ୍ରମ ଓ ସେବାର ସ୍ୱାକ୍ଷର ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କ ଦେହାନ୍ତରେ ଆମେ ମର୍ମାହତ, ଶୋକସନ୍ତପ୍ତ। ଅମର ଅମ୍ଳାନ ସ୍ମୃତି ପ୍ରତି ଭକ୍ତିପୂତ ପ୍ରଣତି।

ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ସମିତି ସଦସ୍ୟବୃନ୍ଦ, କର୍ମଚାରୀ ବୃନ୍ଦ ଏବଂ ଛାତ୍ରଛାତ୍ରୀମାନେ।


# ଅଧିକ ଷ୍ଟେଶନରେ ରହିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ୨୬ା୯ (ବ୍ୟୁରୋ)**

- କଟକଣା ହଟାଇଲା ପୂର୍ବତଟ ରେଳପଥ
- ଅକ୍ଟୋବର ପହିଲାରୁ ପୁରୀକୁ ଗଡ଼ିବ ୭ ସ୍ୱତନ୍ତ୍ର ଟ୍ରେନ

ଟ୍ରେନ୍ ଚଳାଚଳ ଉପରେ ରହିଥିବା କଟକଣାକୁ ଧୀରେ ଧୀରେ ହଟାଇ ଦିଆଯାଉଛି। ରାଜ୍ୟର ଅଧିକାଂଶ ରେଳ ଷ୍ଟେଶନ କିପରି ପୁନଃ ସକ୍ରିୟ ହୋଇପାରିବ ସେଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବତଟ ରେଳପଥକୁ ଚିଠି ଲେଖାଯାଇଥିଲା। ଶନିବାର ପୂର୍ବତଟ ରେଳପଥ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବିଭିନ୍ନ ଷ୍ଟେଶନରେ ଟ୍ରେନ୍ ରହିବା ଓ ଛାଡ଼ିବା ନେଇ ଯେଉଁ କଟକଣା ଥିଲା ତାହା ହଟାଇ ଦିଆଯାଇଛି। ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକ କିପରି ପୁରୀକୁ ଗସ୍ତ କରିବ ଓ ଅଧିକରୁ ଅଧିକ ଷ୍ଟେଶନରେ ରହଣି କରିବ ସେଥିପ୍ରତି ପୂର୍ବତଟ ରେଳପଥ ଧ୍ୟାନ ଦେଉଛି। ଅକ୍ଟୋବର ପହିଲାରୁ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଅତିରିକ୍ତ ରହଣି କରିବ। ଏସବୁ ଟ୍ରେନ୍ ମଧ୍ୟରେ ମୁମ୍ବାଇ-ଭୁବନେଶ୍ୱର-ମୁମ୍ବାଇ ସ୍ପେଶାଲ କୋଣାର୍କ ଏକ୍ସପ୍ରେସ୍, ସିକନ୍ଦରାବାଦ-ହାଓ୍ୱଡ଼ା-ସିକନ୍ଦରାବାଦ ଫଲକନୁମା ଏକ୍ସପ୍ରେସ୍, ଗୁଆହାଟୀ-ବାଙ୍ଗାଲୁରୁ-ଗୁଆହାଟୀ ଟ୍ରାଇ-ୱିକ୍ଲି ଏକ୍ସପ୍ରେସ୍, ହାଓ୍ୱଡ଼ା-ତିରୁଚିରାପଲି-ହାଓ୍ୱଡ଼ା ବାଏ ୱିକ୍ଲି ସ୍ପେଶାଲ, ଖୋର୍ଦ୍ଧାରୋଡ୍-ଅହମ୍ମଦାବାଦ-ଖୋର୍ଦ୍ଧାରୋଡ୍ ସ୍ପେଶାଲ, ଖୋର୍ଦ୍ଧାରୋଡ୍-ଓଖା-ଖୋର୍ଦ୍ଧାରୋଡ୍ ସ୍ପେଶାଲ, ଗାନ୍ଧୀ ଧାମ-ଖୋର୍ଦ୍ଧାରୋଡ୍-ଗାନ୍ଧୀଧାମ ସ୍ପେଶାଲ, ଭୁବନେଶ୍ୱର-ଅହମ୍ମଦାବାଦ-ଭୁବନେଶ୍ୱର ସ୍ପେଶାଲ ଭାୟା ସମ୍ବଲପୁର, ଭୁବନେଶ୍ୱର-ଦୁର୍ଗ-ଭୁବନେଶ୍ୱର ସ୍ପେଶାଲ ଭାୟା ସମ୍ବଲପୁର, ବିଶାଖାପାଟଣା-ଖୋର୍ଦ୍ଧା-ବିଶାଖାପାଟଣା ସ୍ପେଶାଲ ତା’ର ଯାତ୍ରା ସମୟରେ ଅଧିକରୁ ଅଧିକ ଷ୍ଟେଶନରେ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି।

ଅନ୍ୟପକ୍ଷେ ଅକ୍ଟୋବର ପହିଲାରୁ ପୁରୀକୁ ୭ ସ୍ୱତନ୍ତ୍ର ଟ୍ରେନ୍ ଗସ୍ତ କରିବ। ଏସବୁ ଟ୍ରେନ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ସ୍ପେଶାଲ ପୁରୁଷୋତ୍ତମ ଏକ୍ସପ୍ରେସ୍, ଭୁବନେଶ୍ୱର-ସିଲଡ଼ିଅ-ଭୁବନେଶ୍ୱର ଦୂରନ୍ତୋ ଏକ୍ସପ୍ରେସ୍, ଭୁବନେଶ୍ୱର-ଦୁର୍ଗ-ଭୁବନେଶ୍ୱର ସ୍ପେଶାଲ, ଖୋର୍ଦ୍ଧାରୋଡ୍-ଅହମ୍ମଦାବାଦ-ଖୋର୍ଦ୍ଧାରୋଡ୍ ସ୍ପେଶାଲ, ଭୁବନେଶ୍ୱର ଅହମ୍ମଦାବାଦ-ଭୁବନେଶ୍ୱର ସ୍ପେଶାଲ, ଖୋର୍ଦ୍ଧାରୋଡ୍-ଓଖା-ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବଂ ଖୋର୍ଦ୍ଧାରୋଡ୍-ଗାନ୍ଧୀଧାମ-ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବେ ପୁରୀ ଯାଏ ଯାତ୍ରା କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଅଚଳ ବୋର୍‌ୱେଲ୍‌ରେ ବଢ଼ିବ ଭୂତଳ ଜଳସ୍ତର





ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପ୍ରସ୍ତୁତ ନକ୍ସା ଓ ଅଚଳ ବୋରୱେଲ୍।

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୬ା୯**

**ନକ୍ସା ପ୍ରସ୍ତୁତ କଲା ଆର୍‌ଡବ୍ଲ୍ୟୁଏସ୍‌ଏସ୍**

ସମ୍ପ୍ରତି ରାଜ୍ୟ ଓ ଦେଶର ଏକ ବଡ଼ ସମସ୍ୟା ହେଉଛି ଭୂତଳ ଜଳସ୍ତର ହ୍ରାସ। ଏହି ସମସ୍ୟାର ସମାଧାନ କିପରି କରାଯିବ ସେନେଇ ବିଭିନ୍ନ ଚିନ୍ତା ଓ ଯୋଜନା କରାଯାଉଛି। ହେଲେ ରାଜ୍ୟର ବିଭିନ୍ନ ସ୍ଥାନରେ ପୂର୍ବରୁ ଖନନ ହୋଇ ଅଚଳ ଅବସ୍ଥାରେ ପଡ଼ିରହିଥିବା ସରକାରୀ ବୋର୍‌ୱେଲ୍‌ଗୁଡ଼ିକ ଦ୍ୱାରା ଭୂତଳ ଜଳ ପୁନଃ ଭରଣ କରାଯିବ। ଏଥିପାଇଁ ବୋର୍‌ୱେଲ୍‌ଗୁଡ଼ିକର ଚତୁଃପାର୍ଶ୍ୱରେ କୃତ୍ରିମ ପ୍ରଣାଳୀ ଅବଲମ୍ବନ କରାଯିବ, ଯାହାର ନକ୍ସା ପ୍ରସ୍ତୁତ କରିଛି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ। ଏହା ଯଦି ସଫଳ ହୁଏ ତେବେ ଭୂତଳ ଜଳସ୍ତର ବୃଦ୍ଧି ପାଇବ ବୋଲି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ଆଶା କରାଯାଇଛି। ଅନ୍ୟପକ୍ଷେ ଜଳ ସମ୍ପଦ ବିଭାଗ ପକ୍ଷରୁ ବାର୍ଷିକ ଭୂତଳ ଜଳ ପୁନଃ ଭରଣ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି।

ମେ ୨୦୧୬ରେ ଭୂତଳ ଜଳସ୍ତର ହ୍ରାସ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠିଥିଲା। ପ୍ରଶ୍ନରେ ଦର୍ଶାଯାଇଥିଲା ଯେ, କ୍ରମାଗତ ଭାବେ ଭୂତଳ ଜଳସ୍ତର ହ୍ରାସ ପାଇବା କାରଣରୁ ରାଜ୍ୟରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ଖରାଦିନେ ସ୍ଥିତି ସଙ୍ଗିନ ହେଉଛି। ଭୂତଳ ଜଳ ପୁନଃଭରଣ ଓ ପ୍ରଦୂଷଣମୁକ୍ତ ପାଇଁ ସରକାର ଆଦୌ ଦୃଷ୍ଟି ଦେଉନାହାନ୍ତି। ରାଜ୍ୟରେ ପ୍ରଗତି ନାଁରେ ପରିବେଶକୁ ଧ୍ୱଂସ କରାଯାଉଥିବାରୁ ଏଭଳି ଅବସ୍ଥା ଉପୁଜିଛି। ରାଜ୍ୟରେ ଖଣି ଖନନ, ଶିଳ୍ପାୟନ ଓ ଗୃହ ନିର୍ମାଣ ପାଇଁ ବ୍ୟାପକ ଗଛ କଟାଯାଇଥିଲେ ମଧ୍ୟ ସେହି ଅନୁପାତରେ ବୃକ୍ଷରୋପଣ କରାଯାଉନାହିଁ। ତେଣୁ ରାଜ୍ୟରେ ଜଳସଂରକ୍ଷଣ ଓ ଭୂତଳ ଜଳର ପୁନଃଭରଣ ପାଇଁ ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, କୃଷି, ଜଙ୍ଗଲ, ପରିବେଶ ଓ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରି ନୂତନ ଯୋଜନା ପ୍ରଣୟନ କରିବାକୁ ବିଧାନସଭାରେ ଅନୁରୋଧ କରାଯାଇଥିଲା। ଏହିକ୍ରମରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍ବୋଚ୍ଚ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୬୦୮୩/୧୦।୬।୨୦୧୬ ଓ ୩୪୭୪/୧।୬।୨୦୧୬ରେ ବିଭାଗୀୟ ନିର୍ବାହୀଯନ୍ତ୍ରୀମାନଙ୍କୁ ଭୂତଳ ଜଳ ପୁନଃଭରଣ, ବର୍ଷାଜଳ ସଂରକ୍ଷଣ ଓ ଭୂତଳ ଜଳକୁ ପ୍ରଦୂଷଣ ମୁକ୍ତ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ପୁଣି ଗତ ୨୪ ତାରିଖରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍ବୋଚ୍ଚ ଯନ୍ତ୍ରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଅଚଳ ବୋରୱେଲ ଜରିଆରେ ଭୂତଳ ଜଳ ପୁନଃଭରଣ କରିବାକୁ ପରାମର୍ଶ (ପତ୍ରସଂଖ୍ୟା ୬୪୦୩) ଦେଇଛନ୍ତି। ଏଥିପାଇଁ ଏକ ନକ୍ସା ପ୍ରସ୍ତୁତ ହୋଇଛି। ଯେଉଁଥିରେ ଅଚଳ ବୋରୱେଲର ବାହାର ପାର୍ଶ୍ୱକୁ ଏକ କମ୍ପ୍ରେସର ଜରିଆରେ ଜଳଧୌତ(ଫ୍ଲସ୍) କରାଯିବ। ବୋରୱେଲର ଚତୁଃପାର୍ଶ୍ୱର ୩ ମିଟର ପର୍ଯ୍ୟନ୍ତ ଗଭୀର କରାଯିବ। ଏହାର ଉପର ଅଂଶରେ ୪ ବ୍ୟାସମିଟର ଓ ନିମ୍ନଭାଗରେ ୩ ବ୍ୟାସମିଟର ଖନନ ହେବ। ଏଥିରେ ବାଲି, ମୋଟା ନାଇଲନ ୱେର ଆଦି ବ୍ୟବହାର କରାଯାଇ ଯୋଜନା ଅନୁସାରେ ପ୍ରକ୍ରିୟା ଗଠନ କରାଯିବ ବୋଲି ଦର୍ଶାଯାଇଛି। ଏଥିଯୋଗୁ ବର୍ଷା ପାଣି ଗଠନ ପ୍ରଣାଳୀରେ ଭେଦି ଭୂତଳ ଜଳସ୍ତରକୁ ବୃଦ୍ଧି କରିବ ବୋଲି ବିଭାଗ ଆଶାବାଦୀ ରହିଛି।

ସୂଚନାଥାଉ କି, ଯାଜପୁର ଜିଲାର ଖଣି ଓ ଶିଳ୍ପାଞ୍ଚଳରେ ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଖରାଦିନେ ସାରା ଜିଲାରେ ପାଣି ପାଇଁ ହାହାକାର ହୋଇଥାଏ। ଚିରସ୍ରୋତା ବୈତରଣୀ ଓ ତାହାର ଶଖାନଦୀ ଏବଂ ବ୍ରାହ୍ମଣୀ, ଖରସ୍ରୋତା ନଦୀ ଯାଜପୁର ଜିଲାରେ କୃଷି ବିକାଶ ଦିଗରେ ସହାୟକ ହେଉଛି। ଏହି ନଦୀ ଯୋଗୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ପୁନଃଭରଣ ହୋଇଥାଏ। ହେଲେ ଏହି ନଦୀଗୁଡ଼ିକର ଜଳକୁ ଅବିଚାରିତ ଭାବେ ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିକ ବ୍ୟବହାର କରୁଛନ୍ତି। ଏପରି କି ନଦୀର ଉତ୍ପତ୍ତି ସ୍ଥଳଠାରୁ ଶେଷମୁଣ୍ଡ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖଣି, ଶିଳ୍ପ ଓ ବିଭିନ୍ନ ସହରରୁ ବର୍ଜ୍ୟବସ୍ତୁ ସିଧା ମିଶୁଛି। ଫଳରେ ନଦୀଶଯ୍ୟା କ୍ରମାଗତ ଭାବରେ ପୋତି ହେବା ସହ ବ୍ୟାପକ ପ୍ରଦୂଷିତ ହେଉଛି। ତେଣୁ ସରକାରଙ୍କ ଉପରୋକ୍ତ ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ଭୂତଳ ଜଳସ୍ତର ବୃଦ୍ଧି ହେବା ସମ୍ଭାବନା ରହିଛି।


ଋତୁକାଳୀନ ରୋଗ, ଭାଇରାଲ୍ ସଂକ୍ରମଣରୁ ସୁରକ୍ଷାର ଅବ୍ୟର୍ଥ ଉପଚାର
"ଜୋଲି ତୁଳସୀ 51 ଡ୍ରପ୍‌ସ" ହେଲା ଲୋକଙ୍କ ପ୍ରଥମ ପସନ୍ଦ

ଲ୍ୟାବ୍ ପ୍ରମାଣିତ ଓ ବର୍ଷ ବର୍ଷ ପୁରୁଣା ବିଶ୍ୱସନୀୟ ଇମ୍ୟୁନିଟି ବର୍ଦ୍ଧକ




ନୂଆଦିଲ୍ଲୀ: ଆଜିର ଏଇ ଯୁଗରେ ସୁଦୃଢ଼ ଇମ୍ୟୁନିଟି ରହିବା ସବୁଠାରୁ ବଡ଼ ଆବଶ୍ୟକତାରେ ପରିଣତ ହୋଇଯାଇଛି । ଅନେକ ନୂଆ ନୂଆ ପ୍ରଡକ୍ଟ ବଜାରକୁ ଆସିଛି, କିନ୍ତୁ ଯେଉଁ ଆୟୁର୍ବେଦିକ ଉପଚାର ବଜାରରେ ଚହଳ ସୃଷ୍ଟି କରିଛି ତାହା ହେଉଛି "Jolly Tulsi 51 Drops" । ପରମ ପୂଜନୀୟ ବୈଦ୍ୟ ସତ୍‌ପାଲ ମଧୋକ ଜୀଙ୍କ ଖାସ୍ ବିଧିରେ ପ୍ରସ୍ତୁତ ବହୁବର୍ଷ ଧରି ବିଶ୍ୱସନୀୟ ଆୟୁର୍ବେଦିକ ଉପଚାର "ଜୋଲି ତୁଳସୀ 51 ଡ୍ରପ୍‌ସ"ର ଅସାଧାରଣ ବୈଶିଷ୍ଟ୍ୟ କାରଣରୁ ଏହା ଲୋକମାନଙ୍କର ପ୍ରଥମ ପସନ୍ଦରେ ପରିଣତ ହୋଇପାରିଛି ।

ଜୋଲି ତୁଳସୀ 51 ଡ୍ରପ୍‌ସ ସମସ୍ତଙ୍କ ପ୍ରଥମ ପସନ୍ଦ କାହିଁକି:

ଏହାର ବୈଶିଷ୍ଟ୍ୟ ଉପରେ ନଜର ପକାଇବାକୁ ଗଲେ ଏହା ଇମ୍ୟୁନିଟି ବଢ଼ାଇବା ସହିତ ଶରୀରରୁ ସମସ୍ତ ବିଷାକ୍ତ ପଦାର୍ଥ (Toxins)କୁ ମଧ୍ୟ ବାହାରକୁ କାଢ଼ିଦେଇଥାଏ (Body Detox) ଏବଂ ଶରୀରକୁ ଭିତରୁ ସଫା କରିଥାଏ। ଏହା ବ୍ୟତୀତ ଏହା Anti Viral, Anti Bacterial, Anti Oxidant, Anti Septic, Anti Aging ଗୁଣରେ ଭରପୂର। ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଏହାର ପରିଣାମ ଲ୍ୟାବ୍ ପ୍ରମାଣିତ ଅଟେ। ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଗବେଷଣା (Clinical Trial)ରେ ଏହି ପରିଣାମ ସତ୍ୟ ପ୍ରମାଣିତ ହୋଇଛି। ପୂଜନୀୟ ବୈଦ୍ୟ ସତ୍‌ପାଲ ମଧୋକ ଜୀଙ୍କ ଏହି ପ୍ରଭାବଶାଳୀ ଆୟୁର୍ବେଦିକ ଉପଚାର ଉପରେ ଲୋକମାନେ ଏହାର ବୈଶିଷ୍ଟ୍ୟ କାରଣରୁ ବିଶ୍ୱାସ କରିଛନ୍ତି ଏବଂ ନୂଆ ନୂଆ ପ୍ରଡକ୍ଟସ୍‌କୁ ଛାଡ଼ି ଜୋଲି 51 ଡ୍ରପ୍‌ସକୁ ହିଁ ସେମାନଙ୍କର ପ୍ରଥମ ପସନ୍ଦ ଭାବେ ବାଛିଛନ୍ତି ।

ଏହା ସବୁ ବୟସର ପୁରୁଷ, ମହିଳା ଓ ଶିଶୁଙ୍କ ଦ୍ୱାରା କରାଯାଇପାରିବ ଏବଂ ଏହା ସମସ୍ତଙ୍କ ପାଇଁ ସମାନ ରୂପେ ପ୍ରଭାବୀ ଅଟେ ।

ଧ୍ୟାନ ଦିଅନ୍ତୁ : ମୌସୁମୀ ଋତୁ ପରେ ବଦଳୁଥିବା ଋତୁରେ ଭାଇରାଲ୍, ବ୍ୟାକ୍ଟେରିଆଲ୍ ସଂକ୍ରମଣ ବ୍ୟାପିବାର ଆଶଙ୍କା ବଢ଼ିଯାଇଥାଏ, କାରଣ ଏପରି ଋତୁ ଏଥିପାଇଁ ଅନୁକୂଳ ହୋଇଥାଏ। ଏପରି କ୍ଷେତ୍ରରେ ଦୁନିଆକୁ କବଳିତ କରି ରଖିଥିବା ମହାମାରୀ ବ୍ୟତୀତ ଅନ୍ୟାନ୍ୟ ଋତୁକାଳୀନ ରୋଗ ମଧ୍ୟ ହୋଇପାରେ।

କିପରି କାମ କରିଥାଏ Jolly Tulsi 51 Drops: Immune System ଦୁର୍ବଳ ହେବା ଦ୍ୱାରା ଭାଇରସ୍ ଓ ବ୍ୟାକ୍ଟେରିଆ ଶରୀରକୁ କ୍ଷତି ପହଞ୍ଚାନ୍ତି ଏବଂ ଭାଇରାଲ୍ ସଂକ୍ରମଣର ବିପଦ ବଢ଼ିଯାଏ। ଜୋଲି ତୁଳସୀ 51 ଡ୍ରପ୍‌ସ ପାଞ୍ଚ ପ୍ରକାର ତୁଳସୀର ଅର୍କରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ କରାଯାଇଥିବା ଏକ ମିଶ୍ରଣ ଅଟେ ଯାହାର ନିୟମିତ ସେବନ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା (Immunity) ଅତ୍ୟନ୍ତ ସୁଦୃଢ଼ ହୋଇଯାଇଥାଏ ଓ କୌଣସି ପ୍ରକାର ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଶରୀରରେ ପ୍ରବେଶ କରିପାରି ନ ଥାଏ ।

ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୂତପୂର୍ବ ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମର ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି ଯାହା ଗ୍ରାହକଙ୍କ ମନରେ ଭ୍ରମ ସୃଷ୍ଟି କରୁଛି। କେତେକ ଦୋକାନୀ ଅଧିକ କମିଶନ ପାଇବା ଲୋଭରେ ଜୋଲି ତୁଳସୀ 51 ମାଗିଲେ ଅନ୍ୟ କିଛି ଏକା ସଦୃଶ ନାମର ତୁଳସୀ ଡ୍ରପ୍‌ସ ଧରାଇଦେଉଛନ୍ତି, ଯାହାର କୌଣସି ପ୍ରାମାଣିକତା ନାହିଁ ଏବଂ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଏଥିପାଇଁ କମ୍ପାନୀ ନିଜ ଗ୍ରାହକମାନଙ୍କୁ ସତର୍କ କରାଇଦେବାକୁ ଚାହୁଁଛି ଯେ ଏପରି ଏକା ସଦୃଶ ନାମର ନକଲି ତୁଳସୀ ଡ୍ରପ୍‌ସ ଓ ଏପରି ଦୋକାନୀଙ୍କଠାରୁ ଦୂରେଇ ରୁହନ୍ତୁ। ଜୋଲି ତୁଳସୀ 51 ଡ୍ରପ୍‌ସ ନାମକୁ ଭଲ ଭାବେ ଦେଖିବା ପରେ ହିଁ କିଣନ୍ତୁ, ଯାହାର ପରିଣାମ ବର୍ଷ ବର୍ଷର ପୁରୁଣା, ବିଶ୍ୱସନୀୟ ଓ ପରୀକ୍ଷିତ ତଥା ଲ୍ୟାବ୍‌ରେ ପ୍ରମାଣିତ (Clinical Proved) ଅଟେ।

ପ୍ରୟୋଗ ବିଧି ଓ ଅଧିକ ସୂଚନା ପାଇଁ କମ୍ପାନୀର ହେଲ୍‌ପଲାଇନ୍‌ରେ ଆୟୁର୍ବେଦିକ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

Helpline/Website:
0161-520-1588
www.jollypharmaindia.com

**ଆଜିର ମନ୍ତବ୍ୟ**

"ଆବଶ୍ୟକ ଆଇନଗତ ସଂସ୍କାର ମାଧ୍ୟମରେ ଭାରତରେ ତୃତୀୟ ଲିଙ୍ଗଙ୍କ ଅଧିକାର ସୁରକ୍ଷିତ ରହିଛି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରୂପ୍ ରତନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନନ୍ଦନକାନନରୁ ୨ ଜଳହସ୍ତୀ ଯିବେ ଇନ୍ଦୋର

ବାରଙ୍ଗ,୨୬।୯(ଡି.ଏନ୍.ଏ.)– ନନ୍ଦନକାନନରୁ ୨ ଜଳହସ୍ତୀ ରବିବାର ଇନ୍ଦୋର ଚିଡ଼ିଆଖାନାକୁ ଯିବେ। ଇନ୍ଦୋର କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟରୁ ଜଣେ ଡାକ୍ତର, ଫରେଷ୍ଟଗାର୍ଡଙ୍କୁ ନେଇ ୭ଜଣିଆ ଦଳ ନନ୍ଦନକାନନରେ ଗୁରୁବାରଠାରୁ ଆସି ଅଛନ୍ତି। ନନ୍ଦନକାନନ କର୍ମଚାରୀମାନେ ରବିବାର ଦୁଇଟି ଜଳହସ୍ତୀ ଶମ୍ଭୁ ଓ ମିଲିକୁ ଧରି ଆସିଥିବା ଦଳକୁ ହସ୍ତାନ୍ତର କରିବା ପରେ ସେମାନେ ଇନ୍ଦୋର ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ତେବେ ଶନିବାର ଜଳହସ୍ତୀ ଏନକ୍ଲୋଜର ମଧ୍ୟରୁ ସମ୍ଭୁକୁ ଅଲଗା କରାଯାଇଥିବାବେଳେ ରବିବାର ମିଲିକୁ ଅଲଗା କରାହେବ ବୋଲି ଜଣାପଡିଛି। ଉଭୟ ଜଳହସ୍ତୀର ବୟସ ୯ରୁ୧୦ବର୍ଷ ଭିତରେ ହୋଇଥିବାବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ଗତବର୍ଷ ସେପ୍ଟେମ୍ବର ୭ ତାରିଖରେ ଇନ୍ଦୋରରୁ ଗୋଟିଏ ମାଈ ଗଧିଆ, ୨ କୋକିଶିଆଳି ଆଣିଥିଲେ। ଏବେ ନନ୍ଦନକାନନରେ ୧୦ମାଈ, ୫ ଅଣ୍ଡିରାଙ୍କୁ ମିଶାଇ ୧୫ ଜଳହସ୍ତୀ ରହିଛନ୍ତି।

# ଲୁହାରଡ଼ରେ ପିଟି ସ୍ତ୍ରୀଙ୍କୁ ହତ୍ୟା

**ଖୋର୍ଦ୍ଧା ଅଫିସ,୨୬।୯**

ଖୋର୍ଦ୍ଧା ଆଦର୍ଶ ଥାନା ଶିଳ୍ପାଞ୍ଚଳ ଫାଣ୍ଡି ଅଧୀନ ମୁକୁନ୍ଦପ୍ରସାଦ ପିଏନ୍ କଲେଜରୋଡ ଅଞ୍ଚଳରେ ଶୁକ୍ରବାର ରାତିରେ ପାରିବାରିକ କଳହକୁ ନେଇ ଜଣେ ମହିଳାଙ୍କୁ ଲୁହାରଡ଼ରେ ପିଟି ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। ମୃତା ହେଲେ ସସ୍ମିତା ବେହେରା(୨୮)। ଖବରପାଇ ପୋଲିସ, ସାଇଣ୍ଟିଫକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହାସହ ହତ୍ୟାରେ ବ୍ୟବହୃତ ଲୁହାରଡ଼ ଜବତ ହୋଇଛି। ମୃତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୨ରେ ହତ୍ୟା ମାମଲା (ନଂ.୩୩୩/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦ ପିଏନ୍ କଲେଜରୋଡ ଅଞ୍ଚଳର ସସ୍ମିତା ୮ବର୍ଷ ପୂର୍ବେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ହରେକୃଷ୍ଣ ବେହେରାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଫଳରେ ସସ୍ମିତା ବାପଘରକୁ ପଳାଇ ଆସିଥିଲେ। ସେଠାରେ ଏକ ଦୋକାନ କରି ଚଳୁଥିଲେ। ମଝିରେ ମଝିରେ ହରେକୃଷ୍ଣ ଏଠାକୁ ଆସି ତାଙ୍କୁ ମାଡ଼ ମାରିବା ସହ ଟଙ୍କା ନେଇ ଯାଉଥିଲେ। ଶୁକ୍ରବାର ହରେକୃଷ୍ଣ ତାଙ୍କ ସ୍ତ୍ରୀଙ୍କ ପାଖକୁ ଆସିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ରାତିରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ହରେକୃଷ୍ଣ ଉତ୍କ୍ଷିପ୍ତ ହୋଇ ଏକ ଲୁହାରଡ଼ରେ ସସ୍ମିତାଙ୍କ ମୁଣ୍ଡକୁ ପିଟି ଫେରାର ହୋଇଯାଇଥିଲେ। ଫଳରେ ସସ୍ମିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସକାଳେ ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ସ୍ୱାମୀ ଫେରାର, ପୋଲିସର ତଦନ୍ତ ଜାରି

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସାମାଜିକ ସ୍ତରରେ ଅପ୍ରୀତିକର ପରିସ୍ଥିତିର ହଠାତ୍ ସାମନା କରିବାକୁ ପଡିପାରେ । ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ସ୍ଥିତି ଦୁର୍ବଳ ହେତୁ ତାହା ହିଁ ଚିନ୍ତାର କାରଣ ହୋଇପାରେ । ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ ।

**ବୃଷ** କୌଣସି ବନ୍ଧୁ କିମ୍ବା ସହକର୍ମୀ ଅଥବା ପାଖ ପଡୋଶୀମାନେ ସହଯୋଗର ହାତ ବଢାଇବେ ଓ କାମଟି ସୁବିଧାରେ ହୋଇଯିବ । କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିପାରନ୍ତି। ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ପ୍ରଶାସନ, ପ୍ରକାଶନ, ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟ ଓ ସୁପରାମର୍ଶରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରି ନ ଚଳିଲେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ । ନିଜ ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଅଶ୍ଳେଷା ନକ୍ଷତ୍ର ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ** ବିଭିନ୍ନ ପ୍ରକାରର ସମସ୍ୟା ଭିତରେ ଗତି କରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ମଘା ନକ୍ଷତ୍ରର କଚେରି ମାମଲାର ଶୁଣାଣିରୁ ମନ ଖୁସୀ ରହିବ।

**କନ୍ୟା** ଦୀର୍ଘ ଦିନରୁ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ଆତ୍ମୀୟମାନଙ୍କ ସହୃଦୟତାରୁ ଆଜିର ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ଆଲୋଚନା କାଳରେ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** କୌଣସି ବନ୍ଧୁଙ୍କୁ ଅନୁରୋଧ କରି କାମ ହାସଲ କରିବାର ଚେଷ୍ଟା କରିବେ । ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ । ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ ।

**ବିଛା** ଅଟକି ରହିଥିବା କାମଗୁଡିକ ଆଜି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ । ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ । ଉତ୍ତରାଷାଢା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ।

**ମକର** ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ ମାଧ୍ୟମରେ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି । ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ, କିନ୍ତୁ ବିଭିନ୍ନ ପ୍ରକାରର ଝମେଲା ସୃଷ୍ଟି କରିପାରନ୍ତି ।

**କୁମ୍ଭ** ସଚେତନତା ଓ ସାମାଜିକ ଶୃଙ୍ଖଳଜନିତ ଶତଭିଷା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବହନରେ କଳହର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାରଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।

ଆଜି ଆଶ୍ୱିନ ମଳଶୁକ୍ଳପକ୍ଷର ସର୍ବସମ୍ମତ ପୁରୁଷୋତ୍ତମ ଏକାଦଶୀ ରବିବାର, ସେପ୍ଟେମ୍ବର ୨୭ ତାରିଖ (ବିଶ୍ୱ ପର୍ଯ୍ୟଟନ ଦିବସ),ବିଶ୍ୱ ମୂକବଧିର ଦିବସ,(ସେପ୍ଟେମ୍ବର ଶେଷ ରବିବାର), ବିଶ୍ୱ ନଦୀ ଦିବସ,(ସେପ୍ଟେମ୍ବର ୪ର୍ଥ ରବିବାର), ଶିରିଡି ସାଇବାବାଙ୍କ ଜୟନ୍ତୀ, ରାଜା ରାମମୋହନ ରାୟଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର–ଶ୍ରବଣା/ମକର, ସିଂହରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୭ମି. ଗତେ ଘ.୦୮.୫୦ମି.ମଧ୍ୟେ, ଘ.୧୨.୦୧ମି. ଗତେ ଘ.୦୩.୧୧ମି. ମଧ୍ୟେ, ରାତ୍ରି ଘ.୦୭.୫୯ମି.ଗତେ ଘ.୦୯.୩୨ମି. ମଧ୍ୟେ ଅମୃତବେଳା।


# classifieds Everyday
0674-2580101, 2549302




## BRIDE WANTED

Age-35, private School Teacher ପୁଅ ପାଇଁ Rourkela ଏବଂ ଆଖପାଖ ଅଞ୍ଚଳରୁ ଯେ କୌଣସି ଜାତିର ଗରିବ, ଅସହାୟ, ଅନାଥ, ସ୍ୱଳ୍ପଶିକ୍ଷିତ ଘରୋଇ ଝିଅ ଆବଶ୍ୟକ। Urgent Marriage ପୁଅ ସହିତ ସିଧା ଯୋଗାଯୋଗ କରନ୍ତୁ। Mob- 9938561855, 8895272918. D-18386

Bride wanted for Karan 43, wellsettled, Bapuji Nagar, Bhubaneswar, General Caste. Contact: 7683912628. D-68376

Hindu Brahmin 53 years, 5'4", Caste No Bar. M: 8296057699. D-18342

## GROOM WANTED

Age-35 devorcee Post Master ଥିବା ସୁନ୍ଦର ତେଲି ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। Contact: 7077999816. D-18331

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରି ଜାତିର ବରପାତ୍ର ଆବଶ୍ୟକ। 7978736177. D-68256

53/ 5'2", ଖାଦ୍ୟ ନିଗମ/ ବେତନ 45,000/- ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। ଛାଡ଼ପତ୍ରପ୍ରାପ୍ତ, ପତ୍ନୀହରା, ସମସ୍ତେ ମାନ୍ୟ। 7697014331, 8269417179. D-18378

ଭୁବନେଶ୍ୱରରେ Business 38ବୟସ୍କା divorcee Brahmana ଝିଅଙ୍କୁ ଯେକୌଣସି ଜାତିର ସନ୍ତାନ, ନିଃସନ୍ତାନ ପୁଅ ଦରକାର। 7008080967. D-67957




## SALE

Ambassador Car in good running condition update paper new battery with A/C for sale. 9439205775. D-18381

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175




## SALE

Indivisual royal ideal building sale Kesura bypass (Broker Excuse). 8456888081. D-48741

Residential/ Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

ଭୁବନେଶ୍ୱର ସୁନ୍ଦରପଦା **Xavier University** ନିକଟରେ **sqft-199/- plot** ବିକ୍ରିହେବ। **9337285332, 6372047313.** D-69176

ମୋର ଘାଟିକିଆରେ ୧ ଏକର ଏବଂ ଘଙ୍ଗାପାଟଣାରେ ୩୦୮ ଡିସିମିଲ ଜାଗା ଅଛି। କେବଳ କିଣିବା ଲୋକ କିମ୍ବା ବିଲ୍ଡର୍ସ ଯୋଗାଯୋଗ କରନ୍ତୁ। **Contact: 9438166196.** D-18395

ଫୁଲନଖରା Grandbazar ବମ୍ଫକୁଦ ପାଖରେ immediate ଘର କରିବା plot ତୁରନ୍ତ ବିକ୍ରିହେବ। 9938991256. D-18364

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale. Contact: 9437396718, 8763935874 during office hour.** D-69919

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

**In Puri, 1BHK 2BHK flats with all Accessories also Loan available, PMAY approved. 9938175444.** D-18388

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ଫୁଲନଖରା– ନିଆଳି **bypass road**ରେ ଥିବା **Synergy Engg. College**ର ସମ୍ମୁଖରୁ **walkable distance**ରେ ପିଚୁରାସ୍ତାକୁ ଲାଗି ଘରବାରି **boundary plot** ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। **6371200121.** D-69170

Booking open for 3BHK Duplex near ITER College, Jagamara, Bhubaneswar. Contact: 9861616986. D-67566

**At Nageswar Tangi double storied house of 1100sft in each floor. Land Area 50 decmls. Ground Floor having 2BR with 1 attached Toilet, 1Common Toilet, Study Room, Drawing & Dining Hall, Kitchen, Garage. First Floor has 3BRs with 2 attached Toilets, 1Common Toilet, Drawing & Dining Hall, Kitchen. Price 1.55cr. Contact: (10AM to 7PM). 8480469590. Brokers Excuse.** D-69761

ରବିଟକିଜ୍ ପାଖ ପିପିଲି **NH**କୁ ଲାଗି **yellowzone gharabari boundary 30'** ରୋଡ୍ ଥାଇ **plot** ବିକ୍ରିହେବ। **8917441342, 7855853154.** D-69547

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

ଭୁବନେଶ୍ୱର ଲିଙ୍ଗିପୁର ପାଖରେ **2500sqft.** ଜାଗା ଉପରେ **3** ମହଲା ଘର ବିକ୍ରୟ ହେବ। **Bank finance** ସୁବିଧା ଅଛି। ଯୋଗାଯୋଗ: **9438109040, 8144658008 (only genuine buyer).** D-18334

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

**Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014.** D-18276

**Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099.** D-69165

କଟକ– ଭୁବନେଶ୍ୱର **Twincity** ର **middle point**ରେ **walkable distance**ରେ ବାସୋପଯୋଗୀ ଘରବାରି **plot** ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438362273.** D-69169

## PURCHASE

Land required on sharing basis in Bhubaneswar/ Cuttack. Contact: 7978751719. D-67567

## GENERAL

## SALE

**1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3 bath.**
**2. Verna Vehicle (Vehicle No. - OD02AX7761) Registered on 31.08.2018.**
**3. Bolero Pickup (Vehicle No. - OR02BZ9485) Registered on 28.08.2012.**
**4. Micra Vehicle (Vehicle No.- OR02BV1467) Registered on 21.01.2012. Contact No. 9873669329, 9437028801.** D-18368

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




2 bedroom, drawing, dining, mosaic floor house at Ashiana Plaza near Khandagiri. 8500 pm. 9437485903. D-18385

1BHK flat main road Soubhagyanagar Unit-8 Office, family, Bachelors. 9000004523. D-18390

300sqfeet. for office use only at Ashok Nagar near Hotel Royal Mid Town. Contact: 9439471328. D-68377

2 Room house with attached kitchen near Khandagiri, Bhubaneswar. Contact-9437051142. D-18394




Get good massage for your health the best therapy SPA Station. 7655024727, 8118079281. D-69542

Newly open full body massage SPA in Bhubaneswar. Contact: 7205058838. D-69758

Get refreshment body massage by expert therapist contact for. 9556978408. D-69755

Swarna SPA newly open positively health benefits with expert therapist. 7873794731. D-69756

Newly open SPA centre smart therapist full body massage: 7205187702. D-59963

Herbal full body massage by smart / expert therapist. Contact: 8338067247. D-69752

Newly open SPA centre smart therapist full body massage: 7846814019. D-59962

Refresh your mind and soul with best therapy at Orchid Salon/ Spa, 9937287222. D-69546

Newly open SPA centre smart therapist full body massage: 8114970372. D-59964

Rejuvenate and Ayurvedic full body massage by smart therapist. 9348123330. D-69759

Refresh your mind and soul with best therapy at Orchid Salon/ Spa, 9937287222. D-69550




Start Textile Business only in 18990/-. Last date 12/10/2020. Poonam Textile 9664942710, Padmalaya Textile. 9438804164. D-18389

Offering Human resources contract for experienced HR agency. Padmalaya Textile. 9438804164. D-18387

## AFFIDAVIT

ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, ପିପିଲିଙ୍କ ସମ୍ମୁଖରେ ସମ୍ପାଦିତ ୨୧।୦୯।୨୦୨୦ରିଖରେ ସତ୍ୟପାଠ ଜରିଆରେ ମୁଁ ସୁକାନ୍ତ କୁମାର ସାହୁ, ପି– ସ୍ୱର୍ଗତ– ଲିଙ୍ଗରାଜ ସାହୁ, ଗ୍ରା– ଘନୀପୁର, ପୋ– ଘୋରଡିଆ, ଥା– ଡେଲାଙ୍ଗ, ଜି– ପୁରୀ। ମୋ ଝିଅର ଜନ୍ମ ସାର୍ଟିଫିକେଟ୍‌ରେ ଅନାମିକା ସାହୁ ହେବା ପରିବର୍ତ୍ତେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ହୋଇଯାଇଛି। ଆଜିଠାରୁ ଅନାମିକା ସାହୁ ଭାବେ ପରିଚିତ ହେବି। ଧ–୧୮୩୯୧

By virtue of an affidavit before the Office of the Notary Public, Bhubaneswar, on dt 12.09.1996, I have changed my surname from "Sahoo to Maharana". Henceforth I shall be known as Susama Maharana for all purposes. D-18365

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୨୬ଶହ ଡେଇଁଲା କରୋନା ସଂକ୍ରମିତଙ୍କ ସଂଖ୍ୟା**

ସୋନପୁର,(ନି.ପ୍ର.): ସୁବର୍ଣ୍ଣପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬୩୨ରେ ପହଞ୍ଚିଛି। ଜିଲା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ସମୟରେ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା କହିଛନ୍ତି। ଅନ୍ୟ ସଂକ୍ରମିତମାନେ ବୁର୍ଲା, ବରଗଡ଼ ଓ ଭୁବନେଶ୍ୱରରେ ଚିକିତ୍ସିତ ଥିବା ସମୟରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ତଥ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରଦାନ କରୁ ନ ଥିବାରୁ ଜିଲାରେ କରୋନା ମୃତ୍ୟୁ ସମ୍ପର୍କିତ ପ୍ରକୃତ ତଥ୍ୟ ସ୍ପଷ୍ଟ ହୋଇପାରୁନି। ସଂକ୍ରମିତଙ୍କ ମଧ୍ୟରୁ ୧୦ଜଣ କୋଭିଡ ହସ୍ପିଟାଲ ଓ ୪୧୫ଜଣ ହୋମ ଆଇସୋଲେଶନରେ ଥିବା ଜଣାପଡିଛି ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା, ୨୬।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ ବଡକେନ୍ଦୁଗୁଡା ବେରୁଆପଡା ନିକଟରେ ଥିବା ଏକ ନିମଗଛରୁ ଝୁଲନ୍ତା ଅବସ୍ଥାରେ ଥିବା ଏକ ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ କାଉଡୋଲା ପଞ୍ଚାୟତ ବାଞ୍ଜିବାହାଲ ଗ୍ରାମର ରିଙ୍କୁ ରାଉତ(୨୩)। ସ୍ଥାନୀୟ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ପରେ ବ୍ୟବଚ୍ଛେଦ ପାଇଁ ମୃତଦେହ କୋକସରା ଡାକ୍ତରଖାନା ପଠାଇଛି। ମୃତକଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଛନ୍ତି । ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୧/୨୦)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନା ଅଧିକାରୀ ପୁଷ୍ପାଞ୍ଜଳି ନିଙ୍ଗୀ କହିଛନ୍ତି ।

### କରୋନା ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୨୬।୯: କେଶରିୟା ହିନ୍ଦୁ ବାହିନୀ ତରଫରୁ ବଲାଙ୍ଗୀର ନଗର ସଭାପତି ସନ୍ତୋଷ ସାହୁଙ୍କ ନେତୃତ୍ୱରେ କରୋନା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଦୈନିକ ବଜାରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସନ୍ତୋଷ ଭୋଇଙ୍କ ଉପସ୍ଥିତିରେ ଜନସାଧାରଣଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ ସହ ଲିଫଲେଟ ଦିଆଯାଇ ସଚେତନ କରାଯାଇଥିଲା। ସହରରେ ବର୍ତ୍ତମାନ କରୋନା ପରିସ୍ଥିତି ଭୟଙ୍କର ରୂପନେଇଛି । ଏହାକୁ ରୋକିବା ପାଇଁ କେଶରିୟା ହିନ୍ଦୁ ବାହିନୀ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନତା କରିବା ପାଇଁ ଏକ ଛୋଟ କାର୍ଯ୍ୟକ୍ରମରେ ପ୍ରୟାସ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମରେ ଶଙ୍କର୍ଷଣ ଆଚାର୍ଯ୍ୟ, ଦୋବାନନ୍ଦ ନାୟକ, ସୁନୀଲ ମିଶ୍ର, ପ୍ରଦୀପ ପରୁଆ, ପ୍ରଦୀପ ସାହୁ, ବୀରେନ୍ଦ୍ର ବାରିକ, ମୁକେଶ ରଥ, ସୁବ୍ରତ କୁଅଁର, ଲକ୍ଷ୍ମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ବରଗଡ଼ ଅଫିସ୍, ୨୬।୯: ବରଗଡ଼ ସହରର ବେହେରାଟିକ୍ରାର ଏକ ଘରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସ୍ଥାନୀୟ ଖଜୁରଟିକ୍ରା ନିବାସୀ ରୀତେଶ ଦାଶ(୩୬)। ତାଙ୍କୁ ହତ୍ୟା କରାଯାଇଛି ବୋଲି ମୃତକଙ୍କ ଭାଇ ସୋକେଶ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୦୨/୩୪ରେ ଏକ ମାମଲା(ନଂ.୪୦୫/୨୦) ରୁଜୁ କରିଛି। ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ସୂଚନା ଅନୁଯାୟୀ, ରିତେଶଙ୍କ ମୃତଦେହ ବେହେରାଟିକ୍ରାର ଏକ ଘରେ ପଡ଼ିଥିବା ନେଇ ଲୋକେ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ଶରୀର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି।

### ଜାତୀୟ ପୁଷ୍ଟି ପୋଷଣ ମାସ ପାଳିତ

ଲୋଇସିଂହା, ୨୬।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ)ର ପଲ୍ଲୀ ଆଲୋକ ପାଠାଗାର ଓ ସିଡବ୍ଲ୍ୟୁସି ତରଫରୁ ବ୍ଲକ ଅନ୍ତର୍ଗତ ଭରସୁଜା ଓ ନୁନିଆଁପାଲି ପଞ୍ଚାୟତର ୧୦ଟି ଗ୍ରାମରେ ଜାତୀୟ ପୁଷ୍ଟି ପୋଷଣ ମାସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଗର୍ଭବତୀ, ପ୍ରସୂତି, ଶିଶୁ ଓ କିଶୋରୀଙ୍କୁ ନେଇ ଖାଦ୍ୟ ପ୍ରଦର୍ଶନୀ ମେଳା ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରକାରର ଶାଗ, ଅମୃତଭଣ୍ଡା, କଦଳୀ, ଛତୁଆରେ ରହିଥିବା ପୋଷଣ ତତ୍ତ୍ୱ ଉପରେ ସୂଚନା ଦିଆଯାଇଥିଲା। ସଜନା ପତ୍ର, ଫୁଲ ଓ ଫଳକୁ ବିଭିନ୍ନ ପ୍ରଣାଳୀରେ ଖାଦ୍ୟ ପ୍ରସ୍ତୁତ କରି ଖାଇଲେ ଶିଶୁ, କିଶୋରୀ ଓ ମା' ମାନଙ୍କଠାରେ ରକ୍ତହୀନତା ଓ କୁପୋଷଣ ରୋଗ ଦେଖାଯିବ ନାହିଁ ବୋଲି ସଚେତନ କରାଯାଇଥିଲା। ପ୍ରହ୍ଲାଦ ପ୍ରଧାନ, ଗୋବିନ୍ଦ ବିଶି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯକ୍ରମରେ ସରପଞ୍ଚ ସହଦେବ ସାହୁ ଉପସ୍ଥିତ ରହି ଏସବୁ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ।

# ରୋଜଗାର ଅପେକ୍ଷାରେ ୭୦ହଜାର ପ୍ରବାସୀ

ନୂଆପଡ଼ା ଅଫିସ,୨୬।୯

ନୂଆପଡ଼ା ଜିଲାରେ ଦାଦନ ଏକ ମୁଖ୍ୟ ସମସ୍ୟା ହୋଇରହିଛି। ସରକାର ଆଗରୁ ଜିଲାରୁ ଏତେ ସଂଖ୍ୟକ ଶ୍ରମିକ କାମ କରିବାକୁ ରାଜ୍ୟ ବାହାରକୁ ଯାଉଥିବା ମାନୁ ନ ଥିଲେ। ହେଲେ କରୋନା ସମୟରେ ବାହାର ରାଜ୍ୟରୁ ପ୍ରବାସୀ ଶ୍ରମିକମାନେ ସରକାରଙ୍କ ସୌଜନ୍ୟରେ ଫେରିବା ପରେ ଅସଲ ସଂଖ୍ୟା ପଦାକୁ ଆସିଛି। କରୋନା ସମୟରେ ରୋଜଗାର ଯୋଗାଇ ଦେବାକୁ ପ୍ରଶାସନ ଶ୍ରମିକମାନଙ୍କୁ ରୋଜଗାର ଗ୍ୟାରେଣ୍ଟି ଦେବାକୁ ସଂକଳ୍ପ ନେଇଥିଲା। ହେଲେ ବର୍ତ୍ତମାନ ଜିଲାକୁ ଫେରିଥିବା ୭୦ହଜାର ପ୍ରବାସୀ(ଦାଦନ)ଶ୍ରମିକ ରୋଜଗାର ନ ପାଇ ହା ହୁତାଶରେ ଦିନ କାଟୁଛନ୍ତି।

**ନୂଆପଡ଼ା ଜିଲା**

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କାମଧନ୍ଦା ଅଭାବରୁ ଜିଲାରୁ ପ୍ରତିବର୍ଷ ରାଜ୍ୟ ବାହାରକୁ ହଜାର ହଜାର ସଂଖ୍ୟାରେ ଶ୍ରମିକ ଦାଦନ ଖଟିବାକୁ ଯାଇଥାନ୍ତି। ଦାଦନ ରୋକିବାକୁ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବାର୍ଷିକ ରୋଜଗାର ଗ୍ୟାରେଣ୍ଟି କରଥାନ୍ତି। ହେଲେ ଦାଦନ ରୋକିବାରେ ଜିଲାରେ ଏହା ସଫଳ ହେଉନାହିଁ। ଦାଦନଙ୍କ ସଂଖ୍ୟା ଉପରେ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ରାଜ୍ୟ ବାହାରକୁ ମାତ୍ର ୧୦/୧୫ହଜାର ଶ୍ରମିକ ଯାଉଥିବା ନେଇ ଶ୍ରମ ବିଭାଗ ମିଥ୍ୟା ରିପୋର୍ଟ ଦେଇ ଆସୁଥିଲା। ହେଲେ ଏଥର ଅସଲ କଥା ପଦାକୁ ଆସିଛି। ଲକ୍‌ଡାଉନ ପରେ ସ୍ୱତନ୍ତ୍ର ଟ୍ରେନ, ବସ୍ ଯୋଗେ ପ୍ରବାସୀ ଶ୍ରମିକମାନଙ୍କୁ ଏଠାକୁ ଅଣାଯାଇଥିଲା। ସେମାନଙ୍କ ସଂଖ୍ୟା ୭୦ହଜାରରୁ ଊର୍ଦ୍ଧ୍ୱ। ବର୍ତ୍ତମାନ ଏଠାରେ କୌଣସି କାମଧନ୍ଦା ନାହିଁ। ଲକ୍‌ଡାଉନ ସମୟରେ ହାତ ଖାଲି କରି ବସିଛନ୍ତି। ଗାଁଗୁଡ଼ିକରେ କୌଣସି ରୋଜଗାରଭିତ୍ତିକ କାମ ଚାଲୁନାହିଁ। ଏଣେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକେ ଯାହା କିଛି କାମ କରୁଛନ୍ତି ତାହାର ପାଉଣା ପାଉନାହାନ୍ତି। ଶ୍ରମ ବିଭାଗ ଚେଇଁ ଶୋଇରହିଛି। ଏହାର ସୁଯୋଗ ନେଇ ଗାଁଗଣ୍ଡାରେ ଶ୍ରମିକ ସର୍ଦ୍ଦାରମାନେ ଆଡ୍ଡା ଜମାଇଲେଣି। ଅଗ୍ରିମ ଟଙ୍କା ଦେଇ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ କରୁଛନ୍ତି। ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏ ନେଇ ପଚାରିବାରୁ ଏହି ସମସ୍ୟା ଉପରେ ବିଶେଷ ଦୃଷ୍ଟି ଦିଆଯିବ। କରୋନା ସଂକ୍ରମଣ ରୋକିବା ସହ ପ୍ରବାସୀଙ୍କ ଜୀବନଜୀବିକା ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।



ରାଜ୍ୟ ବାହାରୁ ଫେରିଥିବା ପ୍ରବାସୀ ଶ୍ରମିକମାନେ।

# କରୋନା ଟିକା ପ୍ରସ୍ତୁତି ଦାବି କଲେ ଯୁବକ, ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଚଢ଼ାଉ

ବରଗଡ଼ ଅଫିସ୍,୨୬।୯




ଜବତ କରୋନା ଟିକା।

ମହାମାରୀ କରୋନାର ପ୍ରତିଷେଧକ ଟିକା ଏ ପର୍ଯ୍ୟନ୍ତ ବାହାରିନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚଓ) ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏ ନେଇ ଦିନରାତି ଲାଗିଛନ୍ତି। ଏଭଳିସ୍ଥଳେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରୁଷୁଡ଼ାର ପ୍ରହଲ୍ଲାଦ ବିଶି(୩୨) କରୋନାର ପ୍ରତିଷେଧକ ଟୀକା ପ୍ରସ୍ତୁତ କରିବା ନେଇ ଦାବି କରିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଟୀକା ପ୍ରସ୍ତୁତ ହେଉଥିବା ଖବର ପାଇ ବରଗଡ଼ ଡ୍ରଗ୍ସ ଇନ୍ସପେକ୍ଟର ସସ୍ମିତା ଦେହୁରୀ ଅନ୍ୟ ବିଭାଗୀୟ କର୍ମଚାରୀ ଏବଂ ପୋଲିସ ଶୁକ୍ରବାର ଚଢ଼ାଉ କରି ତାଙ୍କ ପାଖରେ ଥିବା ଟୀକା, ସିରିଞ୍ଜ, ଲେବେଲିଂ ଷ୍ଟିକର ଆଦି ଜବତ୍ କରିଛନ୍ତି। ଘଟଣା ସମ୍ପର୍କରେ ସେ ଡ୍ରଗ୍ସ କଣ୍ଟ୍ରୋଲ ରୁମଙ୍କୁ ଜଣାଇବା ସହିତ ସମ୍ପୃକ୍ତ ଟିକାର ନମୁନା ପରୀକ୍ଷା ପାଇଁ ଲାବୋରାଟୋରୀଙ୍କୁ ପଠାଯାଇଛି। ପ୍ରହଲ୍ଲାଦଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଦେହୁରୀ କହିଛନ୍ତି। ତେବେ ପ୍ରହଲ୍ଲାଦ କାହାରିକୁ ସେହି ଟୀକା ଦେଇ ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଦେହୁରୀ କହିଛନ୍ତି । ଅନ୍ୟପକ୍ଷେ ଶନିବାର ସନ୍ଧ୍ୟାରୁ ସମ୍ପୃକ୍ତ ଯୁବକ ଜଣକ ରୁଷୁଡ଼ାରୁ ଅନ୍ୟତ୍ର କୁଆଡ଼େ ଚାଲି ଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଭେଡ଼େନ ଥାନା ରେମଣ୍ଡା ଗ୍ରାମର ପ୍ରହଲ୍ଲାଦ ଗତ କିଛିମାସ ହେଲା ରୁଷୁଡ଼ାରେ ଏକ ଭଡ଼ାଘରେ ରହୁଥିଲେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

**SCHOOL OF EDUCATION**
(Self-Finance Unit of Berhampur University)
**BERHAMPUR UNIVERSITY, BHANJA BIHAR, BERHAMPUR-760007**

Letter No. : 350/SOE/BU/2020 Date : 26.09.2020

**ADMISSION NOTIFICATION - 2020-2022**

Application are invited for admission into B.Ed. two years course (Regular on Self-Financing Mode) under **SCHOOL OF EDUCATION** of **BERHAMPUR UNIVERSITY** for the session 2020-2022.

The candidates are required to download the Prospectus and Application Form from Berhampur University website **(www.bamu.nic.in)** for detail information relating to the admission from **date-27.09.2020** onwards.

**NO PRINTED FORMS WILL BE SOLD BY THE SCHOOL OF EDUCATION, BERHAMPUR UNIVERSITY**

**DATES TO REMEMBER**

| | |
|---|---|
| Last date of receipt of duly filled-in application form along with processing-cum-application fee. | 20.10.2020 (Tuesday) |

For details visit the Berhampur University Website **www.bamu.nic.in**

*Sd/- (Dr. S.R. Das) Coordinator*
*School of Education, Berhampur University*

# ମଦ କାରବାର ବୃଦ୍ଧି, ଥାନା ଘେରିଲେ ମହିଳା

ଲୋଇସିଂହା,୨୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାଣ୍ଡିଆପଦର ଛକରେ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରତିବାଦରେ ଶନିବାର ମାଣ୍ଡିଆପଦର ଗ୍ରାମର ୧୦ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳା ଲୋଇସିଂହା ଥାନକୁ ଆସି ଘେରାଉ କରିଥିଲେ । ହୀରାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଆପଦର ଛକ ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ କଡ଼ରେ ରହିଛି । ଉକ୍ତ ଛକରେ ଦୀର୍ଘମାସ ହେଲା କେତେଜଣ ବ୍ୟକ୍ତି ବେଆଇନ ଭାବେ ମଦ କାରବାର ଚଳାଇଛନ୍ତି। ଅଭିଯୋଗ କଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ପୋଲିସ ଓ ଅବକାରୀ ବିଭାଗର ପ୍ରଚ୍ଛନ୍ନ ସହଯୋଗରେ ଏହି କାରବାର ଚାଲିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅବାଧ ମଦ କାରବାର ଯୋଗୁ ଗ୍ରାମର ପୁରୁଷମାନେ ମଦ ପିଇ ଘରେ ଗଣ୍ଡଗୋଳ କରୁଛନ୍ତି। ଯୁବଗୋଷ୍ଠୀ କୁପଥଗାମୀ ହେଉଛନ୍ତି। ନିଶାସକ୍ତଙ୍କ ଉତ୍ପାତ ଯୋଗୁ ରାସ୍ତାରେ ଝିଅବୋହୂମାନେ ଯିବା ଆସିବା କରିବାକୁ ସଙ୍କୋଚ ମଣୁଥିବା ମହିଳାମାନେ ଅଭିଯୋଗ କରିଥିଲେ। ଶନିବାର ଗ୍ରାମର ୧୦ ଏସ୍‌ଏଚ୍‌ଜିର ମହିଳାମାନେ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ଏକ ବୈଠକ କରିଥିଲେ । ବୈଠକର ନିଷ୍ପତ୍ତି ମୁତାବକ ଥାନା ଘେରାଉ କରାଯାଇଥିଲା।



ମହିଳାମାନଙ୍କୁ ପୋଲିସ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

### ୪ ଦିନ ବନ୍ଦ ରହିବ ଭିସୁଟ୍

ସମ୍ବଲପୁର, ୨୬।୯ (ବ୍ୟୁରୋ)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ୪ ଦିନ ଲାଗି ଅର୍ଥାତ ଶନିବାରଠାରୁ ମଙ୍ଗଳବାର ଯାଏ ବନ୍ଦ ରହିବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟରେ କରୋନା ଚିହ୍ନଟ ପରେ ଏହି ନିଷ୍ପତ୍ତି ନିଆଯାଇଛି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
A MINI RATNA COMPANY
Gondwana Place, Kanke Road, Ranchi - 834031, JHARKHAND, INDIA

No : CMPDI/HQ/SE/R/19-20/E-585287 Dated : 23.09.2020

**EMPLOYMENT NOTICE**

**Central Mine Planning & Design Institute Limited,** a Mini Ratna Company and one of the profit making CPSUs in energy sector of the country invites application from Indian citizens for filling up the vacancies in the following posts, which may increase/decrease at the discretion of Management : -

| Sl. No. | Name of Post | Grade | Basic Pay | UR | SC | ST | OBC (NCL) | EWS | Total* | ESM | PwBD | Categories of Disabled suitable# | Physical Requirement# |
|---|---|---|---|---|---|---|---|---|---|---|---|---|---|
| Current Vacancies | | | | | | | | | | | | | |
| 1. | Asst. Driller (Trainee)# | T&S Gr.C | Rs. 31,852.56 | 7 | 7 | 1 | 0 | 0 | 15 | 2 | - | Not identified for PwBD | Not identified for PwBD |
| 2. | Jr. Scientific Assistant Gr. II | T&S Gr.D | Rs. 29,460.30 | 7 | 3 | 0 | 5 | 0 | 15 | 2 | 1 (HH) | OA, OL, HH | S,BN,SE, RW,MF |
| TOTAL | | | | 14 | 10 | 1 | 5 | 0 | 30 | 4 | 1 | | |

For details w.r.t. qualification, age limit, allowances / benefits, how to apply, selection process, general instructions & other important information, please visit company's website **www.cmpdi.co.in** or Employment News / Rojgar Samachar dated **26.09.2020**.

Candidates can apply through **ONLINE mode** only by logging into CMPDI website **www.cmpdi.co.in** between 26.09.2020 at 9:30 am to 25.10.2020, 12.00 pm. The last date for receiving the Application Form along with application for special assistance, if any, is **25.10.2020**.

# ଗାଁ ଶ୍ମଶାନରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ଲୋଇସିଂହା,୨୬।୯(ଡି.ଏନ.ଏ.)

ଦିଲ୍ଲୀସ୍ଥିତ ଆର୍ମିହସ୍ପିଟାଲରେ ଗୁରୁବାର ମୃତ୍ୟୁବରଣ କରିଥିବା ଯବାନ ସୁମନ୍ତ ପଧାନ(୩୨)ଙ୍କ ଶେଷକୃତ୍ୟ ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ତେନ୍ତୁଲି ଗାଁ ମଶାଣିରେ ରାଷ୍ଟ୍ରୀୟ ସମ୍ମାନ ସହ ସମ୍ପନ୍ନ ହୋଇଛି। ଶନିବାର ମଧ୍ୟାହ୍ନରେ ତାଙ୍କ ମରଶରୀର ସାଲେଭଟାରେ ପହଞ୍ଚିବା ପରେ ଏକ ବାଇକ ଶୋଭାଯାତ୍ରାରେ ୧୦କିମି ଦୂର ତାଙ୍କ ଗାଁକୁ ନିଆଯାଇଥିଲା। ଶୋଭାଯାତ୍ରା ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଗଲପୁର ବ୍ଲକ ପ୍ରଶାସନ, ଲୋଇସିଂହା ପୋଲିସ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପ୍ରକାଶ ଯେ, ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ସୁମନ୍ତ ଗୁରୁବାର ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ଦିଲ୍ଲୀ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ନୂଆଁଖାଇରେ ସେ ଗାଁକୁ ଆସି ମାସକ ତଳେ କର୍ମକ୍ଷେତ୍ରକୁ ଫେରିଥିଲେ।

# କୃଷି ବିଲ୍ ନେଇ ବଢୁଛି ଚାଷୀ ଅସନ୍ତୋଷ

ବରଗଡ଼ ଅଫିସ୍,୨୬।୯

- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ଜନ ଜାଗରଣ ସୃଷ୍ଟି ପାଇଁ ବୈଠକରେ ନିଷ୍ପତ୍ତି

କୃଷିବିଲ୍‌କୁ ବିରୋଧ କରି ବରଗଡ଼ ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଶନିବାର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। କୃଷି ବିଲ୍ ବିରୋଧରେ ସାରାଦେଶରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚାଷୀର ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା ସହିତ କୃଷି ବିଲରେ ଆବଶ୍ୟକ ସଂଶୋଧନ ସହିତ ନୂତନ ଆଇନ ପ୍ରଣୟନ କରାଯାଉ ବୋଲି ଚାଷୀ ସମନ୍ୱୟ ସମିତି ମତବ୍ୟକ୍ତ କରିଛି। ସେହିପରି ଉକ୍ତ ବିଲ୍‌କୁ ଅନୁମୋଦନ ନ କରିବା ପାଇଁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ଚାଷୀ ସଂଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଚନ୍ଦ୍ର ଦେବତା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସେହିପରି ଅତାବିରା ବ୍ଲକ ଅନ୍ତର୍ଗତ ଲସ୍ତଲା ଗ୍ରାମରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଗୌରଚନ୍ଦ୍ର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି ବିଲ୍‌କୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବିଲ୍ ଦ୍ୱାରା ଚାଷୀର ସ୍ୱାର୍ଥ ସୁରକ୍ଷିତ ରହିବ ନାହିଁ ଏବଂ ପୁଞ୍ଜିପତିମାନେ ଅଧିକ ଲାଭ ଉଠାଇବେ ବୋଲି ମତପ୍ରକାଶ ପାଇଥିଲା। ପୂର୍ବାପେକ୍ଷା ଚାଷୀମାନେ ଆହୁରି ଅଧିକ ଶୋଷଣ, ସମସ୍ୟାର ସମ୍ମୁଖୀନ ହେବେ ବୋଲି ଚାଷୀମାନେ ମତ ରଖିଥିଲେ। ଫଳରେ ଏହି ବିଲ୍ ବିରୋଧରେ ଜନ ଜାଗରଣ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ସଂଗଠନର କର୍ମୀମାନେ ପ୍ରତି ଗ୍ରାମକୁ ଯାଇ ଚାଷୀଙ୍କୁ ଭେଟିବା ସହିତ କୃଷି ବିଲ୍ ବିରୋଧରେ ଲଢ଼େଇ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବୃଷଭାନୁ ସାହୁ, ପଲଉ ମାଝି, ସନାତନ ପ୍ରଧାନ, ଭିକାରୀ ବାରିକ, ହାରାଧନ ପ୍ରଧାନ, ଲୋକେଶ୍ୱର ପ୍ରଧାନ, ଅଶୋକ ଭୋଇ, ଦୈତାରୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଅଫିସରେ ଚାଷୀ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

NATION TAX MARKET GST

**COMMISSIONERATE OF CT & GST
FINANCE DEPARTMENT,
GOVERNMENT OF ODISHA**

**ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ
ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼**

**No.S-13:-** ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ' 2020 | ୧୫।୦୯।୨୦୨୦ |
| ୨ | ଜୁନ' 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ' 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ' 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:

(କ) ଟିକସ ଦେୟ ପରିମାଣ 'ଶୂନ୍ୟ' ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।

(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧରେ ସୀମିତ ରହିବ।

➢ ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠରେ କୌଣସି ସୁବିଧା ପାଇବେ ନାହିଁ।

➢ ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

**ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ
ଓଡ଼ିଶା ସରକାର, କଟକ**

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021

# ଏଫ୍‌ସିଆର୍‌ଏ କାହା ସ୍ୱାର୍ଥରେ



ଆକାର ପଟେଲ

ଫରେନ୍ କଣ୍ଟ୍ରିବ୍ୟୁଶନ (ରେଗୁଲେଶନ) ଆକ୍ଟ ବା ବିଦେଶ ଅନୁଦାନ ନିୟନ୍ତ୍ରଣ ଆଇନ (ଏଫ୍‌ସିଆର୍‌ଏ) ଏକ ଅଜବ ପ୍ରକାରର ପୁରୁଣା ଆଇନ। ଭାରତର ନିର୍ବାଚନ ପ୍ରକ୍ରିୟା ଏବଂ ଗଣତନ୍ତ୍ର ଉପରେ ବାହାରର ହସ୍ତକ୍ଷେପକୁ ଦୂର କରିବା ଲାଗି ୧୯୭୬ରେ ଏହାକୁ ଗଠନ କରାଯାଇଥିଲା। ଏଥିରେ ରାଜନୈତିକ ଦଳ ଓ ତାଙ୍କ ପ୍ରାର୍ଥୀ, ସାମ୍ବାଦିକ ଏବଂ ଖବରକାଗଜ ପ୍ରକାଶକ, ବିଚାରପତି, ଅମଲାତନ୍ତ୍ରୀ ଏବଂ ସାଂସଦମାନଙ୍କୁ ବିଦେଶରୁ ଅନୁଦାନ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ସମୟକ୍ରମେ ଉଦାରୀକରଣ ନିୟମ ଅନୁଯାୟୀ ଏମାନେ ସବୁ ବୈଦେଶିକ ଅନୁଦାନ ଗ୍ରହଣ କଲେ ଏବଂ ଭାରତ ସରକାର ଏଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ଲାଗିଲେ। ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)ସଂଖ୍ୟା ବୃଦ୍ଧିକୁ ନେଇ ଗର୍ବ କରିବା ସହ ଏହି ସରକାର ଏ ସମ୍ପର୍କରେ ସବୁବେଳେ କହିଚାଲିଛନ୍ତି। କିନ୍ତୁ ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ଅନ୍‌ଲାଇନ( ଯାହା ଏବେ ସବୁଠୁ ପ୍ରଭାବଶାଳୀ ଭାବେ ଉଭା ହୋଇଛି) କୌଣସି ବୈଦେଶିକ ନିବେଶ ପାଇ ପାରିନାହାନ୍ତି, ବରଂ ଏହଦ୍ୱାରା ପ୍ରଭାବିତ ହୋଇଛନ୍ତି। ଭାରତରେ ସର୍ବବୃହତ୍ ଗଣମାଧ୍ୟମ କମ୍ପାନୀ ଫେସ୍‌ବୁକ ଓ ଗୁଗଲର ମାଲିକ ବିଦେଶୀ ଓ ସେମାନଙ୍କ ଦ୍ୱାରା ଏହା ପରିଚାଳିତ। ବୈଦେଶିକ ଫାର୍ମଗୁଡ଼ିକଠାରୁ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଅଂଶଧନ ନିବେଶ ଗ୍ରହଣ କରିପାରିବାର ବ୍ୟବସ୍ଥା ଥିଲେ ବି ତାହା ହୋଇପାରିନାହିଁ। ଏପରିକି ରାଜନୈତିକ ଦଳଗୁଡ଼ିକ ଏଫ୍‌ସିଆର୍‌ଏ ପଞ୍ଝାରୁ ନିଜକୁ ବାହାର କରିନେଇ ତାହା ପାଇବାକୁ ସକ୍ଷମ ହୋଇଗଲେ। ଜାନୁୟାରୀ ୨୦୧୩ରେ ଏକ ଜନସ୍ୱାର୍ଥ ମାମଲା ଦିଲ୍ଲୀ ଉଚ୍ଚନ୍ୟାୟାଳୟରେ ଦାଏର ହୋଇଥିଲା। ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସ ବେଦାନ୍ତ/ଷ୍ଟେରଲାଇଟ କମ୍ପାନୀଠାରୁ ଅନୁଦାନ ଗ୍ରହଣ କରିବା ଏଫ୍‌ସିଆର୍‌ଏ ଆଇନର ଉଲ୍ଲଂଘନ ବୋଲି ଏଥିରେ ଦର୍ଶାଯାଇଥିଲା। ଏଫ୍‌ସିଆର୍‌ଏ ଆଇନ ଉଲ୍ଲଂଘନ କରିଥିବାରୁ ମାର୍ଚ୍ଚ ୨୮,୨୦୧୪ରେ କୋର୍ଟ ଉଭୟ ଭାଜପା ଓ କଂଗ୍ରେସକୁ ଦୋଷୀ କରିବା ସହ ମୋଦି ସରକାର ଓ ନିର୍ବାଚନ କମିଶନଙ୍କୁ ଏହି ଦୁଇ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଦୁଇଦଳକୁ ଏଥିରୁ ମୁକ୍ତ କରିବା ପାଇଁ ସରକାର ଡିସେମ୍ବର ୨୦୧୫ରେ ଆଇନ୍‌ରେ ସଂଶୋଧନ ଆଣିବାକୁ ଚାହୁଁଥିବା ଜଣାପଡିଲା। ୨୦୧୬ ବଜେଟ ସେସନ୍‌ରେ ଏହା କରାଗଲା। ସରକାର ସେତେବେଳେ ବୈଦେଶିକ ଉତ୍ସର ସଂଜ୍ଞା ବଦଳେଇ ଦେଇଥିଲେ ଏବଂ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ଅନୁଦାନକୁ ବୈଧ କରିଦେଲେ। ଦୁର୍ଭାଗ୍ୟବଶତଃ ଏହାକୁ ଅତି ଖାମଖିଆଲ ଢଙ୍ଗରେ କରାଯାଇଥିଲା ,ଯେଉଁଥିପାଇଁ ପୁଣି ୨୦୧୮ରେ ଏହି ଆଇନରେ ସଂଶୋଧନ କରାଯାଇ ଦଳଗୁଡ଼ିକୁ ଏଥିରୁ ମୁକ୍ତ କରାଯିବା ଲାଗି ପ୍ରୟାସ କରାଯାଇଥିଲା। ଶେଷରେ ୨୦୧୮ ମାର୍ଚ୍ଚରେ ଯେଉଁଭଳି ଭାବେ ଏହାକୁ ସଂଶୋଧନ କରାଗଲା ତାହା ଥିଲା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ। ଏହା ଏଫ୍‌ସିଆରଏ୍ ପୃଷ୍ଠଭୂମିର ଏକ ରାଜନୈତିକ ଦିଗ। ବିଗତ ବର୍ଷଗୁଡ଼ିକରେ ଏହି ଆଇନ ବିପରୀତ ଭାବେ କାମ କରିଛି। ରାଜନୀତିରେ ବୈଦେଶିକ ପ୍ରଭାବ କମ୍ କରିବା ପରିବର୍ତ୍ତେ ଏହା ନନ୍‌ପ୍ରଫିଟ ଅର୍ଗାନାଇଜେଶନ ବିରୋଧରେ ଏକ ଅସ୍ତ୍ର ହୋଇଛି। କୌଣସି ସରକାରର ସିଭିଲ ସୋସାଇଟି ପ୍ରୀତି ନାହିଁ , ନିର୍ଦ୍ଦିଷ୍ଟ ଭାବେ ଭାଜପା ଏହାର ଶତ୍ରୁ ପାଲଟିଯାଇଛି। ଦି ଇକୋନୋମିକ ଟାଇମ୍ସ ଏ ବିଷୟରେ ପ୍ରଧାନମନ୍ତ୍ରୀ ତାଙ୍କ ଦୃଷ୍ଟିକୋଣକୁ ଭୁବନେଶ୍ୱରରେ ଦେଇଥିବା ଭାଷଣ ମାଧ୍ୟମରେ ଉପସ୍ଥାପନ କରିଥିବା ଖବର (ପିଏମ୍ ନରେନ୍ଦ୍ର ମୋଦି ସେଜ୍ ହି ଇଜ୍ ଭିକ୍ଟିମ ଅଫ୍ ଏନ୍‌ଜିଓସ୍ କନସ୍ପିରାସି, ୨୧ ଫେବୃୟାରୀ , ୨୦୧୬) ପ୍ରକାଶ କରିଥିଲା। ଏନ୍‌ଜିଓଗୁଡ଼ିକ ବିଦେଶ ଏଜେଣ୍ଟ ବୋଲି ସେ ଯେଉଁ ଅଭିଯୋଗ ବାଢିଥିଲେ ତା'ର ପ୍ରମାଣ ଦେଲେ ନାହିଁ , ବରଂ ସେମାନେ ତାଙ୍କ ସରକାରକୁ ଭାଙ୍ଗି ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ସହଜରେ ବୁଝିଗଲେ।

ମୋଦିଙ୍କ ଶାସନ କାଳରେ ଏନ୍‌ଜିଓ ସେକ୍ଟରକୁ ହ୍ରାସ କରିବାକୁ ପୂରା ଦମ୍‌ରେ ଉଦ୍ୟମ କରାଯାଇଛି। ଭାରତରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଏଭଳି ଅନୁଷ୍ଠାନ ରହିଛି। ଦେଶର ଥିବା ଛୋଟ ବଡ଼ ସଂଘଠାରୁ ଆରମ୍ଭ କରି ବିଶ୍ୱର ସବୁଠୁ କ୍ଷମତାଶାଳୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏହା ମଧ୍ୟରେ ବି ରହିଛି। ଶିକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍, ମହିଳାଙ୍କ ବିରୋଧରେ ହିଂସା, ସ୍ୱାସ୍ଥ୍ୟ, ମାନବିକ ଅଧିକାର, ଆପରାଧିକ ନ୍ୟାୟ ପ୍ରକ୍ରିୟା, ପରିବେଶ, କୃଷି ଇତ୍ୟାଦି କ୍ଷେତ୍ରରେ ଏଗୁଡ଼ିକ କାର୍ଯ୍ୟ କରନ୍ତି। ୨୦୧୪ରୁ ୨୦୧୮ ମଧ୍ୟରେ ଏକ ରିପୋର୍ଟରୁ ଜଣାପଡିଥିଲା ଯେ,ଏହି ସବୁ ଗ୍ରୁପ ପାଇଁ ଆସୁଥିବା ବୈଦେଶିକ ପାଣ୍ଠି ପ୍ରାୟ ୪୦% କମିଯାଇଥିଲା। ତଥାପି ଏହି ମାସରେ ଏଫ୍‌ସିଆର୍‌ଏକୁ ସଙ୍କୁଚିତ କରିବା ଲାଗି ଆଉ ଏକ ସଂଶୋଧନ କରାଗଲା। ଏଥିରେ ଯାହା କରାଯାଇଛି ତାହାଦ୍ୱାରା ଏନ୍‌ଜିଓଗୁଡ଼ିକୁ ଭାରତରେ କାର୍ଯ୍ୟ କରିବାରେ ବାଧା ଉପୁଜିବ। ଏଗୁଡ଼ିକୁ ବନ୍ଦ କରିଦେବା ଲାଗି ଏହା ଏକ ସନ୍ଦେଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ମୁଁ ମଧ୍ୟ ଏହି କ୍ଷେତ୍ରରେ କିଛି ବର୍ଷ କାମ କରିଛି। ମୁଁ କହି ପାରିବି ଯେ, ଏଥିରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ବ୍ୟକ୍ତି ରହି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ବିଶ୍ୱର ବହୁ ଅଞ୍ଚଳରେ ଏବଂ ସମସ୍ତ ଗଣତାନ୍ତ୍ରିକ ଦେଶରେ ବିନା ବାଧାରେ ଏହି କାର୍ଯ୍ୟ କରାଯାଉଛି। ଭାରତର ଯେଉଁ କ୍ଷତି ହୋଇଛି ସେଥିରେ ଏନ୍‌ଜିଓ ସେକ୍ଟର୍‌ର କିଛି ହାତ ଅଛି ବୋଲି କହିବା ଭାଜପାର ପାଗଳାମି। ଏହି ସଂଗଠନଗୁଡ଼ିକ ମଧ୍ୟରୁ ଅନେକ ବିଶ୍ୱରେ ଖୁବ୍ ପ୍ରତିଷ୍ଠା ଲାଭ କରିଛନ୍ତି ଏବଂ ମୁଁ ଯେଉଁଥିରେ କାମ କରିଛି ତାହା ନୋବେଲ ପୁରସ୍କାର ପାଇଛି। ଦୁର୍ଭାଗ୍ୟବଶତଃ ଯାହା ଘଟିଛି ଓ ଘଟୁଛି ତାହା ପଛର ବାସ୍ତବତା ହେଉଛି ଯେଉଁ ଏନଜିଓଗୁଡ଼ିକ ଉପରେ ଚଢାଉ ହେଉଛି ସେମାନଙ୍କ ମଧ୍ୟରୁ ଅନେକ କାର୍ଯ୍ୟ ବନ୍ଦ କରିଦେବେ ଏବଂ ଆଉ କେତେକ କାର୍ଯ୍ୟ ପରିସର କମାଇ ଦେବାକୁ ବାଧ୍ୟ ହେବେ।

ସିଭିଲ ସୋସାଇଟିରେ ବହୁ ପ୍ରେରଣାଦାୟକ ଲୋକ ଭରି ରହିଥିବାରୁ ଏହା ତା'ର କାମ କରିଚାଲିବ। କାରଣ,ଲୋକମାନେ ସେଥିରେ ଟଙ୍କା ପାଇଁ କାମ କରୁନାହାନ୍ତି। ଏନ୍‌ଜିଓରେ କାମ କରୁଥିବା ଇନଭେଷ୍ଟମେଣ୍ଟ ବ୍ୟାଙ୍କର୍‌ସ, ଆଇନ ଓ ଗଣମାଧ୍ୟମ ପୃଷ୍ଠଭୂମି ଥିବା ଲୋକମାନଙ୍କ ସହ ମୁଁ କାମ କରିଛି। ଏଭଳି ଭାରତୀୟମାନେ ଏହି କାମ କରିବା ଜାରି ରଖିବେ ନିଶ୍ଚୟ ଏବଂ ସେମାନଙ୍କୁ ବାଧା ଦେବା ଲଜ୍ଜାଜନକ। ସମ୍ପ୍ରତି ଭାରତ ସାମରିକ, ଅସ୍ତ୍ରଶସ୍ତ୍ର, ବୋମା ଓ ବନ୍ଧୁକ, ମଦ, ତମାଖୁ, ପେଟ୍ରୋଲିୟମ ଏବଂ ଫାର୍ମାସ୍ୟୁଟିକାଲ୍ସ ସହ ପ୍ରତ୍ୟେକ ଜିନିଷ ପାଇଁ ବୈଦେଶିକ ନିବେଶକୁ ଆମନ୍ତ୍ରଣ କରୁଛି। କିନ୍ତୁ ସ୍ୱାସ୍ଥ୍ୟ,ଶିକ୍ଷା ଏବଂ ବିଭିନ୍ନ ଅଧିକାର କ୍ଷେତ୍ରରେ ନିବେଶକୁ ନିଷିଦ୍ଧ କରିଛି। ସରକାର ଏଭଳି କାର୍ଯ୍ୟ କରିବାରେ କିଛି ବଡ ତ୍ରୁଟି ରହିଛି, ଏହା ନିଃସନ୍ଦେହ।

Email:aakar.patel@gmail.com

## su | do | ku ସୁ–ଡୋ–କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ଏବଂ ଅଧ୍ୟାଦେଶ



ଡ. ପ୍ରୀତିଶ କୁମାର ସାହୁ

ୟୁକ୍ତରାଷ୍ଟ୍ର ଶିକ୍ଷକ, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଙ୍ଗଠନ (ୟୁନେସ୍କୋ, ୨୦୦୯) ମୁତାବକ ବିଶ୍ୱବିଦ୍ୟାଳୟ ତିନୋଟି ମୌଳିକ ଉଦ୍ଦେଶ୍ୟ ଉପରେ ଆଧାରିତ ଅଧ୍ୟାପନା, ଗବେଷଣା ଓ ସମାଜ ସେବା ଯାହା କି ଏକ ସ୍ୱୟଂକ୍ରିୟ ଏବଂ ସ୍ୱାଧୀନ ବିଚାର ଦ୍ୱାରା ପରିଚାଳିତ। ସିଏ ୧୯୮୬ ମସିହାର ଶିକ୍ଷାନୀତି ହେଉ ବା ୧୯୯୨ ମସିହାର ପରିବର୍ତ୍ତିତ ଶିକ୍ଷାନୀତି ହେଉ ବା ୨୦୨୦ର ନୂତନ ଶିକ୍ଷାନୀତି ହେଉ – ସବୁ ଶିକ୍ଷାନୀତି ମୁଖ୍ୟତଃ ଶିକ୍ଷକ ଏବଂ ଶିକ୍ଷାର ସ୍ୱାଧୀନତା ଉପରେ ଉପଯୁକ୍ତ ଗୁରୁତ୍ୱ ଦେଇଛି, ଯାହା ଶୈକ୍ଷଣିକ ଉତ୍କର୍ଷତା ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛି। ଏପରି କି ୨୦୨୦ର ନୂତନ ଶିକ୍ଷାନୀତି ନିର୍ଦ୍ଧାରଣ କରିବା ପୂର୍ବରୁ କେନ୍ଦ୍ର ସରକାର ମଧ୍ୟ ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀଙ୍କ ସମେତ ସମାଜର ବିଭିନ୍ନ ବର୍ଗର ମତକୁ ବିଚାରାଧୀନକୁ ନେଇଥିଲେ। କିନ୍ତୁ ଏହା ଏକ ଆଶ୍ଚର୍ଯ୍ୟର କଥା ଯେ, ଓଡ଼ିଶା ସରକାର କୌଣସି ବର୍ଗର ଲୋକମାନଙ୍କ ମତ ବା ଶିକ୍ଷାନୁଷ୍ଠାନ ସହିତ ଜଡ଼ିତ ଶିକ୍ଷାବିତ ଏବଂ ବୁଦ୍ଧିଜୀବୀଙ୍କ ମତାମତକୁ ନ ନେଇ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ରାଜ୍ୟ କ୍ୟାବିନେଟର ଅନୁମୋଦନ ପରେ ରାଜ୍ୟପାଳ ଏହି ଅଧ୍ୟାଦେଶ ଅନୁମୋଦନ କରିଛନ୍ତି।

କରୋନା ଭଳି ମହାମାରୀ ସମୟରେ ସମସ୍ତ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଏକରକମ ବନ୍ଦ ପଡ଼ିଥିବାବେଳେ ଏହି ଆକ୍ଟକୁ ତତ୍ପରତାର ସହିତ ଅଧ୍ୟାଦେଶ ମାଧ୍ୟମରେ ଆଣିବାର ଯଥାର୍ଥତା ଏବଂ ଉଦ୍ଦେଶ୍ୟ କ'ଣ ? ରାଜ୍ୟ ସରକାର ଯେତେବେଳେ ବିଧାନସଭାରେ ଦୁଇ–ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଉପଭୋଗ କରୁଛନ୍ତି ଏପରି ଏକ ଅଧିନିୟମ ଅଧ୍ୟାଦେଶ ମାଧ୍ୟମରେ ଆଣିବାର କ'ଣ ଜରୁରୀ ଥିଲା କି? ବିଶ୍ୱବିଦ୍ୟାଳୟର ମୁଖ୍ୟ ହିତାଧିକାରୀ ତଥା ଗବେଷଣାରତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଏବଂ ଅଧ୍ୟୟନରତ ଛାତ୍ରଙ୍କଠାରୁ କାହିଁକି କିଛି ମତ ନିଆଯାଇ ନ ଥିଲା। ଏପରି ଅନେକ ପ୍ରଶ୍ନବାଚୀ ଉପୁଜିଛି, ଯାହା କି ବିଶ୍ୱବିଦ୍ୟାଳୟର ସାର୍ବଭୌମ ସ୍ୱାଧୀନତା ସହିତ ଏହା ଆର୍ଥିକ, ଶୈକ୍ଷିକ, କାର୍ଯ୍ୟାତ୍ମକ ଏବଂ ଗୁଣାତ୍ମକ ସ୍ତରରେ ଏହି ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶ ପ୍ରଭାବ ପକାଇବ ବୋଲି ଶିକ୍ଷାବିତ୍‌ମାନେ ଅନୁଭବ କରୁଛନ୍ତି।

ବିଶ୍ୱବିଦ୍ୟାଳୟ ହେଉଛି ବିଶ୍ୱସ୍ତରୀୟ ଚେତନା ଜାଗରଣ କରିବାର ଏକ କେନ୍ଦ୍ର। ଏହା କେବଳ ଉଚ୍ଚସ୍ତରୀୟ ଶିକ୍ଷା ପାଇବାର ଏବଂ ଦକ୍ଷ କୌଶଳୀ ଜନଶକ୍ତି ବନାଇବାର ସ୍ଥାନ ତାହା ନୁହେଁ ବରଂ ଏହା ସମାଜ ପାଇଁ ପ୍ରଯୁଜ୍ୟ ଶିକ୍ଷକ, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଉଦ୍ୟୋଗପତି, ସମାଜଶାସ୍ତ୍ରୀ, ମାନବସେବୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବାର ଏକ ପୂର୍ଣ୍ଣାଙ୍ଗ କେନ୍ଦ୍ର ମଧ୍ୟ। ଏହି ପ୍ରଶିକ୍ଷିତ ବ୍ୟକ୍ତିବିଶେଷ ହିଁ ଦେଶର ଏବଂ ମାନବ ସମାଜର ଅର୍ଥନୈତିକ ଓ ସାମାଜିକ ଉତ୍‌ଥାନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଏକ ବିକାଶଶୀଳ ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ରୂପାନ୍ତରିତ କରିବାରେ ବିଶ୍ୱବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟପ୍ରଣାଳୀ ଏବଂ ଭୂମିକାକୁ ସଂକୁଚିତ କରିବା ପରିବର୍ତ୍ତେ ଏକ ବୃହତ୍ ସ୍ୱାଧୀନ ପରିବେଶ ଏବଂ ସ୍ୱାୟତ୍ତତା ଦିଆଯିବା ଯୁକ୍ତିଯୁକ୍ତ।

ଯଦିବା ପୂର୍ବରୁ ଥିବା ଓଡ଼ିଶା ୟୁନିଭରସିଟିଜ୍ ଆକ୍ଟ ୧୯୮୯ ଏବଂ ବର୍ତ୍ତମାନର ଅନୁମୋଦିତ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ)–୨୦୨୦ ଅଧ୍ୟାଦେଶ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି କିନ୍ତୁ ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ନିଯୁକ୍ତି ଚୟନ ପ୍ରକ୍ରିୟା, ବିଶ୍ୱବିଦ୍ୟାଳୟର ସିନେଟ ଉଚ୍ଛେଦ ଏବଂ ସିଣ୍ଡିକେଟରେ ଉଚ୍ଚଶିକ୍ଷା ବିଭାଗର ସଚିବ ବା ତାଙ୍କର ପ୍ରତିନିଧି ରହିବାର ବ୍ୟବସ୍ଥା ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ମହଲରେ ଅସନ୍ତୋଷ ପ୍ରକାଶ କରିଛି। ବର୍ତ୍ତମାନର ପ୍ରଶ୍ନ ହେଉଛି, ବିଶ୍ୱବିଦ୍ୟାଳୟର ଉନ୍ନତି କ'ଣ ଅମଲାତନ୍ତ୍ରର ଦୃଢ଼ ହସ୍ତକ୍ଷେପ ଦ୍ୱାରା ସମ୍ଭବ କି? ଯଦି ଏହା ସମ୍ଭବ ହେଉଥାଆନ୍ତା ତା'ହେଲେ ଭାରତର ଉଚ୍ଚକୋଟୀର ସରକାରୀ ଶିକ୍ଷାନୁଷ୍ଠାନ ଯଥା ଆଇଆଇଟି, ଆଇଆଇଏମ୍, ଭାରତୀୟ ବିଜ୍ଞାନ ସଂସ୍ଥାନ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଜେଏନ୍‌ୟୁ ଏବଂ ଅନ୍ୟ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ କେମିତି ଅମଲାତନ୍ତ୍ରର ହସ୍ତକ୍ଷେପ ବିନା ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ବିଶ୍ୱର ତାଲିକାଭୁକ୍ତ (କ୍ୟୁଏସ ର୍ୟାଙ୍କିଙ୍ଗ୍ ହେଉ ବା ଟାଇମ୍ସ ର୍ୟାଙ୍କିଙ୍ଗ୍ ହେଉ) ଏମିତି କୌଣସି ବିଶ୍ୱବିଦ୍ୟାଳୟ ନାହିଁ, ଯାହା ସରକାରଙ୍କ ଅମଲାତନ୍ତ୍ରର ପ୍ରତ୍ୟକ୍ଷ ହସ୍ତକ୍ଷେପରେ ପରିଚାଳିତ ହେଉଛି।

ଯେତେବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟ ଶିକ୍ଷାନୁଷ୍ଠାନର ଚୟନ ପଦ୍ଧତି କେନ୍ଦ୍ର ଲୋକସେବା ଆୟୋଗ ଦ୍ୱାରା ସ୍ଥିର ହେଉନାହିଁ ସେତେବେଳେ ଆଜିର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶରେ ଚୟନ ପ୍ରକ୍ରିୟାକୁ ଓଡ଼ିଶା ଲୋକସେବା ଆୟୋଗ ହାତରେ ଧରାଇ ଦିଆଯିବା ପ୍ରୟାସ ହୋଇଛି। ପ୍ରଥମ ପ୍ରଶ୍ନ ହେଲା ପ୍ରାଧ୍ୟାପକମାନେ କ'ଣ ସିଭିଲ୍ ସେବା ବା ପ୍ରଶାସନିକ ସେବା ମଧ୍ୟରେ ଅନ୍ତର୍ଭୁକ୍ତ ? ଯଦି ପ୍ରାଧ୍ୟାପକମାନେ ସିଭିଲ୍ ବା ପ୍ରଶାସନିକ ସେବାରେ ଅନ୍ତର୍ଭୁକ୍ତ ନୁହେଁ ତା'ହେଲେ ଚୟନ ପଦ୍ଧତି ଲୋକସେବା ଆୟୋଗ ଦ୍ୱାରା କାହିଁକି କରାଯିବ ? ଦ୍ୱିତୀୟତଃ, ଚୟନ ପଦ୍ଧତି ଏକ ଜଟିଳ ପ୍ରକ୍ରିୟା ହୋଇଥିବାରୁ ଲୋକସେବା ଆୟୋଗ ଯାହା କି ଅତ୍ୟଧିକ କାର୍ଯ୍ୟ ଏବଂ ଚାପ ମଧ୍ୟରେ ଗତି କରୁଛି ତାହା ଚୟନ ପ୍ରକ୍ରିୟା ଭଳି ଆଉ ଏକ ଅତିରିକ୍ତ କାର୍ଯ୍ୟ କ'ଣ ସୂଚାରୁରୂପେ କରିପାରିବ ? ତୃତୀୟତଃ, ଏକ ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରାଧ୍ୟାପକ, ପ୍ରାଧ୍ୟାପକ କିମ୍ବା କୁଳପତି ନିଯୁକ୍ତି ହେବାପାଇଁ ଅନେକ ଗବେଷଣା ସମ୍ବନ୍ଧିତ ପ୍ରକାଶନ ସହିତ ସର୍ବନିମ୍ନ ଯୋଗ୍ୟତା ପିଏଚ.ଡି. (ଡକ୍ଟରେଟ) ହୋଇଥିବାବେଳେ ଜଣେ ପ୍ରଶାସନିକ ଅଧିକାରୀ ହେବାର ସର୍ବନିମ୍ନ ଯୋଗ୍ୟତା ଉପସ୍ନାତକ (ଅଣ୍ଡର ଗ୍ରାଜୁଏଟ୍) ଅଟେ ଏବଂ ସେଇମାନେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ବା ମେମ୍ବର ମଧ୍ୟ ହୋଇପାରିବେ। ଏହି ପରିପ୍ରେକ୍ଷୀରେ ମନରେ ପ୍ରଶ୍ନଉଠେ କ'ଣ ପ୍ରଶାସନିକ ଅଧିକାରୀ ଏକ ଗୁଣାତ୍ମକ ଗବେଷଣା କେନ୍ଦ୍ରିତ ପ୍ରକାଶନକୁ ମୂଲ୍ୟାଙ୍କନ କରିପାରିବେ ? ସେହିପରି କୁଳପତି ନିଯୁକ୍ତି ସମୟରେ ସିଣ୍ଡିକେଟର ନୋମିନି ମନୋନୟନ ପରିବର୍ତ୍ତେ ବର୍ତ୍ତମାନର ବ୍ୟବସ୍ଥାରେ ସରକାର ଜଣେ ଗବେଷକ (ଶିକ୍ଷାବିତ) ମନୋନୟନ କରିବେ ; ଯାହା କି ୟୁଜିସି ନିୟମାବଳୀର ବିରୁଦ୍ଧ। ତାହା ସହିତ ମଧ୍ୟ ଯଦି ସବୁ ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ନିଯୁକ୍ତି ଏକାଧାରରେ ଲୋକସେବା ଆୟୋଗ ଦ୍ୱାରା ହେବ ତା'ହେଲେ ଆଗାମୀ ଦିନରେ ସେମାନଙ୍କ ଚାକିରି ମଧ୍ୟ ଏକ ବିଶ୍ୱବିଦ୍ୟାଳୟରୁ ଅନ୍ୟ ଏକ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇପାରିବ, ଯାହାଦ୍ୱାରା ତାଙ୍କ ଅଧୀନରେ ଥିବା ଗବେଷଣାରତ ଛାତ୍ରମାନେ ମଧ୍ୟ ପ୍ରଭାବିତ ହେବେ। ଏହିସବୁ ପ୍ରଶ୍ନ ସନ୍ଦେହ ସୃଷ୍ଟିକରୁଛି କି, ଯଦି ନିଯୁକ୍ତି ପ୍ରକ୍ରିୟା ଲୋକସେବା ଆୟୋଗ ଦ୍ୱାରା କରାଯିବ ତା'ହେଲେ ବିଶ୍ୱବିଦ୍ୟାଳୟ ନିଜର ସ୍ୱାଧୀନ ଚିନ୍ତାଧାରା ଏବଂ ସ୍ୱାୟତ୍ତତା ସହିତ ଏକ ଗୁଣାତ୍ମକ ଶିକ୍ଷକ ମଧ୍ୟ ହରାଇପାରେ।

ଭାରତରେ ସବୁ ବିଶ୍ୱବିଦ୍ୟାଳୟରେ ସିନେଟ ଏବଂ ସିଣ୍ଡିକେଟର ବ୍ୟବସ୍ଥା ରହିଛି, ଯାହାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ନୂତନ ବିଶ୍ୱବିଦ୍ୟାଳୟ ନୀତିରେ ସିନେଟକୁ ଉଚ୍ଛେଦ କରାଯାଉଛି, ଯାହା ନ ହେବା ଦରକାର। ତାହା ପରିବର୍ତ୍ତେ ସିନେଟକୁ ଏକ ନୂତନ ମାର୍ଗରେ ସଙ୍ଗଠନ କରାଯିବା ଦରକାର, ଯାହା ବିଶ୍ୱବିଦ୍ୟାଳୟର ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଏକ ଅଧିକ ଅର୍ଥପୂର୍ଣ୍ଣ ସହଯୋଗ ମଧ୍ୟ କରିପାରିବ। ସେହିପରି ସିଣ୍ଡିକେଟ ହେଉଛି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ। ବିଶ୍ୱବିଦ୍ୟାଳୟ ସମ୍ବନ୍ଧୀୟ ଯେକୌଣସି ଅନିୟମତା ଉପରେ ପଦକ୍ଷେପ ଏବଂ ସମାଧାନ କରିବାର ଯଥେଷ୍ଟ କ୍ଷମତା ସିଣ୍ଡିକେଟ୍ ପାଖରେ ଅଛି। ୟୁଜିସିର ନିୟମ ଅନୁଯାୟୀ ସିଣ୍ଡିକେଟରେ ଅତି ବେଶିରେ ୧୨ଜଣ ସଦସ୍ୟ ରହିବା ଦରକାର। ତେଣୁ ଏହାକୁ ସମ୍ପ୍ରସାରଣ କରିବାର କିଛି ଯଥାର୍ଥତା ନାହିଁ ବରଂ ଏହି ସମ୍ପ୍ରସାରଣ ହୁଏତ ଆଗାମୀ ଦିନରେ ସିଣ୍ଡିକେଟକୁ ପ୍ରଶାସନିକ ଅଧିକାରୀଙ୍କ କବଳରେ ଅଧିକ ରଖିବ।

ବିଶ୍ୱବିଦ୍ୟାଳୟଗୁଡ଼ିକର ମୌଳିକ ସମସ୍ୟାକୁ ସମାଧାନ ନ କରି ଏହା ପରିବର୍ତ୍ତେ ଏହାକୁ ଅଚାନକ ଲୋକସେବା ଆୟୋଗ ଅଧୀନରେ ଆଣିବାଟା କେତେଦୂର ଠିକ୍ ? ବର୍ଷ ବର୍ଷ ଧରି ବିଶ୍ୱବିଦ୍ୟାଳଗୁଡ଼ିକ ଏକ ପ୍ରକାର ଅବହେଳିତ ହେଲା ପରେ ଆଜିର କୁମ୍ଭୀର କାନ୍ଦଣା କ'ଣ ଓଡ଼ିଶାର ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରରେ ଛିଡ଼ା କରାଇପାରିବ ? ସବୁଠାରୁ ବଡ଼ କଥା ହେଲା ବର୍ତ୍ତମାନର ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶଟି ୟୁଜିସିର ଅନେକ ନିୟମାବଳୀକୁ ଉଲ୍ଲଂଘନ କରୁଛି। ଯଦିବା ଏହି ଅଧିନିୟମ ଅଧ୍ୟାଦେଶ ଅନୁମୋଦନ ହୋଇଛି କିନ୍ତୁ ସମ୍ବିଧାନର ୨୦୧ ଧାରା ଅନୁଯାୟୀ ଯେତେବେଳେ ଏହି ବିଲ୍‌ଟି ପାରିତ ହୋଇଆସିବ ତାହା ମହାମହିମ ରାଷ୍ଟ୍ରପତିଙ୍କର ଅନୁମୋଦନ ପାଇଁ ପଠାଯିବା ଆବଶ୍ୟକ। ରାଷ୍ଟ୍ରପତି ନିଜେ ଦୃଷ୍ଟିଗୋଚର କରନ୍ତୁ କି ଏହି ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମଟି କ'ଣ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ସହାୟକ ହେବ ନା ଏହା ଶିକ୍ଷା, ଗବେଷଣା ଏବଂ ବିକେନ୍ଦ୍ରୀକୃତ ଶିକ୍ଷା ବ୍ୟବସ୍ଥାରେ ବାଧା ସୃଷ୍ଟି କରିବ।

ପ୍ରାଧ୍ୟାପକ, ବିର୍ଲା ଗ୍ଲୋବାଲ ୟୁନିଭରସିଟି,
ଭୁବନେଶ୍ୱର, ମୋ: ୭୩୮୧୭୩୧୮୭

# କେମିତି ବଢ଼ିବ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

କରୋନାର ଭୟାବହତା ସମୟରେ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ବିଶେଷକରି ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଦ୍‌ବେଗ ପ୍ରକାଶ ପାଉଛି। ପିଲାଙ୍କ ରୋଗପ୍ରତିରୋଧକ ସାମର୍ଥ୍ୟ ନେଇ ମାତାପିତାମାନେ ଏକ ପ୍ରକାର ଆତଙ୍କିତ ମଧ୍ୟ ହୋଇପଡୁଛନ୍ତି। ଶିଶୁମାନେ ଖୁସିରେ ରହିଲେ ସେମାନଙ୍କ ରୋଗପ୍ରତିରୋଧକ କ୍ଷମତା ସ୍ୱତଃ ବଢ଼ିବ। ଶିଶୁଟିଏ ବାସ୍ତବରେ ଚାହେଁ ତା' ପରିବାର ଲୋକଙ୍କ ସହିତ ସେ ସବୁବେଳେ କିପରି ରହିବ। ତେଣୁ ପିଲାକୁ ଘର ଭିତରେ ଖେଳାଇବା ଶିକ୍ଷା ଦିଅନ୍ତୁ। ଶିଶୁମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ଠାରୁ ଅଧିକ କିନ୍ତୁ କରୋନା ସଂକ୍ରମିତ ପିଲା ବା ବଡ଼ଲୋକଙ୍କ ସହିତ ରହିବାବେଳେ ଯଥେଷ୍ଟ ସତର୍କତା ରହିବା ଅତ୍ୟନ୍ତ ଜରୁରୀ। କରୋନା ଆକ୍ରାନ୍ତ ଶିଶୁ ମଧ୍ୟ ମାଆ କ୍ଷୀର ଖାଇବା ପାଇଁ ପ୍ରତିବନ୍ଧକ ନାହିଁ କିନ୍ତୁ ମାଆମାନେ ସ୍ତନ୍ୟପାନ ବେଳେ ମାସ୍କ ପିନ୍ଧି ସତର୍କତାର ସହିତ ଦାୟିତ୍ୱ ନିର୍ବାହ କରନ୍ତୁ। ବର୍ଷକରୁ କମ୍ ଶିଶୁର ମୁଖ୍ୟଖାଦ୍ୟ ମାଆ କ୍ଷୀର ହୋଇଥିବାରୁ ମାଆମାନେ ସତର୍କତା ଅବଲମ୍ବନ କରିବା ଉଚିତ। କାରଣ ମାଆକ୍ଷୀରରେ ପିଲାଟିର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। କରୋନା ସମୟରେ ମାଆ କ୍ଷୀର ଶିଶୁ ପାଇଁ ଅତ୍ୟନ୍ତ ଜରୁରୀ, ଯାହା କି କରୋନା ମୁକାବିଲା ପାଇଁ ସାହାଯ୍ୟ କରିଥାଏ। ମାତ୍ର ଯେଉଁ ମାଆ କରୋନା ଆକ୍ରାନ୍ତ ହୋଇ ନ ଥିବେ ସେମାନେ ହିଁ କରୋନା ଆକ୍ରାନ୍ତ ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ। ଏହାଦ୍ୱାରା ଶିଶୁ ଖୁବ୍‌ଶୀଘ୍ର ସୁସ୍ଥ ହୋଇପାରିବ। ଅନେକ ହୁଏତ ଜାଣି ନ ଥାନ୍ତି ପିଲା ପାଇଁ ସବୁଠାରୁ ବଡ଼ ପ୍ରତିରୋଧକ ହେଉଛି ମାଆ କ୍ଷୀର।

ଟିକା ଶିଶୁ ଦେହରେ ଆଣ୍ଟିବଡ଼ି ସୃଷ୍ଟି କରିଥାଏ। ଟିକା ନ ନେଇଥିବା ଶିଶୁର ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ସେହିଭଳି ଟିକା ନେଇ ନ ଥିବା ଶିଶୁକୁ କରୋନା ସଂକ୍ରମଣ ହେବାର ଆଶଙ୍କା ରହିଛି। ତେଣୁ ପିଲାମାନଙ୍କୁ ଟିକା ଦିଆଯିବା ଜରୁରୀ। ବଡ଼ ଲୋକଙ୍କ ପରି ପିଲାମାନେ ମଧ୍ୟ ପୃଥକବାସରେ ରହିପାରିବେ କିନ୍ତୁ ତାଙ୍କ ଖାଦ୍ୟପେୟ, ଭଲମନ୍ଦ ଓ ରକ୍ଷଣାବେକ୍ଷଣ ପାଇଁ ଜଣେ ସ୍ୱତନ୍ତ୍ର ଲୋକଙ୍କୁ ଦାୟିତ୍ୱ ଦିଆଯିବା ଦରକାର। ପିଲାଟିର ମାଆ କିମ୍ବା ଜେଜେ ମାଆ କିମ୍ବା ସେ ଅଧିକ ଆଦର ପାଉଥିବା ତା' ଆତ୍ମୀୟ ଲୋକ ହେଲେ ଭଲ। ପିଲାଟି ଅଲଗା ରହି ଅଲଗା ଶୌଚାଳୟ ବ୍ୟବହାର କରିବା ସମ୍ଭବ ହୋଇ ନ ଥାଏ। ସେଥିପାଇଁ ଘରର ଶୌଚାଳୟ ବ୍ୟବହାର କରିବାକୁ ପଡୁଥିବାରୁ ଏହାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଚାର କରି ନିୟମିତ ଓ ବାରମ୍ବାର ପରିଷ୍କାର ଓ ସାନିଟାଇଜ୍ ଦରକାର।

ଛୋଟଶିଶୁ ମୁହଁ ବନ୍ଦ କରି ରଖିବାକୁ ତାକୁ ଆଦୌ ଭଲ ଲାଗେନା ତେଣୁ ଏକ ବର୍ଷରୁ ପାଞ୍ଚ ବର୍ଷ ବୟସର ଶିଶୁଙ୍କୁ ଭଲ ଭାବେ ଆଦର ଯତ୍ନ ସହ ବୁଝାଇ ମାସ୍କ ପିନ୍ଧାଇଲେ ଭଲ। ହୋମ ଆଇସୋଲେସନରେ ରହୁଥିବା ଶିଶୁଙ୍କ ଜ୍ୱର ମାପିବା ଦରକାର। ଛାତିରେ ମାଂସପେଶୀ ଟାଣି ହେଉଥିବା ନଜରକୁ ଆସିଲେ ଶିଶୁର ଅବସ୍ଥା ଗୁରୁତର ଆଡ଼କୁ ଗତି କରୁଥିବା ଜଣାପଡ଼େ। ତେଣୁ ସେମାନଙ୍କୁ ଡାକ୍ତରଖାନା ନେବାକୁ ଦରକାର ପଡ଼େ। ଶିଶୁ ମାନଙ୍କ ଶ୍ୱାସଜନିତ ରୋଗ ଅଧିକ ଦେଖାଯାଏ। କାଶିବା, ଖାଇବା ବନ୍ଦ କରିବା, ପାଣି ପିଇବା ବେଳେ କାଶିବା ଲକ୍ଷଣ ଦେଖାଗଲେ ସେମାନଙ୍କୁ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଦରକାର।

ଛୋଟପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଲାଗି ପ୍ରୋଟିନ୍ ତଥା କ୍ୟାଲସିୟମଯୁକ୍ତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାମାନଙ୍କୁ ମାଛ, ମାଂସ, ଅଣ୍ଡା, କ୍ଷୀର ଆଦି ଦେଲେ ତାହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ବଢ଼ାଇଥାଏ । ଛୋଟପିଲାଙ୍କୁ ଥଣ୍ଡା ହେବା ସାଧାରଣ କଥା । ଏହା ଅର୍ଥ ସେମାନଙ୍କ ଶରୀର ଭିତରେ ବ୍ୟାକ୍ଟେରିଆ ଏବଂ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟରେ ଏକ ଶୀତଳ ଯୁଦ୍ଧ ଚାଲିଥାଏ । କରୋନା ସଂକ୍ରମଣ ଦିନକୁ ଦିନ କାୟା ମେଲାଇ ଚାଲିଥିବାବେଳେ ମଣିଷ ଶରୀର ପାଇଁ ରୋଗ ପ୍ରତିରୋଧକ ଶକ୍ତି କିଭଳି ଶତ୍ରୁ ପାଲଟି ଯାଏ ନିକଟରେ ଏକ ରିସର୍ଚ୍ଚ ତଥ୍ୟର ରିପୋର୍ଟ ପ୍ରସିଦ୍ଧ 'ଲାନ୍‌ସେଟ୍' ପତ୍ରିକାରେ ପ୍ରକାଶ ପାଇଛି। ମଣିଷର ରୋଗପ୍ରତିରୋଧକ ଶକ୍ତି ସୁଦୃଢ଼ ଥିଲେ ବାହାରର କୌଣସି ରୋଗ ସୃଷ୍ଟିକାରୀ ଅଣୁଜୀବ ବା ଆଣ୍ଟିଜେନ୍ ଶରୀରରେ କିଛି କ୍ଷତି କରିପାରି ନ ଥାଏ। କିନ୍ତୁ ବେଳେ ବେଳେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଆଣ୍ଟିବଡ଼ି ବାହାରର ଅଣୁଜୀବ ସହିତ ଲଢ଼େଇ ନ କରି ନିଜ ଶରୀର ବିରୋଧରେ ଲଢ଼ିଥାଏ। କରୋନା ସଂକ୍ରମଣ କ୍ଷେତ୍ରରେ ଏଭଳି ସ୍ଥିତି ସୃଷ୍ଟି ହୋଇଥାଏ। ଏଥିରେ ଆଣ୍ଟିବଡ଼ି ଆଣ୍ଟିଜେନ୍ ସହିତ ମିଶି ଶରୀର ବିରୋଧରେ ଲଢ଼ିଥାଏ। ଶରୀରର ଆଣ୍ଟିବଡ଼ି ଏଭଳି ସ୍ଥିତିରେ ଶରୀରର ଗୁରୁତ୍ୱପୂର୍ଣ୍ଣ ଫୁସ୍‌ଫୁସ୍ ନିକଟରେ ଜମା ହୋଇ ରହିଥାଏ ; ଯାହାକୁ ଡାକ୍ତରୀ ଭାଷାରେ ସାଇଟୋକାଇନ୍‌ଷ୍ଟର୍ମ କୁହାଯାଏ। ଆଣ୍ଟିବଡ଼ି କୋଷିକା ଫୁସ୍‌ଫୁସ୍‌ର ସୂକ୍ଷ୍ମ ରକ୍ତବାହୀ ନଳୀରେ କ୍ଷତ ସୃଷ୍ଟି କରିଥାଏ, ଯାହାଦ୍ୱାରା ଶରୀରର ରକ୍ତଚାପ କମିଯାଇ ଏହ ପ୍ରଭାବରେ ଲିଭର, କିଡ୍‌ନୀ, ହାର୍ଟ ଓ ଫୁସ୍‌ଫୁସ୍ ପରି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଚଳ ହୋଇପଡ଼େ। ଏଭଳି ସ୍ଥିତିରେ କରୋନା ସଂକ୍ରମଣର ପ୍ରଭାବ ବଢ଼ିଯାଏ। ଦେହରେ ତାପମାତ୍ରା ବଢ଼ିବା ସହ ମୁଣ୍ଡ ବିନ୍ଧିଥାଏ। କରୋନା ସଂକ୍ରମଣରେ ଶରୀରର ରୋଗପ୍ରତିରୋଧକ କ୍ଷମତା ହିଁ ଫୁସ୍‌ଫୁସ୍‌ର ଫାଇବ୍ରୋସିନ୍‌କୁ କମ୍ ସମୟ ମଧ୍ୟରେ ନଷ୍ଟ କରିଦେଇଥାଏ। ୧୯୧୮ରେ ଦେଖାଦେଇଥିବା ଫ୍ଲୁ ଓ ୨୦୦୩ରେ ସାର୍ସ ମହାମାରୀରେ ମଧ୍ୟ ସାଇଟୋକାଇନ୍ ଷ୍ଟର୍ମ ଯୋଗୁ ରୋଗପ୍ରତିରୋଧକ ଶକ୍ତି ଶରୀରର କ୍ଷତି କରିଥିଲା। ଏଚ୍–୧ଏନ୍–୧ ସ୍ୱାଇନ୍ ଫ୍ଲୁରେ ମଧ୍ୟ ଏଭଳି ହୋଇଥିବାର ବିଶ୍ୱାସ ହେଉଛି। ସାଧାରଣତଃ ରୋଗପ୍ରତିରୋଧକ କ୍ଷମତାକୁ ଶାନ୍ତ କରି ସ୍ୱାଭାବିକ କରିବା ଲାଗି ଷ୍ଟିରଏଡର ବ୍ୟବହାର କରାଯାଇଥାଏ। ତେବେ କରୋନା ସଂକ୍ରମଣ କ୍ଷେତ୍ରରେ ଷ୍ଟିରଏଡର ବ୍ୟବହାରର ସଫଳତା ଗବେଷଣା ସାପେକ୍ଷ। ଶରୀରରେ ସାଇଟୋକାଇନ୍ ଷ୍ଟର୍ମ ସୃଷ୍ଟି ହୋଇଥିବା ବିଷୟରେ ସହଜରେ ଜଣାପଡ଼ି ନ ଥାଏ। ଏହା ଜଣାପଡ଼ିଲା ବେଳକୁ ଶରୀରର କ୍ଷତି ହୋଇସାରିଥାଏ। ଏ କ୍ଷେତ୍ରରେ ଟୋସିଲିଜୁମାବ୍ ବେଶ୍ ସଫଳତାର ସହିତ କାମ କରିଥାଏ ବୋଲି ଗବେଷକ ମତ ଦେଉଛନ୍ତି। ତେବେ ପିଲାମାନଙ୍କ ରୋଗପ୍ରତିରୋଧକ କ୍ଷମତା ଯଥେଷ୍ଟ ରହୁଥିବାରୁ ପିତାମାତା ଓ ପିଲାର ଅଭିଭାବକମାନେ ଭୟଭୀତ ହେବା ଉଚିତ ନୁହେଁ। ପିଲାଟିକୁ କୌଣସି ଥଣ୍ଡା, ଜ୍ୱର ବା କାଶ ହେଲେ ଏହା ଯେ କରୋନାର ଲକ୍ଷଣ ତାହା ଭାବିବା ଠିକ୍ ନୁହେଁ। ଯଥେଷ୍ଟ ଭାବରେ ପିଲାଟିକୁ ସ୍ୱାସ୍ଥ୍ୟ ସଚେତନ କରି ସଫାସୁତୁରା ରଖନ୍ତୁ, ତା'ର ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତୁ ଓ ଦଶବର୍ଷ ବୟସରୁ କମ ବୟସର ପିଲାକୁ ବାହାରକୁ ଛାଡ଼ନ୍ତୁ ନାହିଁ। ସରକାର ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସତର୍କତାକୁ ମାନି ଚଳନ୍ତୁ।

ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ,
ଶିଶୁଭବନ, କଟକ, ମୋ: ୯୪୩୭୧୨୪୦୭୪

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରହିଲେ ସଭିଙ୍କୁ ଉପକାର, ଏହା ଭଲ ଭାବେ ବୁଝିଛନ୍ତି ମହାରାଷ୍ଟ୍ରର ରାନମାଳା ଗାଁର ପୋପାଟ ସିନ୍ଦେ। ସେ ଶିକ୍ଷକ ଥିଲେ ଓ ସେଥିରୁ ସ୍ୱେଚ୍ଛାକୃତ ଅବସର ନେଇ ଗଛ ଲଗାଇବା କାମରେ ଲାଗିଛନ୍ତି। ସମସ୍ତ ଗ୍ରାମବାସୀଙ୍କୁ ଏହି ଅଭିଯାନରେ ସାମିଲ କରିପାରିଛନ୍ତି। ସିନ୍ଦେଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଲକ୍ଷାଧିକ ଗଛ ଲଗାଇ ସାରିଲେଣି। ଯିଏ ଗଛ ଲଗାଉଛନ୍ତି ସେ ତାହାକୁ ପୋଷ୍ୟ ଭାବେ ଗ୍ରହଣ କରି ସେଥିରେ ତାଙ୍କ ନାମ ଲେଖୁଛନ୍ତି। ସେହି ବ୍ୟକ୍ତି ବି ତା'ର ଯତ୍ନ ନେଉଛନ୍ତି। ୨୫ ବର୍ଷ ଚାକିରି କରିବା ପରେ ୧୯୯୬ରେ ସିନ୍ଦେ ସ୍ୱେଚ୍ଛାକୃତ ଅବସର ନେଇ ସେବେଠାରୁ ଗଛ ଲଗାଇ ଆସୁଛନ୍ତି। ସିନ୍ଦେ ପ୍ରଥମେ ଗାଁର ଲୋକମାନଙ୍କୁ ଚାରା ଦେଇ ସେମାନଙ୍କ ବାଡିରେ ଲଗାଇବା ଲାଗି ଉତ୍ସାହିତ କରିଥିଲେ । ପରେ ବାହାରେ ମଳତ୍ୟାଗ ରୋକି ପରିବେଶ ପ୍ରଦୂଷଣ ଦୂର କରିବା ଲାଗି ପଡିଆ ଜମିରେ ଗ୍ରାମବାସୀଙ୍କ ସହଯୋଗରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ଗାଁର ମହିଳାମାନେ ଗଛ ଲଗାଇବା ଅଭିଯାନରେ ଯୋଗ ଦେଇଛନ୍ତି। ପରିବାରରେ ଯଦି କାହାର ଦେହାନ୍ତ ହେଉଛି ତାଙ୍କ ସ୍ମୃତିରେ ଲୋକେ ଗଛ ଲଗାଇ ସେଥିରେ ଫଳକ ଝୁଲାଇ ଦେଉଛନ୍ତି। ଏବେସୁଦ୍ଧା ଗ୍ରାମବାସୀ ଗାଁ ଓ ଆଖପାଖ ତିନୋଟି ପାହାଡରେ ୧.୮ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୯୫

- ଜାତିସଂଘ ସନନ୍ଦରେ ଥିବା କେତେକ ବିବାଦୀୟ ଧାରାରେ ସଂଶୋଧନ କରି ସେଗୁଡ଼ିକୁ ବାଦ ଦିଆଯିବ ବୋଲି ଜାତିସଂଘ ମହାସଚିବ ବୁଟ୍ରୋସ ଘାଲି ଘୋଷଣା କରିଛନ୍ତି।
- ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବର ଭାରତୀୟ ପାନୋରମା ବିଭାଗରେ ପ୍ରଦର୍ଶନ ହେବା ପାଇଁ ମଣିପୁରୀ ଫିଲ୍ମ 'ୟେଲହୋଉ ଜାଗୋଇ' ମନୋନୀତ।

## ପାଠକ ଶ୍ରେଷ୍ଠ ବିଚାରକ

### ସନ୍ଦେହଜନକ ବିହନ ପ୍ୟାକେଟ୍

ମହାଶୟ,

ବର୍ତ୍ତମାନ ପରିପ୍ରେକ୍ଷୀରେ କରୋନା ମହାମାରୀ ସାରା ବିଶ୍ୱରେ ହାହାକାର ସୃଷ୍ଟି କରିଛି। ଗବେଷକଙ୍କ ମତରେ ଏହା ଜୈବ ଅସ୍ତ୍ରରୁ ଜାତ ହୋଇଛି। ଅନେକ ରାଷ୍ଟ୍ର ବିଭିନ୍ନ ଅପମିଶ୍ରଣ, ସ୍କାମ ଓ ସ୍ମଗଲିଂ କାରବାରରେ ଲିପ୍ତ ରହି ନିଜର ସାବ୍ୟସ୍ତ କରିବାରେ ଲାଗିପଡ଼ିଛନ୍ତି। ବର୍ତ୍ତମାନ ଆଉ ଏକ ବିସ୍ମୟ ଓ ବିପଦ ଲୋକଲୋଚନକୁ ଆସିଛି। ତାହାହେଲା ସନ୍ଦେହଜନକ ବିହନ ପ୍ୟାକେଟ୍। ଏବେ ଆମେରିକା, ଇଂଲଣ୍ଡ, ଜାପାନ, କାନାଡା, ନ୍ୟୁଜିଲାଣ୍ଡ ଓ ୟୁରୋପୀୟ ଦେଶଗୁଡ଼ିକରେ ଏକ ସନ୍ଦେହଜନକ ବିହନ ପ୍ୟାକେଟ ଘୂରିବୁଲୁଛି। ଆମେରିକା କୃଷି ବିଭାଗ ଏହାକୁ ବ୍ରସିଂ ସ୍କାମ ଓ ଏଗ୍ରିକଲଚରାଲ ସ୍ମଗଲିଂ ନାମରେ ନାମିତ କରିଛନ୍ତି। ପରିବେଶ ଓ କୃଷି ଜାତୀୟ ସୁରକ୍ଷା ପ୍ରତି ଏହା ବିପଦ ସୃଷ୍ଟି କରିବାର ଆଶଙ୍କା କରାଯାଏ। ଏହିପରି ସନ୍ଦେହଜନକ ବିହନ ପ୍ୟାକେଟ୍ ଚାଇନାରୁ ଆସୁଥିବା ସନ୍ଦେହ ବୋଲି ଆମେରିକା ଓ ୟୁରୋପୀୟ ଦେଶ ଅନୁମାନ ଲଗାଇଛନ୍ତି। ସେଥିପାଇଁ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରଙ୍କ କୃଷି, କୃଷି ବିଭାଗ, କୃଷି ବିଶ୍ୱବିଦ୍ୟାଳୟ ବିହନ ନିଗମ ଓ କୃଷି ଗବେଷଣା ପ୍ରତିଷ୍ଠାନକୁ ଏପରି ସନ୍ଦେହଜନକ ବିହନ ପ୍ୟାକେଟ, ପ୍ରତି ସତର୍କ ରହିବାକୁ ଜଣାଇଛନ୍ତି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି ନାମରେ କିପାଇଁ ଭୟ
କହ ଗୋ ଆଜ
ସେ ନୁହେ କୁହୁକ ଆକାଶବାଣୀ
ସେ ନୁହେ ଲାଜ।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଟ୍ରେଲର ଧକ୍କାରେ ୨ବାଇକ୍ ଆରୋହୀଙ୍କ ଜୀବନ ଗଲା

**ରାୟଗଡ଼ା ଅଫିସ:** ରାୟଗଡ଼ା ସହର ନିକଟସ୍ଥ ଗୁମ୍ମା ଘାଟିରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଦୁହେଁ ହେଲେ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ଡୁମୁରିପଦର ଗ୍ରାମର ସନ୍ତୁ ମାଣ୍ଡାଙ୍ଗୀ(୪୦) ଏବଂ ତେନ୍ତୁଳିପଦର ଗ୍ରାମର ଶିବ ମାଣ୍ଡାଙ୍ଗୀ(୧୬)। ସନ୍ତୁ ଏବଂ ଶିବ କୌଣସି କାମରେ ବାଇକ୍ ଯୋଗେ ରାୟଗଡ଼ା ଯାଉଥିଲେ। ଗୁମ୍ମା ଘାଟିଠାରେ ଏକ ଟ୍ରେଲର ତାଙ୍କ ବାଇକ୍‌କୁ ଧକ୍କାଦେଇଥିଲା। ଏଥିରେ ଦୁହିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।

# ୨୮ରୁ 'ରେଡିଓ ପାଠଶାଳା'

ଭୁବନେଶ୍ୱର, ୨୬ା୯(ବ୍ୟୁରୋ)

କରୋନା ଯୋଗୁ ଶିକ୍ଷା ବ୍ୟବସ୍ଥା ଏବେ ଭୁଶୁଡ଼ି ପଡ଼ିଛି। ଗତ ମାର୍ଚ୍ଚ ୧୭ରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ପିଲାମାନେ କିପରି ଉଚିତ୍ ଶିକ୍ଷା ପାଇପାରିବେ ସେଥିପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଭିନ୍ନ ପଦକ୍ଷେପ ନେଇଛି। ଏପରି କି ଅନ୍‌ଲାଇନ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ଏବେ ଆଉ ଏକ ଅଭିନବ ପ୍ରୟାସ ବିଭାଗ ଆରମ୍ଭ କରିବାକୁ ଯାଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ 'ରେଡିଓ ପାଠଶାଳା' କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ଦିଆଯିବାକୁ ଉଦ୍ୟମ ହୋଇଛି। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ବୋଲି ଶନିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ଏହି 'ରେଡିଓ ପାଠଶାଳା' କାର୍ଯ୍ୟକ୍ରମ ଆସନ୍ତା ୨୮ରୁ ଆକାଶବାଣୀର ସବୁ କେନ୍ଦ୍ରରୁ ଏକ ସମୟରେ ପ୍ରସାରିତ ହେବ। ଏହି କାର୍ଯ୍ୟକ୍ରମରେ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୧୦ଟାରୁ ୧୦ଟା୧୫ ଯାଏ ପିଲାଙ୍କୁ ଶିକ୍ଷା ଦିଆଯିବ। ସୋମବାର ପ୍ରଥମ ଶ୍ରେଣୀ, ମଙ୍ଗଳବାର ଦ୍ୱିତୀୟ ଶ୍ରେଣୀ, ବୁଧବାର ତୃତୀୟ ଶ୍ରେଣୀ, ଗୁରୁବାର ଚତୁର୍ଥ ଶ୍ରେଣୀ ଓ ଶୁକ୍ରବାର ଷଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ସକାଳ ୧୦ଟାରୁ ୧୦ଟା ୫ମିନିଟ ପର୍ଯ୍ୟନ୍ତ ରେଡିଓ ପାଠଶାଳା କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ସେହିପରି ସୋମବାର ପଞ୍ଚମ ଶ୍ରେଣୀ, ମଙ୍ଗଳବାର ଷଷ୍ଠ ଶ୍ରେଣୀ, ବୁଧବାର ସପ୍ତମ ଶ୍ରେଣୀ, ଗୁରୁବାର ଅଷ୍ଟମ ଶ୍ରେଣୀ ପିଲାଙ୍କ ଲାଗି ପୂର୍ବାହ୍ନ ୧୦ଟା ୫ରୁ ୧୦ଟା ୧୫ ପର୍ଯ୍ୟନ୍ତ ରେଡିଓ କାର୍ଯ୍ୟକ୍ରମ ପ୍ରସାରଣ ହେବ। ସେହିପରି ଶୁକ୍ରବାର ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ୧୦ଟା ୫ରୁ ୧୦ଟା ୧୦




ପର୍ଯ୍ୟନ୍ତ ଏବଂ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସକାଳ ୧୦ଟା ୧୦ରୁ ୧୦ଟା ୧୫ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପ୍ରସାରଣ ହେବ।

ଏ ନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଶନିବାର ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସମସ୍ତ ପ୍ରଧାନଶିକ୍ଷକ ଓ ସିଆର୍‌ସିସି ଏହି କାର୍ଯ୍ୟକ୍ରମ ଶୁଣିବା ପାଇଁ ପିଲାମାନଙ୍କୁ ଓ ଅଭିଭାବକଙ୍କୁ ଜଣାଇବା ପାଇଁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରସାରିତ ବିଷୟଗୁଡ଼ିକ 'ଦୀକ୍ଷା' ଆପ୍‌ରେ ମଧ୍ୟ ଉପଲବ୍ଧ ହେବ। ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ପାଠ୍ୟ ବିଷୟ ଶୁଣି ଯୁଗ୍ମ ନିର୍ଦ୍ଦେଶକ, ଏମ୍‌ଆଇଏସ୍, ଶିକ୍ଷା ସୌଧ, ଭୁବନେଶ୍ୱର ଠିକଣାରେ ମତାମତ ଦେବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିବାରୁ ଦୂରଦର୍ଶନ ମାଧ୍ୟମରେ ଦୈନିକ ୩ ଘଣ୍ଟା ଶିକ୍ଷାଦାନ କାର୍ଯ୍ୟ ଚାଲୁ ରହିଥିବାବେଳେ ପିଲାମାନଙ୍କ ପାଠ୍ୟପୁସ୍ତକ, ଉଜ୍ଜ୍ୱଳ, ଉତ୍ଥାନ ଓ ଉତ୍କର୍ଷ ଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପୁସ୍ତକ ଯୋଗାଇ ଦିଆଯାଇଛି। ଏପରି କି ଚଳିତ ଶିକ୍ଷା ବର୍ଷ ୨୦୨୦-୨୧ ପାଇଁ ୩୦ପ୍ରତିଶତ ସିଲାବସ୍ ହ୍ରାସ କରାଯାଇ ଛାତ୍ରୀଛାତ୍ରଙ୍କୁ ଜଣାଇ ଦିଆଯାଇଛି।

# ଶିଶୁକନ୍ୟାକୁ ଚେଙ୍କ

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ବାରିପଦା ଅଫିସ/ ଉଦଳା,୨୬ା୯(ଡି.ଏନ୍.ଏ.)

ପେଟବ୍ୟଥା ଦୂର ପାଇଁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାର ଲୋକେ ଚେଙ୍କ ଦେବାରୁ ମାସକର ଶିଶୁକନ୍ୟା ଗୁରୁତର ହୋଇପଡ଼ିଛି। ଏହି ଘଟଣା ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଟିକରପଡ଼ା ଗ୍ରାମରେ ଘଟିଛି। ଚିକିତ୍ସା ପାଇଁ ଶିଶୁକନ୍ୟାଙ୍କୁ ଶନିବାର ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଚେଙ୍କ ଦେବା ଦ୍ୱାରା ଶିଶୁର ପେଟବ୍ୟଥାଜନିତ ରୋଗ ହୁଏ ନାହିଁ ବୋଲି ବିଶ୍ୱାସ ନେଇ ପରିବାର ଲୋକେ ଜଣେ ସମ୍ପର୍କୀୟ ମାମୁଙ୍କ ଦ୍ୱାରା ବୁଧବାର ଶିଶୁକନ୍ୟାଙ୍କ ପେଟରେ ଚେଙ୍କ ଦେଇଥିଲେ। ୩ ଥର ଚେଙ୍କ ଦେବା ପରେ ଶିଶୁକନ୍ୟା ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର


ଡାକ୍ତରଖାନାରେ ଚିକିତ୍ସାଧୀନ ଶିଶୁକନ୍ୟା।

ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏ ସଂକ୍ରାନ୍ତରେ ଶିଶୁ ରୋଗ ବିଶେଷଜ୍ଞ ଲକ୍ଷ୍ମୀକାନ୍ତ ପତିଙ୍କୁ ପଚାରିବାରୁ ଶିଶୁର ସ୍ୱାସ୍ଥ୍ୟ ଠିକ୍ ରହିଛି। ତାର ଯତ୍ନ କିପରି ଭାବେ ନିଆଯିବ ସେ ବିଷୟରେ ଶିଶୁର ମା'ଙ୍କୁ ସୂଚନା ଦିଆଯାଇଛି ବୋଲି କହିଥିଲେ।

## ସଂକ୍ଷେପରେ

### ଦନ୍ତାହାତୀର ମୃତଦେହ ଉଦ୍ଧାର



**ଦେଓଗାଁ,୨୬ା୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବଲାଙ୍ଗୀର ବନଖଣ୍ଡ ଅଧୀନ ରତାଖଣ୍ଡି ଅସୁରଡୁଙ୍ଗୁରୀ ନିକଟରୁ ଶନିବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ ହାତୀର ମୃତଦେହକୁ ଜବତ କରିଛି। ରବିବାର ବ୍ୟବଚ୍ଛେଦ କରାଯିବ। ଘଟଣାସ୍ଥଳରେ ବନ କର୍ମଚାରୀ ଉପସ୍ଥିତ ରହିଛନ୍ତି। ଜିଲା ବନ ଅଧିକାରୀ ସମୀର ରଞ୍ଜନ ଶତପଥୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ତେବେ ହାତୀର ଆନୁମାନିକ ବୟସ ୬୦ବର୍ଷ ଭିତରେ ହେବ। ବ୍ୟବଚ୍ଛେଦ ପରେ ବାର୍ଦ୍ଧକ୍ୟଜନିତ ନା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହେବ ବୋଲି ଶତପଥୀ କହିଛନ୍ତି।

### ଜଷ୍ଟିସ୍ ଜେ.ପି. ଦାସ ଆପିଲେଟ ଅଥରିଟି ଉପାଧ୍ୟକ୍ଷ

**କଟକ ଅଫିସ,୨୬ା୯:** ଅବସରପ୍ରାପ୍ତ ବିଚାରପତି ଯତୀନ୍ଦ୍ର ପ୍ରସାଦ ଦାସଙ୍କୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଆପିଲେଟ୍ ଅଥରିଟିର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ କାର୍ଯ୍ୟକାଳ ଅବଧି ଗୋଟିଏ ବର୍ଷ ରହିଛି। ପରିବେଶ ସଂକ୍ରାନ୍ତ ବିଭିନ୍ନ ମାମଲାର ଶୁଣାଣି କରାଯାଏ। ଜଷ୍ଟିସ୍ ସି.ଆର୍. ଦାଶ ଆପିଲେଟ ଅଥରିଟିର ଅଧ୍ୟକ୍ଷ ଅଛନ୍ତି। ସୂଚନାଯୋଗ୍ୟ, ଉପାଧ୍ୟକ୍ଷ ନିଯୁକ୍ତି ପାଇଥିବା ଜଷ୍ଟିସ ଦାସ ୨୦୧୫ ଏପ୍ରିଲ ୧୭ରେ ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

# ପଚା କଖାରୁ, ଆଳୁରୁ ହେଉଥିଲା ସସ୍

କଟକ ଅଫିସ୍,୨୬ା୯

କଟକରେ ପୁଣି ଏକ ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କାରଖାନା ଠାବ ହୋଇଛି। କିଛି ଦିନ ତଳେ ରାଣୀହାଟ କେନାଲରୋଡ୍ ନିକଟରେ ଏଭଳି ଏକ କାରଖାନା ମାଲଗୋଦାମ ଥାନା ପୋଲିସ ଠାବ କରିଥିଲା। ଶନିବାର ଜଗତପୁର ଥାନା ଅଞ୍ଚଳରେ ଗୋଟିଏ ନକଲି ସସ୍ କାରଖାନା ଉପରେ ପୋଲିସ ଚଢ଼ାଉ କରିଛି। ସେଠାରେ ପଚା କଖାରୁ ଓ ଆଳୁରୁ ଚିଲି ଏବଂ ଟମାଟୋ ସସ୍ ପ୍ରସ୍ତୁତ କରାଯାଉଥିଲା। ଏହି ଘଟଣାରେ ଚଗଲା ଓରଫ ଦିବ୍ୟରଞ୍ଜନ ମହାନ୍ତି ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ବିରୋଧରେ ଆଇପିସି ଧାରା ୨୭୨, ୨୭୩, ୪୨୦, ୪୬୮ରେ ଏକ ମାମଲା (ନଂ-୩୯୧/୨୦) ରୁଜୁ ହୋଇଛି।

ଜଗତପୁର ଥାନା ଆଇବି ରୋଡରେ ଏକ ନକଲି ସସ୍ କାରଖାନା ଚାଲିଥିବା



ପୋଲିସ ସୂଚନା ପାଇଥିଲା। ଶନିବାର ଉକ୍ତ କାରଖାନାରେ ପୋଲିସ ଚଢାଉ କରିଥିଲା। ସେଠାରୁ ସ୍ୱାତୀ ବ୍ରାଣ୍ଡ ନାମକ ଟମାଟୋ ସସ୍ ୬୦ ବୋତଲ, ନ୍ୟୁ ମିଲନ ଚିଲି ସସ୍ ୧୨୯ ବୋତଲ, ଷ୍ଟିକର ନ ଥିବା ଟମାଟୋ ସସ୍

### ନକଲି କାରଖାନା ଠାବ, ଜଣେ ଗିରଫ

ଓ ଚିଲି ସସ୍ ଯଥାକ୍ରମେ ୬୨୦ ବୋତଲ ଏବଂ ୬୩୫ ବୋତଲ ଜବତ ହୋଇଛି। ସସ୍ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ମେଶିନ ମଧ୍ୟ ଜବତ କରାଯାଇଛି। ପଚା କଖାରୁ ଓ ଆଳୁରୁ ଚିଲି ଏବଂ ଟମାଟୋ ସସ୍ ପ୍ରସ୍ତୁତ କରାଯାଉଥିବାବେଳେ କାଚ ବୋତଲରେ ବିଭିନ୍ନ କମ୍ପାନୀର ଷ୍ଟିକର ଲଗାଯାଇ ବଜାରକୁ ବିକ୍ରି ପାଇଁ ପଠାଯାଉଥିଲା ବୋଲି କଟକ ଡିସିପି ପ୍ରତୀକ ସିଂ କହିଛନ୍ତି। ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସୂଚନାଯୋଗ୍ୟ, ରାଣୀହାଟ କେନାଲ ରୋଡରେ ଯେଉଁ କାରଖାନାରେ ଚଢ଼ାଉ କରାଯାଇଥିଲା, ସେଠାରେ ନକଲି ପୂଜା ସାମଗ୍ରୀ ସହିତ ନକଲି ସସ୍ ମଧ୍ୟ ତିଆରି କରାଯାଉଥିଲା।

# ଫଡିରେ କେନ୍ଦୁପତ୍ର ଶ୍ରମିକଙ୍କୁ ହତ୍ୟା

ଟିଟିଲାଗଡ଼, ୨୬ା୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅଧୀନ ଥଲକା କେନ୍ଦୁପତ୍ର ଫଡିରେ ଶୁକ୍ରବାର ରାତିରେ ଜଣେ କେନ୍ଦୁପତ୍ର ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବରଗଡ ଜିଲା ଚୁହିଲାମାଲ ଗ୍ରାମର କଳାକାର ଛତର (୫୦)। ସେହିଭଳି ରାଜେଶ ନାଗ ନାମକ ଆଉ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଫଡ଼ିରେ ଲୁଟ୍‌ପାଟ କରିବା ସହ ଶ୍ରମିକଙ୍କ ପରିବାରର ମହିଳା ସଦସ୍ୟାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ତେବେ ଖବର ପାଇ ଫଡ଼ିରେ ପହଞ୍ଚିଥିବା ଗାର୍ଡ, ଚେକରଙ୍କୁ ମଧ୍ୟ ଆକ୍ରମଣକାରୀ ନିସ୍ତୁକ ମାଡ ମାରିବା ସହ ଦୀର୍ଘ ସମୟ ଧରି ଅଟକ ରଖିଥିବା ଅଭିଯୋଗ ହୋଇଛି। ଶନିବାର ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ପୋଲିସ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ ହୋଇଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ବରଗଡର ୪ ଶ୍ରମିକ ପରିବାରର ପୁରୁଷ, ମହିଳାଙ୍କ ସମେତ ପ୍ରାୟ ୧୫ ସଦସ୍ୟ ଏହି କେନ୍ଦୁପତ୍ର ଫଡିରେ ପତ୍ର ବନ୍ଧା କାର୍ଯ୍ୟରେ ନିୟୋଜିତ ଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟାରେ ୩ ଜଣ ବ୍ୟକ୍ତି ଏଠାରେ ପହଞ୍ଚି ଏସବୁ କାଣ୍ଡ ଭିଆଇଥିଲେ। ଏକ ନଳା ପାଖରେ କଳାକାରଙ୍କୁ ପିଟିପିଟି ମାରିଦେବା ପରେ ପକାଇ ଦେଇଥିଲେ। ତେବେ ଫଡିରେ ଗଣ୍ଡଗୋଳ ଘଟିଥିବା ଖବର ପାଇ ସିକେର କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟରେ ନିୟୋଜିତ ଜଣେ ଗାର୍ଡ ଏବଂ ୨ ଜଣ ଚେକର ପହଞ୍ଚିଥିଲେ। ହେଲେ ଆକ୍ରମଣକାରୀ ସେମାନଙ୍କୁ ଛାଡ଼ି ନ ଥିଲେ। ଭୟରେ ସେଠାରୁ ଜଣେ ଚେକର ଧାଇଁ ପଳାଇଥିଲେ। ଅନ୍ୟ ୨ ଜଣ କେନ୍ଦୁପତ୍ର କର୍ମଚାରୀଙ୍କୁ ଆକ୍ରମଣାକରୀ ଖାସମୁଣ୍ଡା ଗାଁକୁ ନେଇ ଏକ ଘରେ ଭର୍ତ୍ତି କରି ପ୍ରବଳ ମାଡ ମାରିଥିଲେ। ପରେ ଅଟକ କେନ୍ଦୁ ପତ୍ର କର୍ମଚାରୀଙ୍କ ପରିବାର ତଥା ବିଭାଗୀୟ ଅଧିକାରୀ ଟିଟିଲାଗଡ ଥାନାରେ ଜଣାଇବା ପରେ ଏସ୍‌ଆଇ ମନୋଜ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ରାତି ପ୍ରାୟ ସାଢେ ଗୋଟାଏରେ ଉକ୍ତ ଗାଁରେ ଚଢାଉ କରିଥିଲା। ତେବେ ଦୂରରୁ ପୋଲିସ ଗାଡି ଲାଇଟ୍ ଦେଖି ଦୁଇ ଆକ୍ରମରକାରୀ ଫେରାର ହୋଇଯାଇଥିଲେ। ପୋଲିସ ଜଣେ ଅଭିଯୁକ୍ତଙ୍କୁ କାବୁ କରିଛି।

# କରୋନା ପରିଚାଳନା ହେବ ବିରୋଧୀଙ୍କ ମୁଖ୍ୟ ଅସ୍ତ୍ର

ଭୁବନେଶ୍ୱର, ୨୬ା୯(ବ୍ୟୁରୋ)

**ମୌସୁମୀ ଅଧିବେଶନ**
- ଭାଜପା ବିଧାୟକ ଦଳ ବୈଠକ
- ବିରୋଧୀଙ୍କୁ ସାମ୍ନା କରିବାକୁ ଶାସକ ପ୍ରସ୍ତୁତ

ବିଧାନସଭା ମୌସୁମୀ ଅଧିବେଶନ ଆସନ୍ତା ୨୯ରୁ ଆରମ୍ଭ ହେବାକୁ ଯାଉଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ଅଧିବେଶନର ଅବଧିକୁ ୮ ଦିନ ମଧ୍ୟରେ ସମୀତ କରାଯାଇଛି। ସ୍ୱଳ୍ପ ସମୟ ପାଇଁ ବସୁଥିବା ଏହି ଅଧିବେଶନ ବେଶ ସରଗରମ ହେବ। କରୋନା ପରିଚାଳନାରେ ତ୍ରୁଟି ଏବଂ ଦୁର୍ନୀତି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। କରୋନା ସଂକ୍ରମଣ ରୋକିବା ଦିଗରେ ସରକାରଙ୍କ ବିଫଳତାକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରିବେ। ଏଥିସହିତ ବେକାରି ସମସ୍ୟା, ଚାଷୀ ସମସ୍ୟା, ବିଜୁଳି ଦର ବୃଦ୍ଧି, ବଗଲା ଧର୍ମଶାଳା ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ହଲାପଟ୍ଟା କରିବେ। ମୁଖ୍ୟ ବିରୋଧୀ ଦଳ ଭାଜପା ପକ୍ଷରୁ ଶନିବାର ଭର୍ଚୁଆଲ ବୈଠକରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି।

ବୈଠକ ଶେଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ରାଜ୍ୟ ବାସୀଙ୍କ ସମସ୍ୟା ଓ ଅଭିଯୋଗକୁ ବିଧାନସଭାରେ ଉପସ୍ଥାପନ କରାଯିବ। କୋଭିଡ୍ ପରିଚାଳନାରେ ସରକାର ଫେଲ୍ ମାରିବା, ବିଜୁଳି ଦର ବୃଦ୍ଧି, ସାମ୍ପ୍ରତିକ ମନୁଷ୍ୟକୃତ ବନ୍ୟା, ବଗଲା ଧର୍ମଶାଳା ଜମି ଦୁର୍ନୀତି, ପ୍ରବାସୀ ଓଡିଆ ଶ୍ରମିକଙ୍କ ସମସ୍ୟା, ନୂତନ ଓଡିଶା ବିଶ୍ୱବିଦ୍ୟାଳୟ ଆଇନ, ସାର ଦୁର୍ନୀତି, ଓଏମ୍‌ବିଡିଏସି/ଡିଏମ୍‌ଏଫ/କାମ୍ପା ଫଣ୍ଡର ବ୍ୟାପକ ଅନୀୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ଆଦି ମୁଖ୍ୟ ପ୍ରସଙ୍ଗ ରହିବ। ସେହିପରି ଆୟୁଷ୍ମାନ ଭାରତ ଯୋଜନାରେ ଓଡିଶା ସାମିଲ, ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବା ପ୍ରସଙ୍ଗ ମୁଖ୍ୟ ଆଲୋଚନା ବିଷୟ ହେବ ବୋଲି ସେ କହିଛନ୍ତି।

ଆସନ୍ତା ୨୮ ତାରିଖ ସନ୍ଧ୍ୟା ୫ଟାରେ କଂଗ୍ରେସର ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବାସ ଭବନରେ ଅନୁଷ୍ଠିତ ହେବ। ବୈଠକରେ ରଣନୀତି ନେଇ ଆଲୋଚନା ହେବ ବୋଲି ସେ କହିଛନ୍ତି। ତେବେ ଆସନ୍ତା ଅଧିବେଶନରେ କୋଭିଡ ପରିଚାଳନାରେ ହୋଇଥିବା ଦୁର୍ନୀତି, ନାରୀ ନିର୍ଯାତନା ଓ ଅବ୍ୟସ୍ଥା ବିଷୟକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିବ। ଏଥିସହିତ କେନ୍ଦ୍ରର କୃଷି ବିଲକୁ ବିରୋଧ, ଆଇନ ଶୃଙ୍ଖଳା, ବିଜୁଳି ଦର ବୃଦ୍ଧି, ବେକାରୀ ସମସ୍ୟାକୁ ମଧ୍ୟ ଅଧିବେଶନରେ ଜୋରଦାର ଉଠାଯିବ ବୋଲି ସେ କହିଛନ୍ତି। ସମୟ କମ ଥିବାରୁ ସବୁ ପ୍ରସଙ୍ଗ ଆଲୋଚନା କରିବା ସମ୍ଭବ ହେବ ନାହିଁ। ତେବେ ଲୋକମାନଙ୍କର ମୁଖ୍ୟ ପ୍ରସଙ୍ଗକୁ ନେଇ କଂଗ୍ରେସ ସରକାରଙ୍କ ଠାରୁ ଜବାବ ତଲବ କରିବ ବୋଲି ନରସିଂହ କହିଛନ୍ତି। ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଆମେ ପ୍ରସ୍ତୁତ ଅଛୁ। ସେମାନେ ଯେଉଁ ପ୍ରଶ୍ନ ପଚାରିବେ ତାର ଉତ୍ତର ଦିଆଯିବ। କରୋନା ସମ୍ପର୍କିତ ତଥ୍ୟ ମଧ୍ୟ ସରକାର ଠିକ ଭାବେ ଲୋକଙ୍କ ଆଗରେ ରଖିଛନ୍ତି ତାହା ବିଧାନସଭାରେ ମଧ୍ୟ ରଖାଯିବ ବୋଲି ସେ କହିଛନ୍ତି।

# କଂଗ୍ରେସରେ ମିଶିଲେ ବିଜେଡି, ଭାଜପା କର୍ମୀ




ଭୁବନେଶ୍ୱର,୨୬ା୯(ବ୍ୟୁରୋ)

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଉପସ୍ଥିତିରେ ବିଜେଡି ଓ ଭାଜପାର ବହୁ ନେତା ଏବଂ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧକ୍ଷା ସୋନିଆ ଗାନ୍ଧୀ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ଖୋର୍ଦ୍ଧା, ବାଲିଅନ୍ତା, ବାଲିପାଟଣା ଏବଂ ଜଟଣୀ ନିର୍ବାଚନମଣ୍ଡଳୀର ବିଜେଡି ଓ ଭାଜପାର ବହୁ ନେତା, କର୍ମୀ କଂଗ୍ରେସରେ ଆନୁଷ୍ଠାନିକ ଭାବେ ଯୋଗଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ଉମାକାନ୍ତ ମହାପାତ୍ର,ବିଷ୍ଣୁ ଚରଣ ଛୋଟରାୟ, ସୁଧାକର ସାହୁ, ସୁନୀଲ କୁମାର ଘଡେଇ, ପରମାନନ୍ଦ ବେହେରା, ବନବିହାରୀ ସାହୁ, ବଳରାମ ସାହୁ, ବୀରେନ୍ଦ୍ର ସିଂ, ସୌମ୍ୟ ହରିଚନ୍ଦନ, ସୋମନାଥ ଷଡ଼ଙ୍ଗୀ, ନରହରି ଦଳେଇ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। ଏମାନଙ୍କ ଯୋଗଦାନ ଖୋର୍ଦ୍ଧା ଜିଲାରେ ଦଳର ସଙ୍ଗଠନକୁ ଅଧିକ ମଜଭୁତ କରିବ ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗ ଦେଇଥିବା ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି। ଏଥିରେ ଜଟଣୀ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ମନ୍ମଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦଣ୍ଡନୃତ୍ୟ କଳାକାରଙ୍କ ମୃତଦେହ ଉଦ୍ଧାର

ବିନିକା,୨୬ା୯(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧୀନ ଜାମପାଳି ଘଣ୍ଟେଶ୍ୱରୀ ପାହାଡ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଶନିବାର ପୋଲିସ ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତି ହେଲେ ସିଂଘିଯୁବା ପଞ୍ଚାୟତ ସର୍ଗୁଣା ଗ୍ରାମର ମଙ୍ଗଳୁ ଭୁଏ (୪୫)। ସେ ଜଣେ ଦଣ୍ଡନୃତ୍ୟ କଳାକାର। ଚଳିତବର୍ଷ ଅର୍ଥାଭାବରୁ ଜମି ପଡିଆ ପଡିବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସର୍ଗୁଣା ଗ୍ରାମର ମଙ୍ଗଳୁ ବିଭିନ୍ନ ଦଣ୍ଡନୃତ୍ୟ ଦଳରେ ଯାଇ ମାସ ମାସ ଧରି ବାହାରେ ରୁହନ୍ତି। ଗତ ୧୦ ଦିନ ହେବ ସେ ବାହାରକୁ ଯାଇଥିଲେ ହେଁ ଘରକୁ ଫେରି ନ ଥିଲେ। ଶନିବାର ଜାମପାଳି ଗାଁର କେତେଜଣ ସିଦ୍ରିଆ ମହିଳା ଶୁଖିଲା କାଠ ସଂଗ୍ରହ ନିମନ୍ତେ ଜଙ୍ଗଲକୁ ଯାଇଥିଲେ। ଏକ ତେନ୍ତୁଳିଆ ଗଛ ଡାଳରେ ଗାମୁଛା ବନ୍ଧାଯାଇ ଏକ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ଆସି ମୃତଦେହ ଚିହ୍ନଟ କରିଥିଲେ। ଏନେଇ ମଙ୍ଗଳୁଙ୍କ ସାନଭାଇଙ୍କ ଏତଲା କ୍ରମେ ପୋଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


# UTKAL UNIVERSITY OF CULTURE

Sanskruti Vihar, Madanpur, Bhubaneswar-752 054

E-mail : chairmanpc.uuc@gmail.com, Visit us at www.uuc.ac.in, Phone - (0674)-2972315

No. 134 /UUC dt.25-09-2020

CAD-505

## ADMISSION NOTIFICATION-2020-21

Utkal University of Culture invites application on ONLINE MODE ONLY for admission in the following innovative, inter-disciplinary and career oriented courses:

| Courses | Duration | Eligibility | No. of seats |
|---|---|---|---|
| M.A. in Culture Studies | 2 Years | Any Graduate or equivalent | 32 |
| M.A. in Cultural Heritage and Conservation | 2 Years | Any Graduate or equivalent | 32 |
| M.A. in Liguistics | 2 Years | Any Graduate or equivalent | 32 |
| Master of Visual Arts in Painting | 2 Years | BVA/BFA or equivalent in concerened subject | 24 |
| Master of Visual Arts in Print Making | 2 Years | -do | 16 |
| Master of Visual Arts in Applied Art & Design | 2 Years | -do- | 24 |
| Master of Visual Arts in Sculpture | 2 Years | -do- | 16 |
| Master of Visual Arts in Art History | 2 Years | -do- | 16 |
| Master of Performing Arts in Odissi Vocal | 2 Years | BPA/B.Mus. or equivalent in concerned subject | 24 |
| Master of Performing Arts in Hindustiani Vocal | 2 Years | -do- | 24 |
| Master of Performing Arts in Odissi Dance | 2 Years | -do- | 24 |
| Master of Performing Arts in Chhow Dance | 2 Years | -do- | 16 |
| Master of Performing Arts in Tabla | 2 Years | -do- | 16 |
| Master of Performing Arts in Mardal | 2 Years | -do- | 16 |
| Master of Performing Arts in Violin | 2 Years | -do- | 16 |
| Master of Performing Arts in Flute | 2 Years | -do- | 16 |
| Master of Performing Arts in Sitar | 2 Years | -do- | 16 |
| Master of Performing Arts in Drama(Direction) | 2 Years | -do- | 16 |
| Master of Performing Arts in Drama(Acting) | 2 Years | -do- | 16 |
| Master of Performing Arts in Drama(Stage Craft) | 2 Years | -do- | 16 |
| M.Phil in Odissi Dance | 1 year | MPA/M.Mus or equivalent in concerned subject | 10 |
| M.Phil in Odissi Vocal | 1 year | -do- | 10 |
| M.Phil in Hindustani Vocal | 1 year | -do- | 08 |
| M.Phil in Drama | 1 year | -do- | 05 |
| M.Phil in Instrumental Music (Flute/Violin/Sitar) | 1 year | -do- | 10 |
| M.Phil in Painting | 1 year | MVA/MFA or equivalent in concerned subject | 08 |
| M.Phil in Applied Art and Design | 1 year | -do- | 08 |

**Eligibility** : Any person who has passed the qualifying degree with atleast 45% of marks in aggregate (40% for SC/ST students) of Utkal University of Culture, or any other examination conducted by other Universities/Institutions which is recognized as equivalent thereto by Utkal University of Culture fulfilling other eligibility criteria shall be eligible for admission to all the above mentioned courses except for M.Phil Programmes. For M.Phil programmes, the eligibility criteria is MPA/M.Mus or MVA/MFA in the concerned subject. The qualifying degree and other details can be seen from the prospectus available for download from **uuc.ac.in-Prospectus 2020-21**.

**Candiates who are appearing/appeared the final examination of qualifying degree and awaits thier results are also eligible to apply, subject to production of final degree mark sheet before the selection process.**

**Application Procedure**: Candidates are required to login to **www.uuc.ac.in (Admissions-2020)** to registered themselves for ON-LINE application on payment of **Rs.300/-** towards application fee payable on online mode.

**Opening of On-line Application** 28-09-2020 to 19-10-2020

**Last date for submission of hard copy of application along with required documents** 20-10-2020

**Other datelines are available in the E-Prospectus.**

By order of Vice-Chancellor
Sd/-
CHAIRMAN, P.G.COUNCIL

OIPR-03005/11/0003/2021

**ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ**

ଭବାନୀପାଟଣା,(ଡି.ଏନ.ଏ.): ବିଶିଷ୍ଟ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଶୁକ୍ରବାର ଭାଜପା ବୋର୍ଡା ମଣ୍ଡଳ ପକ୍ଷରୁ ପାଳିତ ହୋଇଛି। ମଣ୍ଡଳ ସାଧାରଣ ସମ୍ପାଦକ କୋଦଣ୍ଡ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଜୟରାମ ଗହୀର, ଉପସଭାପତି ବଡମଣ୍ଡୁ ନାଏକ, ସରୋଜ ଭୋଇ, ସତ୍ୟନାରାୟଣ ଗହୀର, ଯୁବମୋର୍ଚ୍ଚା ସଭାପତି ମନୋଜ ବାଗ, ନାଏବ ସରପଞ୍ଚ ପ୍ରଫୁଲ୍ଲ ସାହୁ, ସମ୍ପାଦକ ଅଶ୍ୱିନ ପଧାନ, ଏସଟି ମୋର୍ଚ୍ଚା ସଭାପତି ମାନଗୋବିନ୍ଦ ମାଝି, ସାଗର ମାଝି ପ୍ରମୁଖ ସ୍ୱର୍ଗତ ଉପାଧ୍ୟାୟଙ୍କ ସ୍ମୃତିଚାରଣ କରିଥିଲେ। ସାଧାରଣ ସମ୍ପାଦକ ଭଞ୍ଜକିଶୋର ପଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୁତୁରାର ୫ବର୍ଷ ଝିଅର ଗଳା କାଟିଦେଲେ ଦାଦା

**ଜୁନାଗଡ,୨୬।୯(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନ ମାଲଗୁଣ୍ଡ ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜମିବାଡି ଓ ପାରିବାରିକ କଳହକୁ ନେଇ ଜଣେ ବ୍ୟକ୍ତି ତାଙ୍କ ପୁତୁରାଙ୍କ ୫ ବର୍ଷର ଝିଅକୁ ଗଳାକାଟି ହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ରକ୍ତ ସ୍ରାବ ବନ୍ଦ ନ ହେବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ରାମଲାଲ ରଣା (୪୫)ଙ୍କୁ ଶନିବାର ପୋଲିସ ଗିରଫ କରିଛି। ଅଭିଯୋଗକୁ ଆଧାର କରି ଏକ ମାମଲା (ନଂ.୨୭୦/୨୦୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟ, ପୁତୁରା ଦଶରଥ ରଣାଙ୍କ ସହ ଅଭିଯୁକ୍ତ ରାମଲାଲଙ୍କ ଜମିବାଡ଼ିକୁ ନେଇ ପାରିବାରିକ ବିବାଦ ରହିଛି। ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ହଠାତ୍ ରାମଲାଲ ତାଙ୍କ ପୁତୁରା ଦଶରଥଙ୍କ ୫ବର୍ଷର ଝିଅ ହେମାଙ୍ଗିନୀଙ୍କ ଗଳାକୁ ଛୁରିରେ କାଟି ଦେଇଥିଲେ।

### କେନାଲରେ ପଡି ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଜୁନାଗଡ,୨୬।୯(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନ ବୁଡିଦର ମଣ୍ଡି ନିକଟସ୍ଥ ଏକ କେନାଲରେ ପଡି ଶନିବାର ଜଣେ ବାଇକ୍ ଆରୋହଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋକସରା ଥାନା ସର୍ଗଗୁଡା ଗ୍ରାମର କ୍ଷିତିଶ ତେଜୀ(୨୭)। କ୍ଷିତିଶ ବାଇକ୍ ଯୋଗେ ଜୁନାଗଡ ବ୍ଲକ୍ ବାଙ୍କପଲାସରୁ ଫେରୁଥିବାବେଳେ ବୁଡିଦର ମଣ୍ଡି ନିକଟରେ ଭାରସାମ୍ୟ ହରାଇ କେନାଲରେ ପଡିଯାଇଥିଲେ ଓ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଡକାୟତି ଉଦ୍ୟମ ବିଫଳ: ୩ ଗିରଫ

**ସମ୍ବଲପୁର, ୨୬।୯ (ବ୍ୟୁରୋ):** ସମ୍ବଲପୁର ଧନୁପାଲି ଥାନା ଜାତୀୟ ରାଜପଥ- ୫୫ ନକ୍ସାପାଲିରେ ଥିବା ତୈଳ କମ୍ପାନୀ ନିକଟରେ ଡକାୟତି ଉଦ୍ୟମକୁ ପୋଲିସ ପଣ୍ଡ କରିଛି । ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହ କରି ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସୁନାପାଲିର ମହମ୍ମଦ ଶାହାରୁଖ, ଲପଙ୍ଗାର ନେପାଳ ବେହେରା, ବୁର୍ଲାର ଆଶିଷ କୁମାର। ସେମାନଙ୍କ ନିକଟରୁ ମୋବାଇଲ, ୩ଟି ଛୁରି, ଟର୍ଚ୍ଚ ଲାଇଟ୍, ସିଗାରେଟ, ମାଚିସ ଓ ୩୬୦ ଟଙ୍କା ଜବତ କରିଛି । ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୨ଜଣ ଫେରାର ହୋଇ ଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଗ୍ୟାରେଜରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ସମ୍ବଲପୁର,୨୬।୯(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ବରେଇପାଲିସ୍ଥିତ ଏକ ଗ୍ୟାରେଜରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଶୁକ୍ରାପଡାର ସହଦେବ ସାହାଣୀ(୩୫)। ତେବେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପୁତୁରା ବିକାଶ ସାହାଣୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ହତ୍ୟା ମାମଲା(ନଂ.୪୮୬/୨୦)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ୟାରେଜ ମାଲିକଙ୍କୁ ପୋଲିସ ଜେରା କରିଛି। ଅନ୍ୟପକ୍ଷେ ପରିବାର ବର୍ଗ ଓ ପଡାବାସୀ ଏହି ଘଟଣାକୁ କେନ୍ଦ୍ର କରି ଗ୍ୟାରେଜରେ ହୋ ହାଲ୍ଲା କରିଥିଲେ। କ୍ଷତିପୂରଣ ଦାବି କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ପହଞ୍ଚି ଗ୍ୟାରେଜ ମାଲିକ ଓ ମୃତକଙ୍କ ପରିବାର ବର୍ଗଙ୍କ ସହ ଆଲୋଚନା କରିଥିଲେ। ଥାନା ଅଧିକାରୀ ପଣ୍ଡା କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ହତ୍ୟାକାଣ୍ଡକୁ ନେଇ କୌଣସି ସୁରାକ ପୋଲିସ ହାତରେ ଲାଗି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଦୃଷ୍ଟି ଆଢୁଆଳରେ ମୁଖିପଟା ଜଳପ୍ରପାତ

**ଭବାନୀପାଟଣା,୨୬।୯(ଡି.ଏନ.ଏ.)**


ମୁଖିପଟା ଜଳପ୍ରପାତ

ପାହାଡ ପର୍ବତ ଘେରା କଳାହାଣ୍ଡି ଜିଲାରେ ଅନେକ ପ୍ରାକୃତିକ ଜଳପ୍ରପାତ ଓ ପର୍ଯ୍ୟଟନସ୍ଥଳୀ ରହିଛି। ସେଥି ମଧ୍ୟରୁ ଫୁର୍ଲିଝରଣ, ରାବଣଧାର, ଡୋକରୀ ଚଞ୍ଚରା ଭଳି ଜଳପ୍ରପାତ ଅନ୍ୟତମ। ବର୍ତ୍ତମାନ ମଦନପୁର ରାମପୁର ବ୍ଲକର ମାନିକେରା ନିକଟ ଘଞ୍ଚ ଜଙ୍ଗଲରେ ଥିବା ମୁଖିପଟା ଜଳପ୍ରପାତ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ସେଠାରେ ବର୍ଷର ସବୁ ସମୟରେ ପର୍ଯ୍ୟଟକମାନଙ୍କ ଭିଡ ଜମିବାରେ ଲାଗିଛି। ପ୍ରଶାସନର ଦୃଷ୍ଟି ଆଢୁଆଳରେ ଥିବା ଏହି ଜଳପ୍ରପାତ ନିକଟକୁ ଯିବା କଷ୍ଟସାଧ୍ୟ ଓ ସମୟସାପେକ୍ଷ।

ଭବାନୀପାଟଣା ସହର ଠାରୁ ୬୦ କିଲୋମିଟର ଗଳାପରେ ପଡେ ମଦନପୁର ରାମପୁର ବ୍ଲକ। ଏହି ବ୍ଲକଠାରୁ ୧୭ କିଲୋମିଟର ଦୂରରେ ବଣ ପାହାଡ ଘେରା ରାସ୍ତାରେ ଗଲେ ରହିଛି ମୁଖିପଟା ଜଳପ୍ରପାତ। ପ୍ରାୟ ୧୫୦ ଫୁଟ ଉଚ୍ଚତାରୁ ପାହାଡ ତଳକୁ ପାଣିର ଧାର ପଡୁଛି। ଯାହା ଦେଖିବାକୁ ବହୁତ ଆକର୍ଷଣୀୟ। ଏହି ଜଳପ୍ରପାତ ସେତେଟା ପରିଚିତ ହୋଇ ନ ଥିଲେ ମଧ୍ୟ ଗତ କିଛି ଦିନ ମଧ୍ୟରେ ଏଠାକୁ ଲୋକଙ୍କ ଆଗମନ ବଢିବାରେ ଲାଗିଛି। ସୁଉଚ୍ଚ ପାହାଡରୁ ପାଣି ପଡୁଥିବା ଦୃଶ୍ୟର ମଜା ନେଉଛନ୍ତି ସ୍ଥାନୀୟ ପର୍ଯ୍ୟଟକ। ବହୁ ଯୁବକ ସେଠାରେ ଗାଧୋଇବା ସହ ସେଲ୍ଫି ନେବା ଦେଖିବାକୁ ମିଳୁଛି। ସେପଟେ ପ୍ରାକୃତିକ ଝରଣାର କୁଲୁକୁଲୁ ନାଦରେ ଗୁଞ୍ଜୁରିତ ହୋଇଉଠୁଛି ପରିବେଶ। ଅନେକ ସମୟରେ ଏହି ଜଳପ୍ରପାତ ନିକଟରେ ପିକନିକ୍ କରି ଖୁସି ମନାଉଛନ୍ତି ପର୍ଯ୍ୟଟକ। ତେବେ ଯିବାକୁ ଭଲ ରାସ୍ତା ନାହିଁ। ମାନିକେରାରୁ ମୋହନଗିରି ମୁଖ୍ୟ ରାସ୍ତାର ସୁଲେସୁରୁଠାରୁ ମୁଖିପଟା ଯିବା ରାସ୍ତା ସଂକୀର୍ଣ୍ଣ ଥିବାରୁ ବାଇକ୍ କିମ୍ବା ୪ ଚକିଆ ଯାନରେ ଯିବା କଷ୍ଟକର। ସେପଟେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବାରୁ ଜଙ୍ଗଲରେ ନାଳ ଓ ବଡ ପଥର ଥିବା ରାସ୍ତା ଦେଇ ଯିବାକୁ ପଡୁଛି। ଯିବା ଆସିବା ପାଇଁ କଂକ୍ରିଟ ରାସ୍ତା କରାଯାଇ ଏହି ସ୍ଥାନର ଉନ୍ନତୀକରଣ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଉଭୟ ଜଙ୍ଗଲ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଲେ ମୁଖିକଟା ଜଳପ୍ରପାତ କଳାହାଣ୍ଡି ଜିଲାର ପର୍ଯ୍ୟଟନ ସ୍ଥଳୀ ମାନଚିତ୍ରରେ ଯୋଡି ହୋଇ ପାରିବ। ପର୍ଯ୍ୟଟକମାନେ ସୁବିଧାରେ ଏହି ଜଳପ୍ରପାତ ନିକଟକୁ ଯାଇ ଚିତ୍ତ ବିନୋଦନ କରିବା ସହ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଏହି ଜଳପ୍ରପାତ ଉତ୍ତର ବନଖଣ୍ଡ ଅଧୀନରେ ରହିଛି। ଏହାର ବିକାଶ ପାଇଁ ଉତ୍ତର ବନଖଣ୍ଡ ଡିଏଫ୍‌ଓ ନୀତିଶ କୁମାର ଓ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯଥାଶୀଘ୍ର ଏକ କମିଟି ଗଠନ କରି ଏହି ଜଳପ୍ରପାତ ଅଞ୍ଚଳର ବିକାଶ କରାଯିବ ବୋଲି ପ୍ରକାଶ କରିଛନ୍ତି। ଜଙ୍ଗଲ ବିଭାଗ ଓ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଦେବଗଡ଼ରେ ୩ ଦିନିଆ କୋଭିଡ୍ ଟେଷ୍ଟ ଅଭିଯାନ

**ଦେବଗଡ଼,୨୬।୯(ଡି.ଏନ୍.ଏ.)**

ଦେବଗଡ଼ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସଂକ୍ରମିତଙ୍କୁ ଚିହ୍ନଟ ନିମନ୍ତେ ଜିଲାବ୍ୟାପୀ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ୨୬ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନରେ ୪ଟି ଟିମ୍ ସାମିଲ ହୋଇଛି। ଜିଲାର ୩ଟି ବ୍ଲକର ବିଭିନ୍ନ ସ୍ଥାନରେ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ନିମନ୍ତେ ଏହି ଟିମ୍ ସ୍ୱାବ୍ ସଂଗ୍ରହ କରିବ। ଶନିବାର ବାରକୋଟ ବ୍ଲକର ବାସୁପାଲି, ରିଆମାଳ ବ୍ଲକର କୁଣ୍ଢେଇଗୋଲା ଥାନା, ରିଆମାଳ, ତିଲେଇବଣି ବ୍ଲକର କନ୍ଦର୍ପ, ବାରକୋଟ ବ୍ଲକର ବାରକୋଟ ଥାନା, ରିଆମାଳ ବ୍ଲକର ରିଆମାଳ ଥାନା, ବାବ୍ରାକୋଟ, ତିଲେଇବଣି ବ୍ଲକର ପାଣିଭଣ୍ଡାରଠାରେ ଏହି ଟେଷ୍ଟ କରାଯାଇଛି। ୨୭ ତାରିଖ ବାରକୋଟ ବ୍ଲକର କଦଳୀଡିହି ଓ ଛାପ୍‌ବାହାଲ, ରିଆମାଳ ବ୍ଲକର କାଦୋପଡା ଏବଂ ତିଲେଇବଣି ବ୍ଲକର ସମସିଙ୍ଗାରେ ପୂର୍ବାହ୍ନ ୧୧ଟାରୁ ୨ଟା ଏବଂ ବାରକୋଟ ବ୍ଲକର ଉତଳା ଓ ଶିବ୍‌ପାଲି, ରିଆମାଳ ବ୍ଲକର କଖାରୁମାଳ, ତିଲେଇବଣି ବ୍ଲକର ପାରପୋଷିଠାରେ ଅପରାହ୍ନ ସାଢେ ୩ଟାରୁ ୬ଟା ପର୍ଯ୍ୟନ୍ତ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ୨୮ ତାରିଖ ବାରକୋଟ ବ୍ଲକର ଦଣ୍ଡାସିଙ୍ଗା (ଆରଜିଏସକେ), ରିଆମାଳ ବ୍ଲକର ଜଡାଗୋଲା ଓ ବେଗୁନିଆନାଳି ଏବଂ ତିଲେଇବଣି ବ୍ଲକର ଶାହାଜବାହାଲଠାରେ ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଏବଂ ବାରକୋଟ ବ୍ଲକର ଉତଳା, ରିଆମାଳ ବ୍ଲକର କେନ୍ଦୁନାଳି ଓ ଧରୁଆଗୋଠ, ତିଲେଇବଣି ବ୍ଲକର ଫୁଲମରାଠାରେ ଅପରାହ୍ନ ସାଢେ ୩ଟାରୁ ୬ଟା ପର୍ଯ୍ୟନ୍ତ ଟେଷ୍ଟ କରାଯିବ। ଏଣୁ ସମ୍ପୃକ୍ତ ଅଞ୍ଚଳର ଲୋକେ ନିଜ ନିଜର କୋଭିଡ୍ ଟେଷ୍ଟ କରାଇନେବାକୁ ପରାମର୍ଶ ଦିଆଯାଇଛି।

## ରାଜସ୍ୱ ନିରୀକ୍ଷକ ଲାଞ୍ଚ ନେବା ଭିଡିଓ ଭାଇରାଲ

**କୋକସରା, ୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ତହସିଲ ଅଞ୍ଚଳର ଜଣେ ରାଜସ୍ୱ ନିରୀକ୍ଷକ ଲୋକଙ୍କ ଜମି ମ୍ୟୁଟେଶନ କରିବା ପାଇଁ ଲାଞ୍ଚ ନେଉଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଣେ ବ୍ୟକ୍ତି ଜମିର ମ୍ୟୁଟେଶନ୍ ପାଇଁ କହିଲା ପରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ୨ହଜାର ଟଙ୍କା ଲାଞ୍ଚ ମାଗୁଥିବା ବେଳେ ପଇସା ଦେଲେ ୫ରୁ ୭ ଦିନରେ କାମ ହେବ ବୋଲି କହୁଛନ୍ତି। ଅନ୍ୟ ଜଣେ ବ୍ୟକ୍ତି ୫ଶହ ଟଙ୍କା ଦେଉଥିବା ବେଳେ ସମ୍ପୃକ୍ତ କର୍ମଚାରୀ ଜଣକ ଅଧିକ ଟଙ୍କା ମାଗୁଥିବା ଭିଡିଓରୁ ସ୍ପଷ୍ଟ ଜଣାପଡୁଛି। କୋକସରା ତହସିଲଦାର ମନୋଜ ପାଢୀଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହଛନ୍ତି।

# ତରଭା ଅଞ୍ଚଳ ଶୂନ୍‌ଶାନ

**ତରଭା,୨୬।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାର ତରଭା ଅଞ୍ଚଳରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି। ଉପଯୁକ୍ତ ଚିକିତ୍ସା ଅଭାବରୁ ଅକାଳରେ ଅନେକ ଜୀବନ ଚାଲିଯାଉଛି। ଏହାକୁ ଦୃଷ୍ଟିରେ ରଖି ଗତ ୨୪ ତାରିଖ ପୂର୍ବାହ୍ନରେ ତରଭାର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୁଦ୍ଧିଜୀବୀ, ସଚେତନ ନାଗରିକ, ବ୍ୟବସାୟୀ ଓ ବିଭିନ୍ନ ପ୍ରତିଷ୍ଠାନର ମୁଖ୍ୟଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ତରଭାରେ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ଶଟ୍‌ଡାଉନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଶନିବାର କେବଳ କିରାଣା ଦୋକାନ ସକାଳ ୬ଟାରୁ ୧୦ ଟା ପର୍ଯ୍ୟନ୍ତ ଖୋଲା ରହିଥିଲା। ଏହାଛଡା ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଔଷଧ ଦୋକାନ, କ୍ଷୀର ଦୋକାନ,ପାଥୋଲୋଜି କ୍ଲିନିକ, ପେଟ୍ରୋଲ ପମ୍ପ ପ୍ରଭୃତି ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ସ୍ୱତଃସ୍ଫୂର୍ତ୍ତ ଭାବେ ଜନସାଧାରଣ ଏହି ଶଟ୍‌ଡାଉନକୁ ସମର୍ଥନ କରିବା ସହ ସହଯୋଗ କରିବାରୁ ପ୍ରଥମ ଦିନ ଏହା ସଫଳ ହୋଇଥିବା ଦେଖିବାକୁ ମିଳିଛି। ଶଟ୍‌ଡାଉନ ଫଳରେ ଗ୍ରାମାଞ୍ଚଳର ଲୋକେ ତରଭାକୁ ଆସିବାର ଦେଖାଯାଇ ନ ଥିଲା। କୌଣସି ଜାଗାରେ ଭିଡ ପରିଲକ୍ଷିତ ହୋଇ ନ ଥିଲା। ସମ୍ପୂର୍ଣ୍ଣ ତରଭା ଶୁନଶାନ୍ ହୋଇ ପଡିଥିଲା।


ତରଭା ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଛି।

## ଦେବଗଡ଼ ଜିଲାରେ ପ୍ରଥମ କରୋନା ମୃତ୍ୟୁ



**ଦେବଗଡ଼,୨୬।୯(ଡି.ଏନ୍.ଏ.)**

କରୋନା ମହାମାରୀ ଯୋଗୁ ସାରା ରାଜ୍ୟରେ ପ୍ରତିଦିନ ସଂକ୍ରମଣ ସଂଖ୍ୟା ବଢୁଛି। ଅନେକ ମଧ୍ୟ ମୃତ୍ୟୁ ମୁଖରେ ପଡୁଛନ୍ତି। ଶନିବାର ଦେବଗଡ଼ ଜିଲାରେ ପ୍ରଥମ କରୋନାଜନିତ ମୃତ୍ୟୁ ଘଟିଛି। ସିଡିଏମ୍‌ଓ ମନୋଜ କୁମାର ଉପାଧ୍ୟାୟ ଏହା ସ୍ପଷ୍ଟ କରିଛନ୍ତି। ମୃତକ ହେଲେ ଦେବଗଡ଼ ପୌରପରିଷଦର ଅବସରପ୍ରାପ୍ତ ଟ୍ୟାକ୍ସ କଲେକ୍ଟର ତଥା ଦେବଗଡ଼ ବଣିଆଁ ସାହିର ରାଜେନ୍ଦ୍ର ପ୍ରସାଦ ଝାଙ୍କର (୬୮)। ସେ କରୋନାରେ ଆକ୍ରାନ୍ତ ହୋଇ ଦେବଗଡ଼ କୋଭଡ୍ ଡାକ୍ତରଖାନାରେ ଗତ ୮ ଦିନ ହେବ ଚିକିତ୍ସିତ ହେଉଥିଲେ। ୩ଦିନ ହେବ ତାଙ୍କ ଅବସ୍ଥା ଗୁରୁତର ଥିଲା। କୋଭିଡ଼-୧୯ ନିୟମ ଅନୁଯାୟୀ ପ୍ରଧାନପାଟ ସ୍ୱର୍ଗଦ୍ୱାରଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ ପୁଅ ଦୀପକ କୁମାର ଝାଙ୍କର ମୁଖାଗ୍ନି ଦେଇଛନ୍ତି।

# କାମ ଅନ୍ୱେଷଣରେ ବାହାର ରାଜ୍ୟ ମୁହାଁ ଶ୍ରମିକ

**ଦେଓଗାଁ,୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜଲା ଦେଓଗାଁ ବ୍ଲକ ଏକ ଦାଦନ ପ୍ରବଣ ଅଞ୍ଚଳ । ଏହି ବ୍ଲକରୁ ପ୍ରତିବର୍ଷ ଶହ ଶହ ଶ୍ରମିକ ପରିବାର ବାହାର ରାଜ୍ୟକୁ କାମଧନ୍ଦା ଅନ୍ୱେଷଣରେ ଯାଇଥାନ୍ତି। କରୋନା ମହାମାରୀକୁ ଆଖିଆଗରେ ରଖି ଏହାର ମୁକାବିଲା ସ୍ୱରୂପ ସରକାର ବାହାର ରାଜ୍ୟରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ରାଜ୍ୟକୁ ଫେରାଇ ଆଣି ଅସ୍ଥାୟୀ ଟିଏମସି କେନ୍ଦ୍ରମାନଙ୍କରେ ରଖିଥିଲେ। ପରେ ସେମାନଙ୍କୁ ସବୁଦିନିଆ କାମ ଦେବା ସହ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ କାର୍ଯ୍ୟଦକ୍ଷତା ଭିତ୍ତିରେ କାମ ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଅଧିକାଂଶ ଶ୍ରମିକ ପରିବାର କାମଧନ୍ଦା ନ ପାଇବାରୁ ପୁଣି ବାଧହୋଇ ବାହାର ରାଜ୍ୟକୁ ଯିବାପାଇଁ ଅଣ୍ଟା ଭିଡିଲେଣି। ଫଳରେ ପ୍ରତି ଦିନ ବ୍ଲକର ରାମଚନ୍ଦ୍ରପୁର, ଦେଷଣ୍ଡ, ସିଂହାମୁଣ୍ଡା, ଲଣ୍ଡାପପଥର, ମକୁନ୍ଦପୁର, ଉଡାର, ସାରସମାଲ, ଧଣ୍ଡାମାଲ ଆଦି ଅଞ୍ଚଳକୁ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ବେଙ୍ଗାଲୁରୁ ଆଦି ରାଜ୍ୟରୁ ବସ୍ ଗୁଡିକ ଶ୍ରମିକଙ୍କୁ ନେବାପାଇଁ ଆସୁଛି। ପୁଣି ଗାଁ ଛାଡି ଦାଦନ ମୁହାଁ କିଛି ଶ୍ରମିକଙ୍କ ମତ ଲୋଡିବାରୁ କରୋନା ଭୟରେ ସପରିବାର ଗାଁକୁ ଫେରିଥିଲେ। ଏଠି କାମଧନ୍ଦା ମିଳିବା ଆଶାରେ ଏ ପର୍ଯ୍ୟନ୍ତ ରହିଥିଲେ। କାମ ନ ମିଳିଲେ କେମିତି ପରିବାର ଚଳିବ ବୋଲି ପ୍ରାନ କରିଛନ୍ତି। ଏଣୁ ବାଧହୋଇ ପୁଣି କର୍ମକ୍ଷେତ୍ରକୁ ଯିବାକୁ ପଡୁଛି ବୋଲି ମତପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓ ନବୀନ କିଶୋର ପାଢ଼ୀଙ୍କୁ ପଚାରିବାରୁ କରୋନା ମହାମାରୀ ଯୋଗୁ ଦେଓଗାଁ ବ୍ଲକର ୨୬ ପଞ୍ଚାୟତର କ୍ୱାରେଣ୍ଟାଇନ କେନ୍ଦ୍ରକୁ ପ୍ରାୟ ୨୨ଶହ ଶ୍ରମିକ ଆସିଥିଲେ। ସେମାନଙ୍କୁ ପ୍ରଥମେ କ୍ୱାରେଣ୍ଟାଇନ କେନ୍ଦ୍ରରୁ ବାହାରିବା ପରେ ୨ ହଜାର ଟଙ୍କା ଲେଖାଏଁ ଦିଆଯାଇଛି। ପରେ ପର୍ଯ୍ୟାୟ କ୍ରମେ ଅନେକ ପଞ୍ଚାୟତରେ ଏମଜିଏନଆରଇଜିଏସରେ କାମ ଯୋଗାଇ ଦିଆଯାଉଛି। ସ୍ୱୟଂ ସହାୟକ ଦଳ ଜରିଆରେ ମଧ୍ୟ ଋଣ ଆକାରରେ ଅନେକ ସହାୟତା ଦେବା ପକ୍ରିୟା ଜାରି ରହିଛି। ତଥାପି କିଛି ଶ୍ରମିକ ପୁଣି ବାହାର ରାଜ୍ୟକୁ ଯିବା ଅଭିଯୋଗ ଆସୁଛି ବୋଲି କହିବା ସହ ଜିଲା ଶ୍ରମ ବିଭାଗ ଏମାନଙ୍କ ପଞ୍ଜୀକରଣ ବ୍ୟବସ୍ଥା କରିବା କଥା ବୋଲି କହିଥିଲେ।

## କରୋନା ମୁକାବିଲା ନେଇ ଆଲୋଚନାଚକ୍ର

**ଲୋଇସିଂହା,୨୬।୯(ଡି.ଏନ.ଏ.)**



ବଲାଙ୍ଗୀର ଜିଲା ଲୋଇସିଂହା ମାହେଶ୍ୱରୀ ସଂଗଠନ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ପରିସରରେ କରୋନ ମୁକାବିଲା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ସଂଗଠନର ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ସଭାପତି ଦେବାଶିଷ ବିଶୋଇ ଅଧ୍ୟକ୍ଷତା କରି କହିଥିଲେ ଯେ, କରୋନା ଲୋଇସିଂହା ସହରର ୨ଜଣଙ୍କ ଜୀବନ ନେଲାଣି। ଦିନକୁ ଦିନ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ସାମୂହିକ ଉଦ୍ୟମରେ କରୋନ ମୁକାବିଲା କରାଯାଇ ପାରିବ। ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଥାନା ଓ ଡାକ୍ତରଖାନା କର୍ମଚାରୀ କରୋନା ସଂକ୍ରମଣରେ ଶିକାର ହୋଇଛନ୍ତି। ଡାକ୍ତର, ନର୍ସ ଆଦି ସଂକ୍ରମିତ ହେଉଥିବାରୁ ରୋଗୀସେବା ପ୍ରଭାବିତ ହୋଇଛି। ଡାକ୍ତରଖାନାରେ ଅକ୍ସିଜେନ ସମେତ ଆନୁଷଙ୍ଗିକ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଥିଲେ। ସରପଞ୍ଚ ସୁନୀଲ ଅଗ୍ରୱାଲ, ନିହାର ରଞ୍ଜନ ବେହେରା, ନୟୁ ଖାନ ପ୍ରମୁଖ ମତ ରଖିଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ଗୁରୁତର

**ଦେବଗଡ଼,୨୬।୯(ଡି.ଏନ୍.ଏ.)**

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅଧୀନ ନୂଆଁପଡା-ବାଗଡିଆ ରାସ୍ତାରେ ଶନିବାର ଅପରାହ୍ନରେ ୨ଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣ ଆହତ ହୋଇଛନ୍ତି। ଏମାନେ ହେଲେ ଛେଣ୍ଡିପଦା ଥାନା ଅଧୀନ ବସନ୍ତପୁର ଗ୍ରାମର ଭଜମନ ସାହୁ, ତାଙ୍କ ସ୍ତ୍ରୀ ଓ ବାଗଡିଆ ଗ୍ରାମର ଟୁନା ପ୍ରଧାନ। ଭଜମନ ଓ ଟୁନା ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ସେ ଦୁହିଁଙ୍କୁ ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଦାଦନ ଶ୍ରମିକ, ମହିଳାଙ୍କ ସମସ୍ୟା ବୁଝିଲେ ବିଧାୟକ

**ସୁନ୍ଦରଗଡ଼, ୨୬।୯ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର ଅନେକ ଯୁବତୀଯୁବକ ପେଟପାଟଣା ଉଦ୍ଦେଶ୍ୟରେ ଏବେ ମଧ୍ୟ ନିଜ ଭିଟାମାଟି ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କରୋନା ମହାମାରୀର ପ୍ରାଦୁର୍ଭାବରେ ତାଲାବନ୍ଦ ସମୟରେ ସେହି ପ୍ରବାସୀ ଶ୍ରମିକମାନେ ଅକଥନୀୟ କଷ୍ଟ ସହି ନିଜ ଗ୍ରାମକୁ ଫେରିବା ପରେ ସେମାନଙ୍କ ଜୀବନ ଶୈଳୀର ଏକ ଦୁଃଖଦ ଦିଗ ଲୋକଲୋଚନକୁ ଆସିଥିଲା। ନିଜର ସମସ୍ତ ସଞ୍ଚୟ ପୁଞ୍ଜି ସାରି ସେମାନେ ଘରକୁ ଫେରିବା ସମୟରେ ନିଜର ଅନେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ମଧ୍ୟ ଛାଡି ଆସିଲେ। ତାଲାବନ୍ଦ ଉଠିବା ପରେ ଦେଖାଦେଇଛି ପେଟ ପୋଷିବା ପାଇଁ ସଂଘର୍ଷ। ନିଜ ନିଜର କୁଶଳତା ଅନୁଯାୟୀ କାମ ମଧ୍ୟ ମିଳୁନାହିଁ। ଏପରି ସମୟରେ ବାଲିଶଙ୍କରା ବ୍ଲକ ଅଧୀନ ସୁନାପଡା ଏବଂ ଉଦ୍ଧାପଡା ଗ୍ରାମକୁ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ଗ୍ରାମରେ ଲୋକେ ପ୍ରବାସୀ ଶ୍ରମିକଙ୍କ ପାଇଁ ପର୍ଯ୍ୟାପ୍ତ କାମ ଯୋଗାଇବା ସହିତ ଅନ୍ୟମାନଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ଅନୁରୋଧ କରିଥିଲେ। ଏହା ସହିତ ମହିଳାମାନଙ୍କ ଜୀବନ ଶୈଳୀର ଉନ୍ନତି ପାଇଁ କି ପ୍ରକାରର ବ୍ୟବସ୍ଥା କରାଯାଇପାରିବ ସେ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କ ସହଯୋଗରେ ଅନେକ କାମ ହାତକୁ ନେବା ବିଷୟରେ ଆଲୋଚନା ହୋଇଥିଲା। ଉଭୟ ଗ୍ରାମର ଅଧିବାସୀ ସରକାରୀ ଯୋଜନାର ଲାଭ ପାଇବାରେ ଅସୁବିଧା ହେଉଥିବା ଜଣାଇବାରୁ ବିଧାୟକ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ୯ ଦିବ୍ୟାଙ୍ଗଙ୍କ ମୁହଁରେ ଫୁଟିଲା ହସ

**ସମ୍ବଲପୁର,୨୬।୯(ବ୍ୟୁରୋ)**

**ସକ୍ଷମ ଯୋଜନାରେ ପାଇଲେ ଇ-ରିକ୍ସା**


ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଇ-ରିକ୍ସା ବଣ୍ଟନ କରାଯାଉଛି ।

ସମ୍ବଲପୁର ଜିଲା ପ୍ରଶାସନ ଓ ମହାନଦୀ କୋଇଲା ଖଣି (ଏମ୍‌ସିଏଲ୍) ସହାୟତାରେ ମହାନଗର ନିଗମ ଅଞ୍ଚଳର ୯ ଜଣ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ପ୍ରଦାନ କରାଯାଇଛି । ଏ ନେଇ ବରେଇପାଲି ମାର୍କେଟୟାର୍ଡରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଡିଏମ୍ ଉମାକାନ୍ତ ରାଜ, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଏମ୍‌ସିଏଲ୍ ସିଏସ୍‌ଆର୍ ବିଭାଗ ମ୍ୟାନେଜର ସୁବାସ ତୋରିଆ, ଡିଏସ୍‌ଏସ୍‌ଓ ଜଗନ୍ନାଥ ମୋଦି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ଭିନ୍ନକ୍ଷମ ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏମ୍‌ସିଏଲ୍ ପକ୍ଷରୁ ଏହି ସବୁ ଇ-ରିକ୍ସା ଲାଗି ଅନୁଦାନ ପ୍ରଦାନ କରାଯାଇଛି। ପ୍ରତି ରିକ୍ସାର ଦାମ୍ ୧ ଲକ୍ଷ ୨୫ ହଜାର ଟଙ୍କା ରହିଛି। ଦିବ୍ୟାଙ୍ଗମାନେ ନିଜ ଅଞ୍ଚଳରେ ଏହି ଗାଡ଼ିକୁ ଭଡା ଦେଇ ମାସିକ ୧୦/୧୫ ହଜାର ଟଙ୍କା ରୋଜଗାର କରିପାରିବେ। ଫଳରେ ସେମାନଙ୍କ ପରିବାର ଚଳିବା ସହଜ ହେବ। ପୂର୍ବରୁ ଜିଲାର ବିଭିନ୍ନ ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରୁ ୧୧ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଏଭଳି ଇ-ରିକ୍ସା ପ୍ରଦାନ କରାଯାଇଛି। କୋଭିଡ୍ ଯୋଗୁ ଅନେକ ଦିବ୍ୟାଙ୍ଗ ରୋଜଗାର ହରାଇ ବସିଛନ୍ତି । ତେଣୁ କେତେଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ରୋଜଗାରକ୍ଷମ କରାଇବାକୁ ପ୍ରଶାସନ ଚିନ୍ତା କରିଥିଲା ବୋଲି ଭିନ୍ନକ୍ଷମ ଅଧିକାରୀ ଶତପଥୀ କହିଛନ୍ତି।

**ସଂକ୍ଷେପରେ**

## ରାଷ୍ଟ୍ରାୟତ୍ତ କମ୍ପାନୀ ଅଂଶଧନ ବିକ୍ରି ପ୍ରକ୍ରିୟାକୁ ସିଏଜିଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୨୬।୯:** କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକରୁ ସରକାରଙ୍କ ଅଂଶଧନ କମାଇ ଘରୋଇକରଣ କରିବା ଉପରେ ବର୍ତ୍ତମାନ ଫୋକସ କରିଛନ୍ତି। ଏହି ପ୍ରକ୍ରିୟାରେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀ ଅନ୍ୟ ରାଷ୍ଟ୍ରାୟତ୍ତ କମ୍ପାନୀକୁ କିଣୁଥିବା ଦେଖାଯାଇଛି। ଏଭଳି ପ୍ରକ୍ରିୟାରେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ନିକଟରେ ରହିଥିବା ସମ୍ପତ୍ତି ସରକାରଙ୍କ ନିକଟକୁ ସ୍ଥାନାନ୍ତର ହେଉଛି। ଅଂଶଧନ ବିକ୍ରି ହେଉଥିବା କମ୍ପାନୀର ଅଂଶଧନ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। କମ୍ପାନୀଗୁଡ଼ିକର ଅଂଶଧନ ବିକ୍ରି ପ୍ରକ୍ରିୟାରେ ରହିଥିବା ବିଭିନ୍ନ ସମସ୍ୟା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଅକ୍ଟୋବରରୁ ଜିଏସ୍‌ଟି ଇନ୍‌ଭଏସିଂ ଅନିବାର୍ଯ୍ୟ

**ନୂଆଦିଲ୍ଲୀ,୨୬।୯**



ଅକ୍ଟୋବର ପହିଲାରୁ ଜିଏସ୍‌ଟି ଇନ୍‌ଭଏସିଂ ଅନିବାର୍ଯ୍ୟ ହେବ। ଏ କ୍ଷେତ୍ରରେ କେନ୍ଦ୍ର ସରକାର ଆଉ କୋହଳ ସୁବିଧା ପ୍ରଦାନ କରିପାରିବେ ନାହିଁ। ପହିଲାରୁ ଜିଏସ୍‌ଟି ଇନ୍‌ଭଏସିଂ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏ କ୍ଷେତ୍ରରେ କେନ୍ଦ୍ର ସରକାର ଅଗ୍ରସର ହେବେ। ୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବାର୍ଷିକ କାରବାର କରୁଥିବା କମ୍ପାନୀଗୁଡ଼ିକ କ୍ଷେତ୍ରରେ ଏହା ଲାଗୁ ହେବ। ବିଜ୍‌ନେସ-ଟୁ-ବିଜ୍‌ନେସ (ବିଟୁବି) ଟ୍ରାଞ୍ଜାକଶନ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି।

ଏହି ବ୍ୟବସ୍ଥାକୁ ବର୍ତ୍ତମାନ ବାଧ୍ୟତାମୂଳକ କରିବା ପରିବର୍ତ୍ତେ ସ୍ୱେଚ୍ଛାକୃତ କରିବା ନେଇ ଦେଶର ଶିଳ୍ପଜଗତ ପ୍ରତିନିଧିଙ୍କ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। କ୍ଷୁଦ୍ର ବାଣିଜ୍ୟଗୁଡ଼ିକୁ ଏ କ୍ଷେତ୍ରରେ କିଛିଟା ଆଶ୍ୱସ୍ତି ମିଳିପାରେ। ନିର୍ଦ୍ଧାରିତ ସୀମାଠାରୁ ଯେଉଁ ମାନେ କମ୍ ବାଣିଜ୍ୟ କରୁଛନ୍ତି ସେମାନଙ୍କ ଲାଗି ଏହା ହୁଏତ କଡ଼ାକଡ଼ି ହେବ ନାହିଁ। ମାତ୍ର ଯେଉଁ ସଂସ୍ଥାଗୁଡିକ ଧାର୍ଯ୍ୟ ସୀମାଠାରୁ ଅଧିକ ମୂଲ୍ୟର କାରବାର କରୁଛନ୍ତି ସେମାନଙ୍କ ଲାଗି ଇ-ଇନ୍‌ଭଏସିଂ କଡ଼ାକଡ଼ି ହେବ ବୋଲି ଜଣାପଡିଛି। ଟିକସ ଅନୁପାଳନକୁ ଉନ୍ନତ କରିବା ଲାଗି ସରକାର ଏଭଳି ଏକ ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି।

୧୦୦ କୋଟି ଟଙ୍କାର କାରବାର ଉପରେ ଏଭଳି ବ୍ୟବସ୍ଥା ଲାଗୁ କରିବା ଲାଗି ପୂର୍ବରୁ ଯୋଜନା କରାଯାଇଥିଲା। ମାତ୍ର ଜିଏସ୍‌ଟି ପରିଷଦର ଏମ୍ପାୱାର୍ଡ କମିଟି ପ୍ରସ୍ତାବ ମୁତାବକ ଏହାକୁ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଯାଇଥିବା ଜଣାପଡ଼ିଛି। ପ୍ରଥମେ ୨୦୨୦ ଏପ୍ରିଲରୁ ଏହି ବ୍ୟବସ୍ଥା ଲାଗୁ କରିବା ଲାଗି ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପରେ ସମୟରେ ପରିବର୍ତ୍ତନ ସହ ଏହାକୁ ଅକ୍ଟୋବର ପହିଲାକୁ ବଢ଼ାଯାଇଛି। ଜିଏସ୍‌ଟିଏନ୍ ୱେବ୍‌ସାଇଟରୁ ମିଳିଥିବା ସୂଚନା ମୁତାବକ, ଇ-ଇନ୍‌ଭଏସିଂରେ ଅନେକ ସୁବିଧା ରହିଛି। ଏହା ପେମେଣ୍ଟ ସାଇକେଲକୁ ଉନ୍ନତ କରିବା ସହ ବାଣିଜ୍ୟ ସଂସ୍ଥାଗୁଡ଼ିକର ଦକ୍ଷତା ବଢ଼ାଇବା ଦିଗରେ ସହାୟକ ହୋଇପାରିବ।

**୫୦୦ କୋଟିରୁ ଊର୍ଦ୍ଧ୍ୱ କାରବାର କରୁଥିବା କମ୍ପାନୀଙ୍କ ଲାଗି କାର୍ଯ୍ୟକାରୀ ହେବ**

# ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଏସ୍‌ବିଆଇର ଗୁରୁତ୍ୱ

**ନୂଆଦିଲ୍ଲୀ,୨୬।୯**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଡେପୁଟି ଏମ୍‌ଡି,ଏଫ୍‌ଆଇ ଆଣ୍ଡ ଏମ୍‌ଏସ୍ ଭର୍ଟିକାଲ ଶାଖାକୁ ବମ୍ବେରୁ ନୂଆଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଛି। ବ୍ୟାଙ୍କର ବରିଷ୍ଠ ଅଧିକାରୀ ଏବଂ ଏଫ୍‌ଆଇ ଆଣ୍ଡ ଏମ୍‌ଏସ୍‌ର ଉପପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ନୌଟିୟାଲଙ୍କ ଉପସ୍ଥିତିରେ ଏସ୍‌ବିଆଇର ଅଧ୍ୟକ୍ଷ ରଜନୀଶ କୁମାର ଏହି ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ଧ୍ୟାନ ଦେବା ଲାଗି ଏଭଳି ଶାଖା ଗଠନ କରାଯାଇଥିଲା। ଗ୍ରାମାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳ ଅଞ୍ଚଳରେ ରହୁଥିବା ଗ୍ରାହକମାନଙ୍କର ବିଭିନ୍ନ ଆବଶ୍ୟକତାକୁ ଏହା ପୂରଣ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି। ଏହା ଜରିଆରେ କୃଷିକ୍ଷେତ୍ର ସହ ଅଣୁ ଓ କ୍ଷୁଦ୍ର ସଂସ୍ଥାଗୁଡ଼ିକୁ ସହଜରେ ଋଣ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ। ଦେଶର ବିଭିନ୍ନ ସ୍ଥାନରେ ପ୍ରାୟ ୮୦୦୦ ଶାଖା ଚିହ୍ନଟ କରାଯାଉଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି ଯେ, ଏଭଳି ପଦକ୍ଷେପ ଦ୍ୱାରା ବିଭିନ୍ନ ବ୍ୟାଙ୍କ ସେବା ସବୁବର୍ଗର ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ସରକାରଙ୍କ ବିଭିନ୍ନ ସୁବିଧା ଓ କାର୍ଯ୍ୟକ୍ରମକୁ ମଧ୍ୟ ଏହା ଜରିଆରେ ଲୋକଙ୍କ ନିକଟକୁ ନେବା ପାଇଁ ଏହା ବେଶ ସହାୟକ ହେବ।

## ରିଲାଏନ୍ସ ରିଟେଲରେ ନିବେଶ କରିବ ସିଲ୍‌ଭରଲେକ୍

**ନୂଆଦିଲ୍ଲୀ,୨୬।୯:** ବିଶ୍ୱର ପ୍ରମୁଖ ପୁଞ୍ଜିନିବେଶକାରୀ କମ୍ପାନୀ ସିଲ୍‌ଭରଲେକ ଶନିବାର ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍‌ରେ ପ୍ରାୟ ୭,୫୦୦ କୋଟି ଟଙ୍କା ନିବେଶ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି ,ସିଲ୍‌ଭରଲେକର ଏହି ନିବେଶ ଦ୍ୱାରା କମ୍ପାନୀ ଲାଗି ବେଶ୍ ଲାଭଦାୟକ ହେବ। ବଜାରରେ ସ୍ଥିତି ଦୃଢ଼ କରିବା ଦିଗରେ ଏହା ସହାୟକ ହେବ। ସେହିଭଳି କମ୍ପାନୀର ରିଟେଲ ବ୍ୟବସ୍ଥାକୁ ଏହା ଆଗକୁ ବଢ଼ାଇବା ଲାଗି କାର୍ଯ୍ୟ କରିବ ବୋଲି ଅମ୍ବାନୀ ସ୍ପଷ୍ଟ କରିଛନ୍ତି। ଏହି ନିବେଶ ବଳରେ ସିଲ୍‌ଭରଲେକ ପ୍ରାୟ ୧.୭୫% ଇକ୍ୱିଟି ଅଂଶଧନ ହାସଲ କରିବ। ଏହି କମ୍ପାନୀ ଚଳିତ ବର୍ଷ ରିଲାଏନ୍ସର ଜିଓ ପ୍ଲାଟ୍‌ଫର୍ମସରେ ୧୦,୨୦୨.୫୫ କୋଟି ଟଙ୍କା ନିବେଶ କରିଥିଲା।

# ଆଇଏମ୍‌ଏମ୍‌ଟି ପକ୍ଷରୁ ସିଏସ୍‌ଆଇଆର୍ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୬।୯**

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ କାଉନସିଲ ଅଫ୍ ସାଇଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର)ର ୭୯ତମ ପ୍ରତିଷ୍ଠା ଦିବସ ଶନିବାର ନୂଆଦିଲ୍ଲୀସ୍ଥିତ ଅନୁସନ୍ଧାନ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇ-ପ୍ଲାଟଫର୍ମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଡ.ହର୍ଷବର୍ଦ୍ଧନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନର ସଫଳତା ଓ ଦାୟିତ୍ୱବୋଧ ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ପକ୍ଷରୁ ଇ-ପୋଷ୍ଟର ପ୍ରତିଯୋଗିତାରେ ୧୯ଜଣ ରିସର୍ଚ୍ଚ ସ୍କଲାର ପ୍ରସ୍ତୁତ କରିଥିବା ରିସର୍ଚ୍ଚ ବାଖ୍ୟାନକୁ ଉପସ୍ଥାପନ କରିଥିଲେ। ସେହିଭଳି କାର୍ଯ୍ୟକ୍ରମର ମଧ୍ୟାହ୍ନ ଅଧିବେଶନରେ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଧାସାତ୍ତ୍ୱ ବାସୁ ସଂସ୍ଥାନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଂଶସା କରିବା ସହ ବିଗତ ୧ ବର୍ଷର କାର୍ଯ୍ୟକ୍ରମ ଓ ସଫଳତା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମିଧାନୀ ହାଇଦ୍ରାବାଦର ସିଏମ୍‌ଡି ଡ. ସଞ୍ଜୟ କୁମାର ଝା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଆଇଏମ୍‌ଏମ୍‌ଟି ସହ ସହଭାଗିତା ଦ୍ୱାରା ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ସଂସ୍ଥାର ବାର୍ଷିକ ହିନ୍ଦୀ ପ୍ରତିକା ଅଭିବ୍ୟକ୍ତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂସ୍ଥାର ବରିଷ୍ଠ ଅଧିକାରୀ ଡଃ ଏ.କେ ସାହୁ, ଡଃ ସତ୍ୟଜିତ ରଥ, ବି.ସି ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

**ଭୁବନେଶ୍ୱର,୨୬।୯:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ନରାକାସ (ବ୍ୟାଙ୍କ)ର ସଦସ୍ୟ ସଚିବ ଆଲୋକ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଥିଲେ, ରାଜଭାଷା ଏପରି ଏକ ଭାଷା, ଏହା ମାଧ୍ୟମରେ ବିଶ୍ୱବାସୀଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ସୃଷ୍ଟି ହୋଇପାରୁଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଶୋଭନ ସେନ୍‌ଗୁପ୍ତା, ଉପକ୍ଷେତ୍ରୀୟ ମୁଖ୍ୟ ତପନ କୁମାର ସାହୁ ଏବଂ ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଶଙ୍କର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହିଥିଲେ। ବର୍ତ୍ତମାନ ସମୟରେ ହିନ୍ଦୀ ଭାଷାର ଉପଯୋଗିତା ତଥା ଆବଶ୍ୟକତା ବିଷୟରେ ବିସ୍ତୃତ ଭାବରେ କ୍ଷେତ୍ର ମହାପ୍ରବନ୍ଧକ ପ୍ରଧାନ ମତ ରଖିଥିଲେ ।

# ବିଳାସପୂର୍ଣ୍ଣ ଜୀବନଠାରୁ ଦୂରରେ ଅଛି

**ନୂଆଦିଲ୍ଲୀ,୨୬।୯**

**ଲଣ୍ଡନ କୋର୍ଟଙ୍କୁ ଅନିଲ ଅମ୍ବାନୀଙ୍କ ଉତ୍ତର**



ବିଳାସପୂର୍ଣ୍ଣ ଜୀବନ ବଞ୍ଚିବାଠାରୁ ବହୁ ଦୂରରେ ରହିଛି। ମୋ ଜୀବନ ଶୃଙ୍ଖଳିତ ଢଙ୍ଗରେ ଚାଲିଛି। ଦିନେ ୪୫ ବିଲିୟନ ଡଲାର ସମ୍ପତ୍ତି ସହ ବିଶ୍ୱର ଶ୍ରେଷ୍ଠ ୧୦ ଧନୀଙ୍କ ମଧ୍ୟରେ ସାମିଲ ଥିବା ଅନିଲ ଅମ୍ବାନୀ ଲଣ୍ଡନ କୋର୍ଟଙ୍କୁ ଏଭଳି ଉତ୍ତର ରଖିଛନ୍ତି। ବର୍ତ୍ତମାନ ତାଙ୍କ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ ଦେବାଳିଆ ହୋଇଯାଇଥିବା ବେଳେ ସେ ବ୍ୟାଙ୍କଗୁଡ଼ିକର କରଜ ଶୁଝିବାକୁ ସକ୍ଷମ ହେଉନାହାନ୍ତି। ଚାଇନା ବ୍ୟାଙ୍କଗୁଡିକର ପ୍ରାୟ ୫ ହଜାର କୋଟି ଟଙ୍କାର ଋଣ ମାମଲା ଏବେ ଲଣ୍ଡନ କୋର୍ଟରେ ଚାଲିଛି। ଏହି ମାମଲାର ଶୁଣାଣି କରୁଥିବା ବିଚାରପତି କହିଥିଲେ ଯେ, ଅନିଲ ବିଳାସପୂର୍ଣ୍ଣ ଜୀବନ ବଞ୍ଚୁଛନ୍ତି। ଶନିବାର ସେ ନ୍ୟାୟାଳୟଙ୍କୁ ଉତ୍ତରରେ ଏଭଳି କହିଥିବା ଜଣାପଡିଛି।

ଭିଡିଓଲିଙ୍କ ଯୋଗେ ଅନିଲ ଶୁଣାଣିରେ ଯୋଗ ଦେଇଥିଲେ। ତାଙ୍କ ନେଟ୍‌ୱର୍ଥ ଜିରୋ ବୋଲି ସେ ପୂର୍ବରୁ କହିଥିଲେ। ଅନିଲ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କର ସାନଭାଇ। ଓକିଲ ଫି' ଦେବା ତାଙ୍କ ଲାଗି ବର୍ତ୍ତମାନ କଷ୍ଟକର ହେଉଛି। ଗହଣା ବିକି ଓକିଲଙ୍କ ଫି' ଦେଇଥିବା ଅନିଲ କହିଛନ୍ତି। ଆୟ ସମ୍ପୂର୍ଣ୍ଣ ଶୂନ ରହିଛି। ତାଙ୍କ ଖର୍ଚ୍ଚ ତାଙ୍କ ପରିବାର ଲୋକେ ଉଠାଉଛନ୍ତି। ବ୍ୟକ୍ତିଗତ ଆକାଉଣ୍ଟରେ ମାତ୍ର ୨୧ଲକ୍ଷ ଟଙ୍କା ପଡିଥିବା ସେ ସ୍ପଷ୍ଟ କରିଛନ୍ତି। ପାଖରେ ଗୋଟିଏ ମାତ୍ର କାର ରହିଛି। ତାଙ୍କ ମା'ଙ୍କର ଅନୀଲଙ୍କ ଉପରେ ୫୦୦ କୋଟି ଏବଂ ପୁଅର ୩୦୦ କୋଟି ଋଣ ରହିଥିବା ମଧ ସେ କହିଛନ୍ତି। ଅନୀଲଙ୍କ ବଡ଼ଭାଇ ମୁକେଶ ଅମ୍ବାନୀ ବିଶ୍ୱର ଶ୍ରେଷ୍ଠ ୧୦ଧନୀଙ୍କ ମଧ୍ୟରେ ରହିଛନ୍ତି। ରିଲାଏନ୍ସ ଗ୍ରୁପ୍ ପ୍ରତିଷ୍ଠାତା ଧୀରୁ ଭାଇ ଅମ୍ବାନୀଙ୍କ ମୃତ୍ୟୁ ପରେ ତାଙ୍କ ୨ ପୁଅ ଅନିଲ ଏବଂ ମୁକେଶଙ୍କ ମଧ୍ୟରେ ସମ୍ପତ୍ତି ବିବାଦ ଆରମ୍ଭ ହୋଇଥିଲା। ୨୦୦୫ରେ ସମ୍ପତ୍ତି ଭାଗବଣ୍ଟା ହୋଇଯାଇଥିଲା। ୨୦୦୭ରେ ଅନିଲଙ୍କର ମୋଟ ସମ୍ପତ୍ତି ୪୫ ହଜାର କୋଟି ଟଙ୍କା ରହିଥିଲା।

**ପ୍ରଥମ ପୃଷ୍ଠାରୁ...**

## ନଡ୍ଡାଙ୍କ ନୂଆ ଟିମ୍...

ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର କ୍ୟାବିନେଟ୍ ସମ୍ପ୍ରସାରଣ ସମ୍ଭାବନା ରହିଛି। ତେଣୁ ନୂଆ ଟିମ୍‌ରେ ନ ଥିବା ଏବଂ ସାଙ୍ଗଠନିକ ଦାୟିତ୍ୱରୁ ବାଦ୍ ପଡ଼ିଥିବା କେତେଜଣ ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି।

ନଡ୍ଡାଙ୍କ ନୂଆ ଟିମ୍‌ରେ ୧୨ ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ୮ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ୧୩ ରାଷ୍ଟ୍ରୀୟ ସମ୍ପାଦକ, ୨୩ ରାଷ୍ଟ୍ରୀୟ ପ୍ରବକ୍ତା ପ୍ରମୁଖ ରହିଛନ୍ତି। ଏଥିରେ ଓଡ଼ିଶାର ୪ ନେତା ରହିଛନ୍ତି। ବୈଜୟନ୍ତ ପଣ୍ଡାଙ୍କ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଦ ବଜାୟ ରହିଥିବାବେଳେ ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ପ୍ରଥମ କରି ହୋଇଛନ୍ତି ରାଷ୍ଟ୍ରୀୟ ସମ୍ପାଦକ। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ସମ୍ବିତ ପାତ୍ରଙ୍କୁ ରାଷ୍ଟ୍ରୀୟ ପ୍ରବକ୍ତା ଦାୟିତ୍ୱ ଦିଆଯାଇଛି।

ପ୍ରମୁଖ ପରିବର୍ତ୍ତନ ମଧ୍ୟରେ କର୍ଣାଟକର ଯୁବ ଏମ୍‌ପି ତେଜସ୍ୱୀ ସୂର୍ଯ୍ୟଙ୍କୁ ଦଳର ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ପୁନମ୍ ମହାଜନ ପୂର୍ବରୁ ଏହି ଦାୟିତ୍ୱ ତୁଲାଉଥିଲେ। ରାଷ୍ଟ୍ରୀୟ ପ୍ରବକ୍ତା ସଂଖ୍ୟା ୨୩କୁ ବୃଦ୍ଧି କରାଯାଇଥିବାବେଳେ ଏମ୍‌ପି ଅନିଲ ବଲୁନିଙ୍କ ମିଡିଆ ପ୍ରଭାରୀ ଦାୟିତ୍ୱ ବଜାୟ ରଖାଯିବା ସହ ତାଙ୍କୁ ମୁଖ୍ୟ ପ୍ରବକ୍ତା କରାଯାଇଛି।

ଏମ୍‌ପି ଭୂପେନ୍ଦ୍ର ଯାଦବ, ଏମ୍‌ପି ଅରୁଣ ସିଂ ଓ କୈଳାସ ବିଜୟଭର୍ଗୀୟ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପଦବୀରେ ବଜାୟ ରହିଥିବାବେଳେ ୫ ନୂଆମୁହଁକୁ ଏହି ବଡ଼ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ରାଜ୍ୟ ସଭା ସଦସ୍ୟ ଦିଲ୍ଲୀର ଦୁଷ୍ୟନ୍ତ କୁମାର ଗୌତମ, ଆନ୍ଧ୍ରପ୍ରଦେଶର ଡି. ପୁରନ୍ଦେଶ୍ୱରୀ, କର୍ନାଟକର ବିଧାୟକ ସି.ଟି. ରବି, ପଞ୍ଜାବର ତରୁଣ ଚୁଗ, ଆସାମର ଏମ୍‌ପି ଦିଲୀପ ସାଇକିଆ। ଦୁଷ୍ୟନ୍ତ କୁମାର ଗୌତମ ଏହା ପୂର୍ବରୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଥିଲେ।

ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତାଲିକାରେ ଅନେକ ଯୋଗ ଓ ବିୟୋଗ କରାଯାଇଛି। ଝାଡ଼ଖଣ୍ଡ, ଛତିଶଗଡ଼, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଯଥାକ୍ରମେ ରଘୁବର ଦାସ, ରମଣ ସିଂ ଏବଂ ବସୁନ୍ଧରା ରାଜେଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ, ଏମ୍‌ପି ରେଖା ବର୍ମା, ଅନ୍ନପୂର୍ଣ୍ଣା ଦେବୀ, ଭାରତୀ ବେନ ଶିୟାଲ, ପଶ୍ଚିମବଙ୍ଗର ମୁକୁଲ ରୟ, ତେଲଙ୍ଗାନାର ଡି.କେ. ଅରୁଣା, ନାଗାଲାଣ୍ଡର ଏମ୍ ଚୁବା ଏଓ, ବୈଜୟନ୍ତ ପଣ୍ଡା ଏବଂ କେରଳର ଅବଦୁଲ୍ଲା କୁଟ୍ଟିଙ୍କୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ବରିଷ୍ଠ ନେତ୍ରୀ ଉମା ଭାରତୀ, ପ୍ରଭାତ ଝା, ଓ.ପି. ମାଥୁର, ରେଣୁ ଦେବୀ, ବିନୟ ସହସ୍ରବୁଦ୍ଧେ, ଅବିନାଶ ରାୟ ଖାନ୍ନା ଏବଂ ଶ୍ୟାମ୍ ଜାଜୁଙ୍କୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଦବୀରୁ ଅବ୍ୟାହତି ଦିଆଯାଇଛି।

ପୂର୍ବପରି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ(ସଂଗଠନ) ଦାୟିତ୍ୱ ବି.ଏଲ୍. ସନ୍ତୋଷ ଏବଂ ରାଷ୍ଟ୍ରୀୟ ସାଧାରଣ ସହ ସମ୍ପାଦକ(ସଂଗଠନ) ଦାୟିତ୍ୱ ଭି. ସତୀଶ, ସୌଦାନ ସିଂ ଏବଂ ଶିବ ପ୍ରକାଶଙ୍କୁ ଦିଆଯାଇଛି। ଅନ୍ୟପକ୍ଷରେ ପୀୟୂଷ ଗୋୟଲ ମନ୍ତ୍ରୀ ହେବା ପରେ ୨୦୧୪ରୁ କୋଷାଧ୍ୟକ୍ଷ ପଦବୀ ଖାଲି ରହିଥିଲା। ଏହି ପଦବୀରେ ଦଳ ରାଜେଶ ଅଗ୍ରୱାଲଙ୍କୁ ଅବସ୍ଥାପିତ କରିଥିବାବେଳେ ଏମ୍‌ପି ସୁଧୀର ଗୁପ୍ତାଙ୍କୁ ସହ-କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଅନ୍ୟ ଦଳୀୟ ନିଯୁକ୍ତି ମଧ୍ୟରେ କେ. ଲକ୍ଷ୍ମଣଙ୍କୁ ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ, ଏମ୍‌ପି ରାଜକୁମାର ଚହରଙ୍କୁ କିଷାନ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ, ଲାଲସିଂ ଆର୍ଯ୍ୟଙ୍କୁ ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ, ଏମ୍‌ପି ସମୀର ଓରାନଙ୍କୁ ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ, ମହାରାଷ୍ଟ୍ରର ଜମାଲ ସିଦ୍ଦିକ୍‌ଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି।

ପ୍ରଧାନମନ୍ତ୍ରୀନରେନ୍ଦ୍ରମୋଦିଟୁଇଟ୍‌କରିନୂଆଟିମ୍‌କୁଅଭିନନ୍ଦନଜଣାଇଛନ୍ତି।ମୋଦିଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, 'ମୁଁ ନିଶ୍ଚିତ ଯେ, ସେମାନେ ଆମ ପାର୍ଟିର ଗୌରବମୟ ପରମ୍ପରାକୁ ପାଳନ କରି ନିଃସ୍ୱାର୍ଥପର ଏବଂ ଉତ୍ସର୍ଗୀକୃତ ଭାବେ ଭାରତର ଲୋକଙ୍କ ସେବା କରିବେ। ସେମାନେ ଗରିବ ଏବଂ ଅବହେଳିତ ଲୋକଙ୍କୁ ସଶକ୍ତ କରିବା ପାଇଁ କଠିନ ପରିଶ୍ରମ କରନ୍ତୁ।'

## ଦୀପିକା, ଶ୍ରଦ୍ଧା,ସାରାଙ୍କୁ ...

ସହ ତାଙ୍କ ମ୍ୟାନେଜର କରିସ୍ମା ପ୍ରକାଶଙ୍କୁ ଦ୍ୱିତୀୟ ଦିନ ପାଇଁ ମଧ୍ୟ ଜେରା କରାଯାଇଛି। ଶୁକ୍ରବାର ଦୀପିକାଙ୍କ ମ୍ୟାନେଜର କରିସ୍ମା ପ୍ରକାଶ ଏବଂ ଅଭିନେତ୍ରୀ ରାକୁଲ୍ ପ୍ରୀତ ସିଂଙ୍କୁ ଏନ୍‌ସିବି ଜେରା କରିଥିଲା, ଯେଉଁଥିରେ ଗଞ୍ଜେଇ ସେବନ ସମ୍ପର୍କରେ ଉଲ୍ଲେଖ ରହିଥିଲା। କରିସ୍ମାଙ୍କୁ ଦୀର୍ଘ ୪ଘଣ୍ଟା ଧରି ଏନ୍‌ସିବି ଜେରା କରିଥିଲା।

ଅପରପକ୍ଷରେ ଶନିବାର ଧର୍ମା ପ୍ରଡକ୍ସନର ନିର୍ଦ୍ଦେଶକ କ୍ଷୀତିଜ୍ ରବି ପ୍ରସାଦଙ୍କୁ ଏନ୍‌ସିବି ଗିରଫ କରିଛି। ୨ଦିନ ଜେରା ପରେ କ୍ଷୀତିଜଙ୍କୁ ଏନ୍‌ସିବି ଗିରଫ କରିଛି। ଏନ୍‌ସିବି କ୍ଷୀତିଜଙ୍କ ଘରେ ଚଢ଼ାଉ ବେଳେ ଗଞ୍ଜେଇ ଜବତ କରିଥିଲା। ଏପରି କି ପୂର୍ବରୁ ଗିରଫ ଡ୍ରଗ୍ସ ବେପାରୀ ଅନୁଜ କେଶୱାନୀ ଡ୍ରଗ୍ସ ଲିଙ୍କ୍ ନେଇ କ୍ଷୀତିଜଙ୍କ ନାମ ପ୍ରକାଶ କରିଥିଲେ। ସେ ବେପାରୀଙ୍କଠାରୁ ଡ୍ରଗ୍ସ କିଣିବା ସହ ଡ୍ରଗ୍ସ ସେବନ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏପରି କେତେକ ଡ୍ରଗ୍ସ ବେପାରୀଙ୍କ ସହ କ୍ଷୀତିଜ୍‌ଙ୍କ ଫଟୋ ଏନ୍‌ସିବି ହାତରେ ଲାଗିଥିଲା।

ପ୍ରକାଶ ଯେ, ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁର ତଦନ୍ତ ପରେ ଡ୍ରଗ୍ସ ଲିଙ୍କ୍ ଘଟଣା ସାମ୍ନାକୁ ଆସିଥିଲା। ଏଥିରେ ବହୁ କଳାକାରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଏନ୍‌ସିବି ପକ୍ଷରୁ ଜେରାକୁ ଜୋରଦାର କରାଯାଇଛି। ଏହି ଘଟଣାରେ ଏନ୍‌ସିବି ପ୍ରଥମେ ସୁଶାନ୍ତଙ୍କ ବାନ୍ଧବୀ ତଥା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ପଚରାଉଚରା କରିଥିଲା। ଜେରା ସମୟରେ ଡ୍ରଗ୍ସ ଲିଙ୍କ୍ ଘଟଣାରେ ଏକାଧିକ ବଡ଼ବଡ଼ କଳାକାରଙ୍କ ନାମ କହିଥିଲେ। ପରେ ରାକୁଲ ପ୍ରୀତ୍ ସିଂ, ଦୀପିକା ପାଦୁକୋନ, ଶ୍ରଦ୍ଧା କପୁର, ସାରା ଅଲ୍ଲୀ ଖାନ୍, ସିମୋନ ଖୋମ୍ବାଟା ପ୍ରମୁଖଙ୍କୁ ଏନ୍‌ସିବି ସମନ ଜାରି କରିଥିଲା।

## ଖୋର୍ଦ୍ଧା: ଦିନକରେ...

ମରିଥିବାବେଳେ ଖୋର୍ଦ୍ଧାରେ ଏହି ସଂଖ୍ୟା ୧୨୩ରେ ପହଞ୍ଚିଛି। କିନ୍ତୁ ବର୍ତ୍ତମାନର ମୃତ୍ୟୁ ହାରକୁ ଦେଖିଲେ ଖୁବ୍‌ଶୀଘ୍ର ଖୋର୍ଦ୍ଧା ଗଞ୍ଜାମଠୁ ବଳିଯିବ।

ସେହିପରି ଦୈନିକ ସଂକ୍ରମଣରେ କଟକ ଜିଲା ଦ୍ୱିତୀୟ ସ୍ଥାନରେ ରହୁଛି। ଏଠାରୁ ପୁଣି ୪୦୯ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଅନୁଗୋଳ ୧୯୭, ବାଲେଶ୍ୱର ୧୯୪, ନୂଆପଡ଼ା ୧୭୩, ଜଗତ୍‌ସିଂହପୁର ୧୭୧, ପୁରୀ ୧୬୮, ମୟୂରଭଞ୍ଜ ୧୫୩, ଯାଜପୁର ୧୩୬, ଭଦ୍ରକ ୧୨୪, ରାୟଗଡ଼ା ୧୨୧, ଝାରସୁଗୁଡ଼ା ୧୨୦, କେନ୍ଦ୍ରାପଡ଼ା ୧୧୯, ବରଗଡ଼ ୧୦୬ ଓ ସୁନ୍ଦରଗଡ଼ରୁ ୧୦୧ଜଣ ବାହାରିଛନ୍ତି। ଅନ୍ୟସବୁ ଜିଲାରେ ଏହାଠାରୁ କମ୍ ସଂଖ୍ୟକ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ପୁଣି ସର୍ବାଧିକ ୪୭୬୧ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୧,୭୦,୧୯୩ରେ ପହଞ୍ଚିଛି। ଆଜିପର୍ଯ୍ୟନ୍ତ ୩୦,୬୨,୭୧୭ କରୋନା ପରୀକ୍ଷା ହୋଇଥିବାବେଳେ ସେଥିମଧ୍ୟରୁ ୬.୭୧% ପଜିଟିଭ୍ ବାହାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅଣ-ବୃହତ୍ ବନ୍ଦର ଉପରେ ...

ବାଲିହରଚଣ୍ଡୀ, ପାଲୁର, ବାହୁଦା ଏବଂ ଇଞ୍ଚୁଡି ପ୍ରସ୍ତାବିତ ବନ୍ଦର କେବଳ ବିଜ୍ଞପ୍ତିରେ ସୀମିତ ହୋଇ ରହିଯାଇଛି। କେବଳ ସୁବର୍ଣ୍ଣରେଖା ମୁହାଣ ବନ୍ଦର ପାଇଁ ୨୦୦୬ ଡିସେମ୍ବର ୧୮ରେ ଏକ ଘରୋଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଏହି ବନ୍ଦର ପାଇଁ ୨୬୨.୬୮୯ ଏକର ଜମି ଅଧିଗ୍ରହଣ ହୋଇଥିଲା। ଦୀର୍ଘ ୧୪ ବର୍ଷ ପରେ ମଧ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଚୂଡାମଣି ବନ୍ଦର ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ ୨୦୦୧ ଅକ୍ଟୋବର ୨୨ ତାରିଖରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ତେବେ ପରବର୍ତ୍ତୀ ସମୟରେ ଏଥିରୁ ଓହରି ଯାଇଛି। ଧାମରା ବନ୍ଦର ପାଇଁ ଇଣ୍ଟରନ୍ୟାଶନାଲ ସି ପୋର୍ଟ ୧୯୯୭ରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବା ପରେ ଏହି ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ଅସ୍ତରଙ୍ଗ ବନ୍ଦର ବିକାଶ ପାଇଁ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ସହ ୨୦୧୦ରେ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇପାରୁନାହିଁ।ନିକଟରେ ବାଣିଜ୍ୟ ଓ ପରିବହନ ବିଭାଗ ସୁବର୍ଣ୍ଣରେଖା ମୁହାଣ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଟାଟା କମ୍ପାନୀ ଏବଂ ମହାକାଳପଡା ଠାରେ ନିର୍ମାଣ ହେବାକୁ ଥିବା ନଦୀଭିତ୍ତିକ ବନ୍ଦର ବୁଝାମଣା ପତ୍ର ସ୍ୱାକ୍ଷର ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି)କୁ ଚିଠି ଲେଖିଛି। ତେବେ ଏ ନେଇ କୌଣସି ଅଗ୍ରଗତି ହୋଇ ନାହିଁ।

## ଅର୍ଥନୀତିଜ୍ଞ ଈଶରଙ୍କ ...

ରିଲେଶନ୍ସ (ଆଇସିଆର୍‌ଆଇଇଆର୍)ର ନିର୍ଦ୍ଦେଶକ ଥିଲେ। ପରେ ସେ ୧୫ ବର୍ଷ ଧରି ଏହାର ଅଧ୍ୟକ୍ଷ ରହିଆସିଥିଲେ। ଏହି ଗବେଷଣା ସଂସ୍ଥାକୁ ସେ ଅନ୍ତର୍ଜାତୀୟ ସ୍ତରର ଥିଙ୍କ୍ ଟ୍ୟାଙ୍କରେ ପରିଣତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମାସେ ତଳେ ଏହାର ଅଧ୍ୟକ୍ଷ ପଦରୁ ଓହରିଯାଇଥିଲେ। ଈଶର ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ପରେ ଭାରତ ଫେରିଆସି ସେ ଦୁଇଟି ପୁସ୍ତକ-'ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ୍ ଇନ୍ ଇଣ୍ଡିଆ: ଷ୍ଟାଗ୍‌ନେଶନ ସିନ୍‌ସ ଦି ମିଡ୍-ସିକ୍ସଟିଜ୍' ଏବଂ 'ପ୍ରଡକ୍ଟିଭିଟି ଆଣ୍ଡ ଗ୍ରୋଥ୍ ଇନ୍ ଇଣ୍ଡିଆନ୍ ମାନ୍ୟୁଫାକ୍ଚରିଂ' ରଚନା କରିଥିଲେ। ସେ ମଧ ସେଣ୍ଟର ଫର୍ ପଲିସି ରିସର୍ଚ୍ଚରେ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଗତ ମାସ ତାଙ୍କ ଶେଷ ପୁସ୍ତକ 'ବ୍ରେକିଂ ଥ୍ରୋ: ଏ ମେମୋର୍ ବାଇ ଈଶର ଜଜ୍ ଆହଲୁୱାଲିଆ' ପ୍ରକାଶ ପାଇଥିଲା।

ଈଶର ପଶ୍ଚିମବଙ୍ଗର ଶ୍ରୀ ଶିକ୍ଷାୟତନ ବିଦ୍ୟାଳୟରୁ ବୋର୍ଡ ପରୀକ୍ଷାରେ ରାଜ୍ୟରେ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। କୋଲକାତାର ପ୍ରେସିଡେନ୍ସି କଲେଜରେ ଅର୍ଥନୀତି ବିଷୟରେ ପଢ଼ିବା ବେଳେ ସେ ୩୫ ଟଙ୍କାର ମେଧାବୃତ୍ତି ପାଇଥିଲେ, ଯାହା ତାଙ୍କୁ କଲେଜ ଫିଜ୍ ଓ ଘରୁ କଲେଜ ଯାଏ ଟ୍ରାମ୍‌ରେ ଯାତାୟାତ କରିବାରେ ସାହାଯ୍ୟ କରିଥିଲା। ଏହା ପରେ ସେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିରୁ ଫେଲୋଶିପ୍ ହାସଲ କରିବା ତାଙ୍କ କ୍ୟାରିୟରକୁ ଅଧିକ ଉଜ୍ଜ୍ୱଳ କରିଦେଇଥିଲା। ତାଙ୍କ ଗବେଷଣା ବିଶେଷକରି ଗ୍ରାମୀଣ ବିକାଶ, ମାକ୍ରୋ ଇକୋନମିକ୍ ରିଫର୍ମସ, ଶିଳ୍ପ ସମ୍ବନ୍ଧୀୟ ବିକାଶ ଏବଂ ଭାରତରେ ସାମାଜିକ କ୍ଷେତ୍ରରେ ଉପୁଜୁଥିବା ପ୍ରସଙ୍ଗ ଉପରେ କେନ୍ଦ୍ରିତ ଥିଲା।

## 'ଜାତିସଂଘରେ ଭାରତର ...

ମଧ ଭାରତରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କରୋନାର ଏଭଳି ବିକଳ ସ୍ଥିତିରେ ବିଭିନ୍ନ ଦେଶ ପକ୍ଷରୁ ଟିକା ପ୍ରସ୍ତୁତି ଚାଲିଥିବାବେଳେ ଜାତିସଂଘର ଭୂମିକା ସେଭଳି ନ ଥିବା ମୋଦି କହିଥିଲେ। ପରିସ୍ଥିତିରେ ପରିବର୍ତ୍ତନ ଅଣାଯିବା ଲାଗି ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ଭାରତର ଲୋକମାନେ ଜାତିସଂଘରେ ସୁଧାର ଲାଗି ଅପେକ୍ଷା କରି ରହିଥିବା ମୋଦି କହିଥିଲେ। ଜାତିସଂଘ ସାଧାରଣ ପରିଷଦରେ ମୋଦି ପାକିସ୍ତାନକୁ ତୀବ୍ର ସମାଲୋଚନା କରିବା ସହ ଏହି ଦେଶ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ବିଶ୍ୱକୁ ଭ୍ରମିତ କରୁଛି ବୋଲି କହିଥିଲେ। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମନ୍ତବ୍ୟକୁ ନେଇ ମୋଦି ବର୍ଷିଥିଲେ। ପାକ୍ ସମର୍ଥିତ ଆତଙ୍କବାଦ ବିଶ୍ୱ ସୁରକ୍ଷା ଲାଗି ବଡ଼ ବିପଦ ପାଲଟିଛି। କଶ୍ମୀରକୁ ନେଇ ପାକିସ୍ତାନ ବିଭିନ୍ନ ମିଥ୍ୟା ପ୍ରଚାର ଚଳାଇବା ସହ ଭାରତକୁ ଦୋଷ ଦେଇ ଆସୁଥିବା ସେ କହିଛନ୍ତି। ଭାରତ ଏକ ଶାନ୍ତିପ୍ରିୟ ଦେଶ ଓ ଜାତିସଂଘ ଶାନ୍ତି ମିଶନରେ ଭାରତର ସର୍ବାଧିକ ଯବାନ ପ୍ରାଣବଳି ଦେଇଥିବା ମୋଦି ପ୍ରକାଶ କରିଛନ୍ତି।

ମାନବବାଦର ବିରୁଦ୍ଧାଚରଣ କରୁଥିବା ଆତଙ୍କବାଦ, ନିଶା କାରବାର, ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ, ମନିଲଣ୍ଡରିଂ ମାମଲା ଆଦିକୁ ଭାରତ ପୂର୍ବଭଳି ବିରୋଧ କରିଆସୁଛି। ବିଶ୍ୱରେ ଶାନ୍ତିରକ୍ଷା ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେବେ ଏଥିଲାଗି ଜାତିସଂଘରେ ସଂସ୍କାର ଅଣାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ମୋଦି ଉଦ୍‌ବୋଧନରେ କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**G-TEL TOWER COMPANY**
ଦ୍ୱାରା ଓଡ଼ିଶାରେ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନମାନଙ୍କରେ 4G/5Gର Digital Mobile Network ଲଗାନ୍ତୁ।
ADVANCE - 90 LAKH
ଭଡ଼ା: ୯୦,୦୦୦/- ମାସିକ
20 years Agreement
ତିନି ଦିନରେ ଫଳାଫଳ ପାଆନ୍ତୁ। ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
7055041635
7599842119

**ଋଣ ହିଁ ଋଣ ପାଆନ୍ତୁ**
ମାର୍କଶିଟ୍ | ପ୍ରପର୍ଟି | ବ୍ୟବସାୟ | ପର୍ସନାଲ | ସମସ୍ତ ଋଣ
0% ସୁଧ 40% ସବ୍‌ସିଡି
ରୁଚିତା :- 7649061623
ପୂଜା :- 7587660596
ପାୟଲ:- 7772806247

**MICRO FINANCE LIMITED**
ଆଧାରକାର୍ଡ, ସାର୍ଟିଫିକେଟ୍, ରାଶନକାର୍ଡ, ପର୍ସନାଲ, ବ୍ୟବସାୟ, ଏଗ୍ରିକଲ୍ଚର, ମାଛଚାଷ, ସମସ୍ତ ଋଣ
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
1% ସୁଧ, 50% ରିହାତି
ହେଲ୍‌ପଲାଇନ୍
09709055823
09709055823

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ**
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୂଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନନ୍ଦନକାନନ: ସିଂହ ସୁପ୍ରିୟା ଗୁରୁତର

ବାରଙ୍ଗ,(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନର ସିଂହ ସଫାରିର ଶନିବାର ସୁପ୍ରିୟା ଗୁରୁତର ହୋଇଛି। ଗତ କିଛିଦିନ ହେବ ଏହି ସିଂହଟି ଅସୁସ୍ଥ ରହିବା ସହ ରୁଗ୍ଣ ହୋଇପଡୁଥିବା କର୍ମଚାରୀମାନେ ଦେଖିଥିଲେ। ଏହାସହ ଖାଇବା ମଧ ଧୀରେ ଧୀରେ କମାଇଥିବାର ଜଣାପଡିଛି। ସୁପ୍ରିୟାକୁ ଏବେ ୨୬ବର୍ଷ ହୋଇଥିବାବେଳେ ବାର୍ଦ୍ଧକ୍ୟଜନିତ କଷ୍ଟକୁ ହେଉଥିବା ଲକ୍ଷ୍ୟ କରାଯାଇଛି। ଏହାପରେ ନନ୍ଦନକାନନ ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିବା ସହ ସାଲାଇନ୍ ଲଗାଇଛନ୍ତି। ସିଂହ ସଫାରିର ଫିଡିଂ ଚାମ୍ବରରେ ସୁପ୍ରିୟାର ଚିକିତ୍ସା ଆରମ୍ଭ ହୋଇଥିବାବେଳେ ଏବେ ନନ୍ଦନକାନନରେ ସିଂହ ସଂଖ୍ୟା ୧୫ ରହିଥିବା ଜଣାପଡିଛି।

10th Birthday Wish

Roop Ratan Banerjee
D/o- Ratan Banerjee & Monika Banerjee
Wishing you a very Happy Birthday. May all your dreams come true.
-:Best Wishes From:-
Maa, Manju, Goonmama, Dadu, Rimpi, Mimi & Tuktuk.
D-59873

# ଓଡ଼ିଶା ପର୍ଯ୍ୟଟନକୁ ନେଇ ନୂଆ ଆଶା

୪୮୦ କି.ମି.ର ବିସ୍ତୀର୍ଣ୍ଣ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଆମ ପରିବେଶ ପର୍ଯ୍ୟଟନ କ୍ଷେତ୍ର। ମାଳମାଳ ମନ୍ଦିରକୁ ନେଇ ଐତିହ୍ୟର ଗନ୍ତାଘର ପାଲଟିଛି ଓଡ଼ିଶାର ମାଟି। ଐତିହ୍ୟ, କୀର୍ତ୍ତିରାଜି, କଳାକୃତି, ବନ୍ୟଜନ୍ତୁ, ପରିବେଶ ଓ ପ୍ରାକୃତିକ ସମ୍ପଦ, ସବୁକ୍ଷେତ୍ରରେ ଓଡ଼ିଶାର ସ୍ଥାନ ରହିଛି ବହୁ ଆଗରେ। ଏଥିସହ ଆଦିବାସୀ ପରମ୍ପରା ଏବଂ ହସ୍ତତନ୍ତ ଓ ହସ୍ତଶିଳ୍ପ ପର୍ଯ୍ୟଟନ ରାଜ୍ୟକୁ ଦେଇଛି ଏକ ନୂଆ ପରିଚୟ। ନୂଆ ପିଢ଼ିର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶା ପର୍ଯ୍ୟଟନ ସହ ଯୋଡ଼ିହୋଇଛି କ୍ରୀଡା ପର୍ଯ୍ୟଟନ, ଆଡ୍‌ଭେଞ୍ଚର ଓ ୱାଟର୍ ସ୍ପୋର୍ଟ୍ସ, ଇକୋ ବା ପରିବେଶ ପର୍ଯ୍ୟଟନ। ଏସବୁ ଭିତରେ ବନ୍ୟା, ବାତ୍ୟା ଓ ବର୍ତ୍ତମାନର କରୋନା ମହାମାରୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ପର୍ଯ୍ୟଟନ ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲେ ମଧ୍ୟ ହାର୍ ମାନିନି ରାଜ୍ୟ ପର୍ଯ୍ୟଟନ ବିଭାଗ। ଆଜି 'ବିଶ୍ୱ ପରିବେଶ ଦିବସ' କିଛି ନୂଆ ସ୍ୱପ୍ନ, ସଂକଳ୍ପ, ଆଉ ନୂଆ ଯୋଜନାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଶନିବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା ।

### 'ଓଡ଼ିଶା ବାଇ ରୋଡ୍' ଉଦ୍‌ଘାଟନ ଆଜି

କରୋନା ଯୋଗୁ ଗତ ମାର୍ଚ୍ଚରୁ ଜୁନ୍ ରାଜ୍ୟ ପର୍ଯ୍ୟଟନ ପାଇଁ 'ଜିରୋ ଆକ୍ଟିଭିଟି' ପିରିୟଡ୍ ଥିଲା। ଏହି ସମୟରେ ପୋଷ୍ଟ ଲକ୍‌ଡାଉନ୍ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲା ପର୍ଯ୍ୟଟନ ବିଭାଗ। ମହାମାରୀ ସଂକଟ ଭିତରେ କିଭଳି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିହେବ ସେଥିଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାସହ ପର୍ଯ୍ୟାୟକ୍ରମେ ତାହାକୁ ଲାଗୁ କରିବାକୁ ଲକ୍ଷ୍ୟ ରଖିଛି। 'ଓଡ଼ିଶା ବାଇ ରୋଡ୍', 'ରୋଡ୍ ଟ୍ରିପ୍ ଟୁ ଆଣ୍ଡ୍ ଥ୍ରୁ ଓଡ଼ିଶା' ଏବଂ 'ବଣଭୋଜି' ଭଳି ନୂତନ କ୍ୟାମ୍ପେନ୍ ଓ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିବା ନେଇ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ କହିଛନ୍ତି। ଆଞ୍ଚଳିକ ପର୍ଯ୍ୟଟନର ବିକାଶକୁ ଏଥିରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଆଜି 'ଓଡ଼ିଶା ବାଇ ରୋଡ୍' କ୍ୟାମ୍ପେନ୍ ଉଦ୍‌ଘାଟନ ହେବ ଓ ଏଥିରେ ପର୍ଯ୍ୟଟକଙ୍କ ପାଇଁ ୭ଟି ଭିନ୍ନ ଭିନ୍ନ ପ୍ୟାକେଜ୍ ରହିଛି। ଏହା ମାଧ୍ୟମରେ ପର୍ଯ୍ୟଟକମାନେ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ରୋଡ୍ ଟ୍ରିପ୍ ମାଧ୍ୟମରେ ଉପଭୋଗ କରିପାରିବେ। ବିଚ୍, ହିଲ୍ ଷ୍ଟେଶନ, ଜଙ୍ଗଲ, ଆଦିବାସୀ ଗ୍ରାମ ଓ ଚାଲିଚଳଣି, ଜଳପ୍ରପାତ ଏବଂ ସହର, ସବୁକିଛିର ଅନୁଭୂତି ପାଇପାରିବେ। ସେହିଭଳି ଓଡ଼ିଶାର ପାରମ୍ପରିକ ଖାଦ୍ୟର ମଜାନେବା ସହ ଉତ୍କୃଷ୍ଟ ହସ୍ତଶିଳ୍ପ ଓ ହସ୍ତତନ୍ତ, ଐତିହାସିକ ସ୍ଥଳୀ, ବନ୍ୟଜନ୍ତୁ ଆଦିକୁ ନିକଟରୁ ଦେଖିପାରିବେ ବୋଲି ସଚିବ କହିଛନ୍ତି।




### ଧାର୍ମିକ ପର୍ଯ୍ୟଟନକୁ ନୂଆ ପରିଚୟ

ମନ୍ଦିର ଓ ଧାର୍ମିକସ୍ଥଳ ପାଇଁ ବିଶ୍ୱ ଦରବାରରେ ଓଡ଼ିଶାର ଖ୍ୟାତି ରହିଛି। ହେଲେ ବିଭିନ୍ନ ଅବ୍ୟବସ୍ଥା ଓ ଭିତ୍ତିଭୂମି ବିକାଶ ଅଭାବରୁ ଏସବୁ ପର୍ଯ୍ୟଟନ ମାନଚିତ୍ରରେ ଉଚିତ ସ୍ଥାନ ପାଇପାରୁ ନ ଥିଲା। ନିକଟରେ ରାଜ୍ୟ ସରକାରଙ୍କ 'ହେରିଟେଜ୍ କରିଡର୍' ବିକାଶ ଯୋଜନା ମାଧ୍ୟମରେ ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର ନୂଆ ରୂପ ପାଇଛି। ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ଶ୍ରଦ୍ଧାଳୁଙ୍କ ଯାତାୟାତକୁ ବ୍ୟବସ୍ଥିତ କରାଯାଇଛି। ଏହାସହ କୋଣାର୍କ ସୂର୍ଯ୍ୟମନ୍ଦିରର ମଧ୍ୟ ଉନ୍ନତୀକରଣ କରାଯିବ। ଏହାଦ୍ୱାରା ରାଜ୍ୟର ଧାର୍ମିକ ପର୍ଯ୍ୟଟନସ୍ଥଳକୁ ନୂଆ ପରିଚୟ ମିଳିବା ସହ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ ବୋଲି କୁହାଯାଇଛି।

### 'ବ୍ଲୁ ଫ୍ଲାଗ୍' ଷ୍ଟାଣ୍ଡାର୍ଡର ହେବ ଆଉ ୧୦ ବିଚ୍

ପୁରୀର ସ୍ୱର୍ଣ୍ଣିମ ବେଳାଭୂମି ବ୍ଲୁଫ୍ଲାଗ୍ ମାନ୍ୟତା ସହ ବିଶ୍ୱସ୍ତରୀୟ ବିଚ୍‌ର ରୂପ ପାଇଛି। ବିଚ୍ ସାକ୍ ସହ କ୍ୟାଫେଟେରିଆ, ସ୍ୱତନ୍ତ୍ର ବାଥିଂ ଜୋନ୍, ଅତ୍ୟାଧୁନିକ ଶୌଚାଳୟ, ପାନୀୟ ଜଳ ଓ ପାର୍କିଂ ସୁବିଧା ଆଦି ରହିଛି। ଖୁବ୍‌ଶୀଘ୍ର ଏଠାରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଏବଂ ସି-ଫୁଡ୍‌କୁ ନେଇ ଏକ ସ୍ୱତନ୍ତ୍ର କ୍ୟାଫେଟେରିଆ କରାଯିବ ବୋଲି ଏହାର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ପିଲାଙ୍କ ଖେଳିବା ପାଇଁ ଏକ ପ୍ଲେ ଜୋନ୍ ମଧ୍ୟ ରହିଛି। ଗୋଆ ବେଳାଭୂମି ଭଳି ପାଲ୍‌ମିରା ପାମ୍ ଟ୍ରି ଏଠାରେ ଶୋଭାପାଉଛି। ଗାନ୍ଧୀ ପାର୍କରେ ହୋଟେଲ ମେ' ଫେୟାର ପର୍ଯ୍ୟନ୍ତ ଲମ୍ବିଥିବା ଏହି ବ୍ଲୁ ଫ୍ଲାଗ୍ ବିଚ୍‌ର ବିକାଶ ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଆଗାମୀ ଦିନରେ ରାଜ୍ୟର ପ୍ରମୁଖ ୧୦ଟି ବିଚ୍‌କୁ ପୁରୀ ବିଚ୍ ଭଳି ବିକଶିତ କରାଯିବ ବୋଲି ପର୍ଯ୍ୟଟନ ସଚିବ ବିଶାଳ ଦେବ କହିଛନ୍ତି। ଏହାମଧ୍ୟରେ ସବୁଠାରୁ ଆଗରେ ତାଳସରି-ଉଦୟପୁର ବିଚ୍ ଓ ଚନ୍ଦ୍ରଭାଗା ବିଚ୍ ରହିଛି।

### ଫୋକସ୍‌ରେ ଶାମୁକା ପ୍ରକଳ୍ପ

ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ପାଇଁ ଗେମ୍‌ଚେଞ୍ଜର ହେବ ଶାମୁକା ବିଚ୍ ପ୍ରକଳ୍ପ। ପୁରୀ ସହରଠାରୁ ୧୦ କିମି ଦୂରରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଏକ ଅନ୍ତର୍ଜାତୀୟ ଆର୍କିଟେକ୍ଟ ସଂସ୍ଥା ଡିଜାଇନ୍ ପ୍ରସ୍ତୁତ କରୁଛି। ପ୍ରାୟ ୪ ହଜାର କୋଟିର ଏହି ପ୍ରକଳ୍ପରେ ପଞ୍ଚ ତାରକା ହୋଟେଲ, ବୁଟିକ୍ ହୋଟେଲ, ସ୍ପା, ୱେଲ୍‌ନେସ୍ ସେଣ୍ଟର, ଏଣ୍ଟରଟେନ୍‌ମେଣ୍ଟ ଜୋନ୍, କନ୍‌ଭେନଶନ ସେଣ୍ଟର ଏବଂ ବିଭିନ୍ନ ପ୍ରକାର କ୍ରୀଡା ଉପଲବ୍ଧ ହେବ। ଶାମୁକାକୁ ରାଜ୍ୟ ସରକାର ଫାଷ୍ଟ୍ରାକ୍‌ରେ ରଖିବେ। ଅନ୍ୟପକ୍ଷରେ ୨୦୨୦-୨୧ରେ ସାକ୍ଷୀଗୋପାଳର ବକୁଳ ବନ ପ୍ରକଳ୍ପକୁ ପ୍ରାଥମିକତା ଦିଆଯିବ ବୋଲି ରାଜ୍ୟ ପର୍ଯ୍ୟଟନ ସଚିବ କହିଛନ୍ତି।



ରିପୋର୍ଟ:
ସସ୍ମିତା ପାଇକରାୟ, ଭୁବନେଶ୍ୱର

### ଓଟିଡିସିର ନୂଆ ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରମୋଟ କରିବାକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଆରମ୍ଭ ହେବ ଏକ ନୂଆ ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'। ଏହା ମାଧ୍ୟମରେ ବିଶେଷକରି ହଜିଯାଉଥିବା ଓଡ଼ିଆ ଖାଦ୍ୟକୁ ଲୋକଲୋଚନକୁ ଆଣିବା ସହ ରାଜ୍ୟ ଓ ଦେଶ ବାହାରର ପର୍ଯ୍ୟଟକଙ୍କ ପାଇଁ ଭିନ୍ନ ଆକର୍ଷଣ ସାଜିବ। ବିଭିନ୍ନ ଜିଲାର ଲୋକପ୍ରିୟ ଖାଦ୍ୟ ମେନ୍ୟୁରେ ରହିବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ପୁରୀ ଓ ସମ୍ବଲପୁରରେ ଏହି 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଖୋଲିବ। ସେହିପରି 'ଫୁଡ୍ ଅନ୍ ହ୍ୱିଲ୍' ମାଧ୍ୟମରେ ଭୁବନେଶ୍ୱର ଓ ପୁରୀରେ ଓଟିଡିସି ପକ୍ଷରୁ ଓଡ଼ିଆ ଖାଦ୍ୟ ପରସାଯିବ। ରବିବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ନୂତନ ଯୋଜନାର ଶୁଭାରମ୍ଭ କରାଯିବ। ଏହି ଉପଲକ୍ଷେ ଏକ ସୁପରବାଇକ୍ ରାଲିର ଆୟୋଜନ କରାଯାଇଛି। ରାଜ୍ୟର ୯ଟି ପ୍ରମୁଖ ସୁପର ବାଇକର୍ ଗ୍ରୁପ୍ ଏଥିରେ ଭାଗନେବେ। ୮୦ଜଣ ସୁପର ବାଇକର୍ ଇନ୍‌ଫୋସିଟି ଛକରୁ ଧଉଳି ଶାନ୍ତିସ୍ତୂପ ପର୍ଯ୍ୟନ୍ତ ପ୍ରାୟ ୨୫ କିମି ଯାତ୍ରା କରି ଏନେଇ ବାର୍ତ୍ତା ଦେବେ। ଚଳିତବର୍ଷ ପର୍ଯ୍ୟଟନ ଦିବସର ଥିମ୍ 'ରୁରାଲ ଟୁରିଜମ୍' ବା 'ଗ୍ରାମୀଣ ପର୍ଯ୍ୟଟନ' ଥିବାବେଳେ ଓଡ଼ିଶାର ଇକୋ-ଟୁରିଜିମ୍ ଗତ ୫ବର୍ଷରେ ହାସଲ କରିଥିବା ସଫଳତା ସଂକ୍ରାନ୍ତରେ ଜଣାଇବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ସେସ୍‌ର ୪୦% ନିର୍ଦ୍ଧାରିତ ପାଣ୍ଠିକୁ ଯାଇନି

### ସିଏଜି ରିପୋର୍ଟ

ନୂଆଦିଲ୍ଲୀ,୨୬।୯:

କେନ୍ଦ୍ର ସରକାର ଗୋଟିଏ କାର୍ଯ୍ୟ ଲାଗି ସେସ୍ ସଂଗ୍ରହ କରି ଅନ୍ୟତ୍ର କିଭଳି ଏହାକୁ ଖର୍ଚ୍ଚ କରିଛନ୍ତି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଶୁକ୍ରବାର ଦେଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ବିଭିନ୍ନ ସେସ୍ ବାବଦକୁ ଆଦାୟ ହୋଇଥିବା ମୋଟ ସେସ୍‌ର ୪୦% ଅର୍ଥ ନିର୍ଦ୍ଧାରିତ ପାଣ୍ଠିକୁ ଯାଇ ନ ଥିବା ଶନିବାର ସିଏଜିଙ୍କ ରିପୋର୍ଟରୁ ସାମ୍ନାକୁ ଆସିଛି। ୨୦୧୮-୧୯ରେ ୩୫ ସେସ୍ ଏବଂ ଅନ୍ୟ ଟିକସ ବାବଦକୁ କେନ୍ଦ୍ର ସରକାର ୨.୭୪ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ଏହି ଅବଧିରେ ମାତ୍ର ୧.୬୪ ଲକ୍ଷ କୋଟି ଟଙ୍କା ନିର୍ଦ୍ଧାରିତ ପାଣ୍ଠିକୁ ପଠାଯାଇଛି। ବଳକା ଅର୍ଥକୁ କେନ୍ଦ୍ର ସରକାର କନ୍‌ସୋଲିଡେଟେଡ୍ ଫଣ୍ଡ ଅଫ୍ ଇଣ୍ଡିଆ(ସିଏଫ୍‌ଆଇ)ରେ ରଖିଥିବା ରିପୋର୍ଟରେ କୁହାଯାଇଛି।

କେନ୍ଦ୍ର ସରକାର ଜିଏସ୍‌ଟି ଆଇନ ଅବମାନନା କରିଥିବା ଶୁକ୍ରବାର ସିଏଜି ରିପୋର୍ଟ ଦେଇଥିଲେ। ଏହାକୁ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ମନ୍ତ୍ରଣାଳୟ କହିଛି, ସ୍ୱଳ୍ପ ସମୟ ପାଇଁ ସେସ୍‌କୁ ଅନ୍ୟ ପାଣ୍ଠିରେ ରଖି ଅନ୍ୟ କାମ ପାଇଁ ବ୍ୟବହାର ହୋଇଥିବା କୁହାଯାଇପାରିବ ନାହିଁ। ୨୦୧୭-୧୮ ଏବଂ ୨୦୧୮-୧୯ରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ବାବଦ ସମ୍ପୂର୍ଣ୍ଣ ଅର୍ଥ କେନ୍ଦ୍ର ସରକାର ପ୍ରଦାନ କରିଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

# ୧୮ ବର୍ଷ ପରେ ଶିକୁଳିମୁକ୍ତ ହେଲେ ରାମଚନ୍ଦ୍ର

### ଲୁହାଚେନ୍‌ରେ ଦୁଇହାତ ବନ୍ଧାଯାଇ ପଡ଼ିଥିଲା ତାଲା

ପୁରୀ ଅଫିସ,୨୬।୯:

ବର୍ଷେ କି ଦୁଇବର୍ଷ ନୁହେଁ ଦୀର୍ଘ ୧୮ ବର୍ଷ ଶିକୁଳିରେ ବନ୍ଧା ପଡ଼ିଥିଲା ଜୀବନ। ଅସ୍ୱାଭାବିକ ଆଚରଣ ପାଇଁ ଦୁଇହାତକୁ ଲୁହାଚେନ୍‌ରେ ବାନ୍ଧି ତାଲା ପକାଯାଇଥିଲା। ପୁଅର ଏଭଳି କଷ୍ଟ ଦେଖି ମା' ଗୁମୁରି କାନ୍ଦୁଥିଲେ ବି ନିଜ ଅସହାୟତା ତାଙ୍କୁ ନୀରବ ରହିବାକୁ ବାଧ୍ୟ କରିଥିଲା। ପେଟକୁ ଦି'ମୁଠା ଦାନା ଯୋଗାଡ଼ କରିବାର ସଂଘର୍ଷ ଭିତରେ ପୁଅର ଚିକିତ୍ସା କଥା ଭାବିବା ଥିଲା ତାଙ୍କ ପାଇଁ ବୃଥା ପ୍ରୟାସ। ତେବେ ଶନିବାର ପୁରୀ ଜିଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଶିକୁଳିରୁ ମୁକ୍ତ ହୋଇଛନ୍ତି ରାମଚନ୍ଦ୍ର ରାଉତ। ଏଥିଯୋଗୁ ମା' ମାଣ୍ଡିଙ୍କ ଆଖିରୁ ଝରିପଡ଼ିଛି ଆନନ୍ଦର ଅଶ୍ରୁ। ଭଗବାନଙ୍କ ଆଶୀର୍ବାଦରୁ ପୁଅ ଭଲହୋଇ ବାକି ଜୀବନ ସାଧାରଣ ମଣିଷ ଭଳି ବଞ୍ଚିବ ବୋଲି ମାଣ୍ଡି ଆଶା ବାନ୍ଧିଛନ୍ତି।

ପୁରୀ ସଦର ବ୍ଲକ ପାର୍ବତୀପୁର ପାଇକସାହିର ମାଣ୍ଡି ରାଉତ। ଏକମାତ୍ର ପୁଅ ରାମଚନ୍ଦ୍ରଙ୍କୁ ନେଇ ତାଙ୍କ ତେଲଲୁଣର ସଂସାର। ମହାପ୍ରଭୁଙ୍କ ନିର୍ମାଲ୍ୟ ବିକି ଯାହା ଦି' ପଇସା ରୋଜଗାର କରନ୍ତି ସେଥିରେ ମା' ପୁଅ ଦୁଖକଷ୍ଟରେ ଚଳିଆନ୍ତି। ରାମଚନ୍ଦ୍ର ୧୪/୧୫ ବର୍ଷ ବୟସର ହୋଇଥିବାବେଳେ ହଠାତ୍ ତାଙ୍କଠାରେ ଅସ୍ୱାଭାବିକ ଲକ୍ଷଣ ଦେଖାଗଲା। ସେ ଯୁଆଡ଼େ ପାଇଲେ ସିଆଡ଼େ ପଳାଇଗଲେ। ପୁଅର ଏଭଳି ଅବସ୍ଥା ଦେଖି ଅସହାୟା ମା' ଚକିତ ହୋଇପଡ଼ିଲେ। କେମିତି ଚିକିତ୍ସା କରିବେ ଏବଂ ଏଥିପାଇଁ ଟଙ୍କା କେଉଁଠୁ ଆଣିବେ ସେଇ ଚିନ୍ତାରେ ଘାରି ହେଲେ। ସମ୍ବଳ ଅଭାବରୁ ପୁଅର ଚିକିତ୍ସା କରିପାରିଲେ ନାହିଁ। ପେଟ ପାଇଁ ଦାନା ମୁଠାଏ ଯୋଗାଡ଼ କରିବାକୁ ସେ ବାହାରକୁ ଯାଉଥିବାରୁ ପୁଅକୁ ଜଗାରଖା କରିବା ତାଙ୍କ ପକ୍ଷେ ସମ୍ଭବ ହେଲା ନାହିଁ। ମନର କୋହକୁ ଛାତିରେ ଚାପିଧରି ପୁଅ ହାତରେ ଶିକୁଳି ପକାଇ ରଖିଲେ। ୭/୮ ବର୍ଷ ପୂର୍ବେ ଚିକିତ୍ସା ପାଇଁ ପୁଅକୁ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେତେବେଳେ ଡାକ୍ତର କହିଥିଲେ ପୁଅ ଭଲ ହୋଇଯିବ। ମାତ୍ର ଟଙ୍କା ନ ଥିବାରୁ ଠିକ୍ ଭାବେ ଚିକିତ୍ସା କରାଇପାରି ନ ଥିଲେ। ଇତିମଧ୍ୟରେ ପ୍ରାୟ ୧୮ ବର୍ଷ ପୁଅ ଶିକୁଳି ବନ୍ଧା ଜୀବନ ଜୀଉଁଥିଲା। ଏହା ସ୍ୱେଚ୍ଛାସେବୀ ସଙ୍ଗଠନ 'ହୋପ୍ ଇଜ୍ ଲାଇଫ' ନଜରକୁ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଉପଜିଲାପାଳ ଭବତାରଣ ସାହୁ ଏହାର ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବା ଲାଗି ସଦର ବିଡିଓ ଏବଂ ଜିଲା ସାମାଜିକ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ଏବଂ ହୋପ୍ ଇଜ ଲାଇଫ୍‌ର ସଭାପତି ସୁରେଶ ନନ୍ଦ, ସମ୍ପାଦକ ଦୀନଭଞ୍ଜନ ପଣ୍ଡା, ଉମାକାନ୍ତ ଦଳାଇ, ମାନସ ମହାନ୍ତି ଏବଂ ଗଦାଧର ସାହୁ ପ୍ରମୁଖ ମାଣ୍ଡିଙ୍କ ଘରେ ପହଞ୍ଚି ରାମଚନ୍ଦ୍ରଙ୍କୁ ଶିକୁଳି ମୁକ୍ତ କରିଥିଲେ। ତାଙ୍କୁ ଏବେ କଣାସସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନକୁ ଜିଲା ପ୍ରଶାସନ ପଠାଇଛି। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବ। ଏହାପରେ କଟକ ଏସ୍‌ସିବି ମେଡିକାଲକୁ ନିଆଯାଇ ତାଙ୍କର ଚିକିତ୍ସା କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ କହିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ରାମଚନ୍ଦ୍ରଙ୍କ ମା'ଙ୍କୁ ରାଶନ ଏବଂ ଭତ୍ତା ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି।


ରାମଚନ୍ଦ୍ର ରାଉତଙ୍କୁ ଉଦ୍ଧାର ପରେ ଚିକିତ୍ସା ପାଇଁ ନିଆଯାଉଛି ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଶାରଦା ପ୍ରସାଦ ସେନ୍
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ୍ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୮୩୮୦

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ରଥ
Plot- 119/ 3883, At- Mahadev Nagar, Road No-5, Jharapada, BBSR
ଆବିର୍ଭାବ: ୧୦।୦୯।୧୯୪୩
ତିରୋଧାନ: ୧୯।୦୯।୨୦
ଆପଣଙ୍କ ଦୁଃଖଦ ବିୟୋଗରେ ଆମେ ସମସ୍ତେ ମର୍ମାହତ। ସ୍ୱଶରୀରରେ ଆମ ନିକଟରେ ଉପସ୍ଥିତ ନ ଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା । ହେ ମହାନ୍ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ ।
-:ଶୋକସନ୍ତପ୍ତ:-
ସେବତୀ ରଥ ଏବଂ ପରିବାରବର୍ଗ ।
ଧ-୧୮୩୭୯

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ପ୍ରଭାତ ନଳିନୀ ମହାଖୁଡ (ଝୁନୁ)
ସ୍ୱାମୀ: ଭଗବାନ ମହାଖୁଡ
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୦୮।୧୦।୧୯୫୫
ତିରୋଧାନ: ୧୭।୦୯।୨୦୨୦
ତୁମର ଆକସ୍ମିକ ଅନୁପସ୍ଥିତି ଆମ ଜୀବନରେ ଅପୂରଣୀୟ ଶୂନ୍ୟତା ଆଣିଛି। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ରୀନା, ରେନୀ, ଲୁନା, ସୋନି, ରିଙ୍କୁ, ଆରିଅନ, ଇଶୁ, ଆଦି, ବାବୁଲି, ଟୁଟୁ ଓ ପରିବାରବର୍ଗ ।
ଧ-୬୬୮୮୧

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବିଜୟାନନ୍ଦ ମଲ୍ଲିକ
୭୭, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୩।୧୯୪୯
ତିରୋଧାନ: ୧୭।୦୯।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ୍ଭମାନଙ୍କୁ ସବୁ ସମୟରେ ପ୍ରେରଣା ଦେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ଜୟନ୍ତୀ, ପୁଅ: ପ୍ରଭାସ, ଝିଅ: ସ୍ମିତା, ନିହାରିକା ତଥା ଆତ୍ମୀୟସ୍ୱଜନ ।
ଧ-୬୬୭୭

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଶରତ ଚନ୍ଦ୍ର ନାୟକ
ପ୍ରଧାନ ଶିକ୍ଷକ
ଗ୍ରାମ: ବାହାରବିଲ, ଧୁଷୁରୀ, ଭଦ୍ରକ
ଆବିର୍ଭାବ: ୧୯।୦୨।୧୯୪୨
ତିରୋଧାନ: ୧୭।୦୯।୨୦୨୦
ସ୍ୱର୍ଗତ ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ଅଶେଷ ଅଶେଷ ପ୍ରାର୍ଥନା।
:ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ନାତି ଓ ନାତୁଣୀ, ଭାଇ, ଝିଅ, ଜ୍ୱାଇଁ ଏବଂ ଆତ୍ମୀୟ ପରିଜନମାନେ ।
ଧ-୧୮୩୫୨

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତ ବିଧୁଭୂଷଣ ମିଶ୍ର
ସପନପୁର, ଦେବୀଦ୍ୱାର, ଯାଜପୁର
ଆବିର୍ଭାବ: ୦୨।୦୧।୧୯୪୮
ତିରୋଧାନ: ୧୭।୦୯।୨୦୨୦
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ, ହେଲେ ଆମ ପାଖରେ ଏବେ ତୁମେ ଥିଲାପରି ଲାଗୁଛ। ପ୍ରତ୍ୟେକ ମୁହୂର୍ତ୍ତରେ ଆମକୁ ବାଟ କଢାଇ ନେବାକୁ ଆଶୀଷ ଦେଉଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ ପରିବାରବର୍ଗ:
ପତ୍ନୀ: ଶାରଦା, ପୁତ୍ର: ଚିନ୍ମୟ, ପୁତ୍ରବଧୂ: ବିଶ୍ୱପୂଜିତା, କନ୍ୟା: ସସ୍ମିତା, ଜୟସ୍ମିତା, ଜ୍ୱାଇଁ: ଦେବାଶୀଷ, ବର୍ଷା, ଇଶା, ରିମ୍ପା ଓ ରିଷି ।
ଧ-୧୮୩୯୯

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଛବିନା ସ୍ୱାଇଁ
କାଳୀବିହାର, ଖାନନଗର, କଟକ
ଆବିର୍ଭାବ: ୧୧।୦୫।୧୯୬୩
ତିରୋଧାନ: ୧୭।୦୯।୨୦୨୦
ଏଗାରଦିନ ବିତିଗଲାଣି ହେଲେ ଆମର ବିଶ୍ୱାସ ହେଉନାହିଁ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ପ୍ରତି କ୍ଷଣରେ ମନେ ପଡ଼ିଯାଉଛି। ହେଲେ ଏମିତି ଏକ ସମୟରେ ଆମଠାରୁ ବିଦାୟ ନେଲ ଯେ ସମସ୍ତେ ଝୁରି ହେଉଛନ୍ତି। ତଥାପି ଯେଉଁଠି ଥାଅ ଶାନ୍ତିରେ ରୁହ ଆମକୁ ସଦା ଆଶୀର୍ବାଦ କରୁଥାଅ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ: ରଶ୍ମି, ଜ୍ୟୋତି, ଦୀପୁ, ଗୁଲୁରା, ଲିପୁ, ରାଜା, ଗୁଡୁ, ଗଗଲା, ଝିଅ: ଡେଜି, ବେବି, ସିକି, କାଳୀ, ଲିଜି।
ଧ-୬୮୮୩

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ବଜରଙ୍ଗଲାଲ ଅଗ୍ରୱାଲ
ତିରୋଧାନ- ୧୬.୯.୨୦୨୦ (ବୁଧବାର)
ବାପା ତୁମେ ହଠାତ୍ ଆମକୁ ଛାଡି ଚାଲିଯିବ ବୋଲି ଆମେ ଜାଣିନଥିଲୁ । ତୁମର ନିଷ୍କପଟତା ଓ ସରଳତା ଆମ ମାନଙ୍କ ମନରେ ସର୍ବଦା ସ୍ମୃତି ହୋଇ ରହିବ । ତୁମର ଅମର ଆତ୍ମାର ସଦଗତି ହେଉ ମାଁ ଝାଡେଶ୍ୱରୀଙ୍କ ଠାରେ ଏହା ହିଁ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର- ବିକାଶ ଅଗ୍ରୱାଲ, ମୋ- ୯୯୩୭୪୬୦୩୯୦, ଭାଇ- ନରେନ୍ଦ୍ର ଅଗ୍ରୱାଲ, ଭାଇ- ଡା. ଗୋପାଳ ଅଗ୍ରୱାଲ ଏବଂ ସମସ୍ତ ଅଗ୍ରୱାଲ ପରିବାର ।
ଧ-୧୮୩୯୨

# ଏବେ ସମୟ ଡିଜିଟାଲ ଡିଟକ୍ସର



**ବର୍ତ୍ତମାନ ମୋବାଇଲ୍ ଫୋନ୍, ଲାପ୍‌ଟପ୍, କମ୍ପ୍ୟୁଟର ଏବଂ ଟିଭି ଭଳି ବିଭିନ୍ନ ଡିଜିଟାଲ୍ ଗ୍ୟାଜେଟ୍ ଅଧିକାଂଶଙ୍କ ଦୈନନ୍ଦିନ ଜୀବନର ଅଭିନ୍ନ ଅଂଶ ପାଲଟି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ପାଠପଢା, ଅଫିସ୍ କାମ, ଖେଳ, ମନୋରଞ୍ଜନ, ନୂଆ ଜିନିଷ ଶିଖିବା ଠାରୁ ଆରମ୍ଭ କରି ଦେଶ ବିଦେଶର ଖବର ଜାଣିବା, ସମସ୍ତଙ୍କ ସହ ଯୋଗାଯୋଗରେ ରହିବା ଏମିତିକି ଶପିଂ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ହୋଇପାରୁଛି ଏହା ସାହାଯ୍ୟରେ। ହେଲେ ଏହାର ବ୍ୟବହାର କେତେଜଣଙ୍କ ଲାଗି ନା କେବଳ ପାଲଟିଛି ଆଡ଼ିକ୍ସନ ବରଂ ସାଜୁଛି ବିଭିନ୍ନ ସମସ୍ୟାର କାରଣ। ଯାହାକୁ ରୋକିବା ଲାଗି ଯଦିଓ ସମ୍ପୂର୍ଣ୍ଣ ଭାବେ ଏହି ଡିଜିଟାଲ ୱାର୍ଲ୍ଡରୁ ଦୂରେଇ ରହିବା କଷ୍ଟକର, ହେଲେ ପ୍ରତିଦିନ କିଛି ସମୟ ଏସବୁଠାରୁ ନିଜକୁ ଦୂରେଇ ରଖିବା ବା ଡିଜିଟାଲ ଡିଟକ୍ସ ହିଁ ଏହି ସମସ୍ୟା ସମାଧାନର ସହଜ ଉପାୟ...**

ବଢୁଥିବା କରୋନା ସଂକ୍ରମଣ ଲାଗି ବର୍ତ୍ତମାନ ଅତ୍ୟାବଶ୍ୟକ ନ ଥିଲେ କେହି ବାହାରକୁ ଯାଉ ନାହାନ୍ତି। ଏମିତିରେ ଘରେ ବୋର୍ ନ ହେବା ଲାଗି ଅଧିକାଂଶ ମନୋରଞ୍ଜନ ପାଇଁ ଇଣ୍ଟରନେଟ୍‌ରେ ବିଭିନ୍ନ ଭିଡ଼ିଓ, ଫିଲ୍ମ ଇତ୍ୟାଦି ଦେଖିବା ହେଉ କିମ୍ବା ସାଙ୍ଗସାଥିଙ୍କ ସହ ଯୋଗାଯୋଗରେ ରହିବା ଲାଗି ବିଭିନ୍ନ ସୋସିଆଲ୍ ସାଇଟ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତା'ଛଡ଼ା ବର୍ତ୍ତମାନ ସୁଦ୍ଧା ସ୍କୁଲ, କଲେଜ ଠାରୁ ଆରମ୍ଭ କରି କେତେ ଗୁଡ଼ିଏ କର୍ମସଂସ୍ଥା କେବେ ଖୋଲିବ ତା'ର କୌଣସି ନିର୍ଦ୍ଦିଷ୍ଟତା ନାହିଁ। ଏମିତିରେ ପାଠ ପଢା ଠାରୁ ଆରମ୍ଭ କରି ଅଫିସ୍ କାମ ପର୍ଯ୍ୟନ୍ତ ସବୁକିଛି ମଧ୍ୟ ଏବେ ଘରୁ ଚାଲିଛି ଅନ୍‌ଲାଇନ୍‌ରେ। ଯେଉଁଥିପାଇଁ ମୋବାଇଲ୍ ଫୋନ୍, ଲାପ୍‌ଟପ୍, କମ୍ପ୍ୟୁଟର ଆଦି ଡ଼ିଜିଟାଲ୍ ଗ୍ୟାଜେଟ୍ସର ବ୍ୟବହାର ବହୁମାତ୍ରାରେ ବଢିଯାଇଛି। ପ୍ରତିଟି ମୁହୂର୍ତ୍ତରେ ଏସବୁ ବିଶେଷ କରି ମୋବାଇଲ୍ ବ୍ୟବହାର କରିବା ଯୁବପିଢିଙ୍କର ଯେପରି ଏକ ନିଶା ବା ଆଡିକ୍ସନରେ ପରିଣତ ହୋଇଗଲାଣି। ତେବେ ଏଭଳି ଗ୍ୟାଜେଟ୍ସ ଅଧିକ ସମୟ ବ୍ୟବହାର କରିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ପଡୁଛି। ଅନେକେ ଏହି ନିଶାରେ ଖାଇବା, ପିଇବା, ଶୋଇବା, ପଢିବା ଆଦି ଭୁଲିଯାଉଛନ୍ତି। ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା କାନ, କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକି ହୋଇ ରହୁଛି ଏବଂ ଅଳ୍ପ ବୟସରୁ ଗଣ୍ଠି ଯନ୍ତ୍ରଣା ଦେଖାଦେଉଛି। ତା'ଛଡା ଶାରୀରିକ ପରିଶ୍ରମ ନ ହେବା ଦ୍ୱାରା ମେଦବହୁଳତା ଦେଖା ଦେଉଛି। ଖାଦ୍ୟପେୟ ସାଙ୍ଗକୁ ଶୋଇବାରେ ଅବହେଳା ଯୋଗୁ ସେମାନଙ୍କଠାରେ ଚିଡିଚିଡା ଲାଗିବା, ଅବସାଦ, ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍ ସମସ୍ୟା, ଆଖିତଳ କଳା ପଡିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣ ଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ୍ୟ ରୋଗ ସୃଷ୍ଟି ହେଉଛି। କେବଳ ଏତିକି ନୁହେଁ ଏହା ଯୋଗୁ କେତେକ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି। ଏସବୁ ସମସ୍ୟା ନ ଉପୁଜିବା ଲାଗି ବର୍ତ୍ତମାନ ଅନେକେ ପ୍ରତିଦିନ ଏଭଳି ଡିଜିଟାଲ୍ ଗ୍ୟାଜେଟ୍ସ ଠାରୁ କିଛି ସମୟ ଦୂରେଇ ରହିବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଡ଼ିଜିଟାଲ ଡ଼ିଟକ୍ସ ବୋଲି କୁହାଯାଉଛି।



କିପରି କରିବେ: ବର୍ତ୍ତମାନ ମୋବାଇଲ୍ ଫୋନ୍ ଏବଂ ଅନ୍ୟ ଇ-ଗ୍ୟାଜେଟ୍ ପ୍ରତି ଯୁବପିଢି ଏତେ ଆଡିକ୍ଟେଡ୍ ଯେ, ସେଥିରୁ ସେମାନଙ୍କୁ ନିବୃତ ରଖିବା କଷ୍ଟକର। ହେଲେ ପ୍ରତିଦିନ କିଛି ସମୟ ସେସବୁଠାରୁ ଦୂରେଇ ରହିବା ଭଲ। ତେଣୁ ସର୍ବପ୍ରଥମେ ଏହି ଡିଜିଟାଲ୍ ଡିଟକ୍ସ ଲାଗି ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ମାତ୍ର କିଛି ସମୟ ଲାଗି ଏଭଳି ଗ୍ୟାଜେଟ୍ସରୁ ଦୂରେଇ ରହିବେ ଏବଂ ପୁନର୍ବାର ପୂର୍ବ ଭଳି ଏହାକୁ ବ୍ୟବହାର କରି ବସିବେ ତେବେ କୌଣସି ସୁଫଳ ପାଇ ପାରିବେ ନାହିଁ। ତେଣୁ ପ୍ରଥମେ ଅଧିକ ସମୟ ଏସବୁ ବ୍ୟବହାର ଦ୍ୱାରା ଆପଣଙ୍କ ଠାରେ କେଉଁ ସବୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ ସେ ବିଷୟରେ ଚନ୍ତା କରନ୍ତୁ। ନିଜ ଶରୀରର ସୁସ୍ଥତା ଦୃଷ୍ଟିରୁ ପ୍ରତିଦିନ କେତେ ସମୟ ଏବଂ କିପରି ଏସବୁ ଠାରୁ ଦୂରେଇ ରହିବେ ନିଷ୍ପତ୍ତି ନିଅନ୍ତୁ। ପ୍ରଥମେ ପ୍ରଥମେ ଏପରି କରିବା କଷ୍ଟ ଲାଗିପାରେ ହେଲେ ଇଚ୍ଛା ଥିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ତେବେ ଏହାକୁ ସହଜ କରିବା ଲାଗି ଆପଣଙ୍କୁ



ନିର୍ଦ୍ଧାରିତ ସମୟରେ ନିଜ ମୋବାଇଲ୍‌କୁ ସ୍ୱିଚ୍ ଅଫ୍ କିମ୍ବା ସାଇଲେଣ୍ଟ ମୋଡରେ ରଖିପାରିବେ। ଏହା ସହ ବିଭିନ୍ନ ଆପ୍ ବିଶେଷ କରି ସୋସିଆଲ୍ ସାଇଟ୍ ଆପ୍ ଗୁଡିକର ନୋଟିଫିକେଶନ୍ ଅଫ୍ କରିପାରିବେ। ଉକ୍ତ ସମୟରେ ଫୋନ୍ କିମ୍ବା ଲାପ୍‌ଟପ୍ ଆଦିକୁ ଆଖି ଆଗରେ ନ ରଖି ଅନ୍ୟ ରୁମ୍‌ରେ ରଖିଦେବା ସବୁଠୁ ଭଲ।

ଉପକାର: ଡିଜିଟାଲ୍ ଡିଟକ୍ସ ଦ୍ୱାରା ଜଣେ ବିଭିନ୍ନ ଦିଗରୁ ଉପକୃତ ହୋଇପାରିବେ। ସର୍ବପ୍ରଥମେ ଆଖି ଏବଂ ମସ୍ତିଷ୍କକୁ ବିଶ୍ରାମ ମିଳିବ। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସିରହିବା ଦ୍ୱାରା ଅଣ୍ଟା, ବେକ ଆଦିରେ ହେଉଥିବା ଯନ୍ତ୍ରଣା ଦୂର ହୋଇପାରିବ। ପରିବାର ସଦସ୍ୟଙ୍କ ପାଇଁ ମଧ୍ୟ ସମୟ ବାହାର କରିପାରିବେ। ଏହି ସମୟରେ ନିଜ ରୁଚି ଏବଂ ଅର୍ନ୍ତନିହିତ ପ୍ରତିଭା ପରିପ୍ରକାଶ କରିପାରିବେ। ଯେପରି କିଛି ଆର୍ଟ, କ୍ରାଫ୍ଟ କରି ପାରିବେ। ଯଦି ଗଳ୍ପ, କବିତା ଆଦି ଲେଖିବା ପସନ୍ଦ ତେବେ କୌଣସି ଇ-ଗ୍ୟାଜେଟ୍ ବିନା ନିରୋଳାରେ ବସି ଲେଖିବା ପାଇଁ ଉକ୍ତ ସମୟ ଆପଣଙ୍କ ପାଇଁ ବେଷ୍ଟ। ଫିଟ୍‌ନେସ୍ ପାଇଁ ଏହି ସମୟରେ ଯୋଗ ବ୍ୟାୟାମ ଆଦି କରିପାରିବେ।

– ପୌର୍ଣ୍ଣମାସୀ

## ଏମାନେ ଯାହା କୁହନ୍ତି....

### ଆଖିକୁ ବିଶ୍ରାମ ଦେବା ଜରୁରୀ



ବର୍ତ୍ତମାନ କରୋନା ପାଇଁ ଅଧିକାଂଶ ଯୁବପିଢି ବାହାରକୁ ଯାଉନାହାନ୍ତି। ତେଣୁ ଘରେ ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଏବଂ କମ୍ପ୍ୟୁଟର୍‌ରେ ଦୀର୍ଘ ସମୟ ଅତିବାହିତ କରୁଛନ୍ତି। ହେଲେ ଅପରପକ୍ଷେ ଏହାର ନକାରାତ୍ମକ ପ୍ରଭାବ ସେମାନଙ୍କ ଆଖି ଓ ଦୃଷ୍ଟିଶକ୍ତି ଉପରେ ପଡୁଛି ଏବଂ ବିଭିନ୍ନ ଚକ୍ଷୁ ସମସ୍ୟାର କାରଣ ସାଜୁଛି। ମନୋରଞ୍ଜନ, ପାଠ ପଢା ହେଉ ଅବା ୱାର୍କ ଫ୍ରମ୍ ହୋମ୍ ଲାଗି ଦୀର୍ଘ ସମୟ ମୋବାଇଲ୍ ବିଶେଷ କରି କମ୍ପ୍ୟୁଟର ବ୍ୟବହାର କରିବା ଦ୍ୱାରା ଚକ୍ଷୁ ଉପରେ ବିଶେଷ ପ୍ରଭାବ ପଡିଥାଏ। ଫଳରେ ଆଖି ଉପରେ ଚାପ ପଡ଼ିବା ସହ କ୍ଳାନ୍ତ ଲାଗିବା, ମୁଣ୍ଡ ବିନ୍ଧା ହେବା, ଝାପ୍‌ସା ଦେଖାଯିବା, ଆଖି ଶୁଖିଲା ହୋଇଯିବା ବା ଡ୍ରାଏ ଆଇଜ୍, ଡିପ୍ଲୋପିଆ ବା ଡ଼ବଲ୍ ଭିଜନ୍ (ଏକା ଥରକେ ଆଖି ଆଗରେ ଦୁଇଟି ଚିତ୍ର ଦେଖାଯିବା), ଆଖିକୁ ଆରାମ ନ ଲାଗିବା ବା କଷ୍ଟ ହୋଇ ପାଣି ବାହାରିବା ଭଳି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। ଏପରି ନ ହେବା ଲାଗି ସେମାନଙ୍କ ଲାଗି ଡିଜିଟାଲ୍ ଡିଟକ୍ସ ନିହାତି ଆବଶ୍ୟକ। ତେଣୁ ପ୍ରତିଦିନ କିଛି ସମୟ ବାହାର କରି କମ୍ପ୍ୟୁଟର୍, ଟେଲିଭିଜନ ଓ ସେଲ୍ ଫୋନ୍‌ର ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ। କେବଳ ଏତିକି ନୁହେଁ ଉକ୍ତ ସମୟରେ ଆଖିର ସୁସ୍ଥତା ଲାଗି ଏହାର ବ୍ୟାୟମ ସହ ଏହାକୁ ଯଥେଷ୍ଟ ବିଶ୍ରାମ ଦିଅନ୍ତୁ।

– **ଡା. ସୋନାଲି ଷଡ଼ଙ୍ଗୀ,** *ଚକ୍ଷୁ ବିଶେଷଜ୍ଞ*
*ଜେ.ପି.ଏମ୍. ରୋଟାରୀ ଆଇ ହସ୍‌ପିଟାଲ୍, ସି.ଡି.ଏ, କଟକ*

### ମେଣ୍ଟାଲ୍ ଫିଟ୍‌ନେସ୍ ପାଇଁ ଏହା ଭଲ ପଦକ୍ଷେପ



ବର୍ତ୍ତମାନ ପ୍ରତ୍ୟେକ କାର୍ଯ୍ୟ ଲାଗି ପ୍ରାୟ ସମସ୍ତେ ବିଭିନ୍ନ ଡ଼ିଜିଟାଲ୍ ଗ୍ୟାଜେଟ୍ସ ବ୍ୟବହାର କରୁଛନ୍ତି। ସେସବୁ ମଧ୍ୟରୁ ବିଶେଷ କରି ମୋବାଇଲର ବ୍ୟବହାର ସବୁଠୁ ବେଶୀ। କରୋନା ଲାଗି ଅଧିକାଂଶ ଘରେ ରହୁଥିବାରୁ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଠାରେ ଏଭଳି ଗ୍ୟାଜେଟ୍‌ର ବ୍ୟବହାର ପୂର୍ବାପେକ୍ଷା ଯଥେଷ୍ଟ ବଢିଛି। ତେବେ ଅନ୍‌ଲାଇନ୍‌ରେ ପାଠପଢା, ସୋସିଆଲ୍ ସାଇଟ୍‌ରେ ଆକ୍ଟିଭ୍ ରହିବା, ବିଭିନ୍ନ ଭିଡ଼ିଓ ଦେଖିବା ହେଉ କିମ୍ବା ଭିଡ଼ିଓ ଗେମ୍ ଖେଳିବା ଲାଗି ଯୁବପିଢି ସବୁଠୁ ଅଧିକ ସମୟ ଏସବୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କାହା କାହା ଠାରେ ଏହାର ବ୍ୟବହାର ଏକ ନିଶା ପାଲଟିଯାଉଛି ଏବଂ ସେମାନେ ନିଜ ଖାଇବା, ପିଇବା, ଶୋଇବା, ପାଠ ପଢା ସହ ପରିବାରକୁ ଅବହେଳା କରିବାରେ ପଛାଉନାହାନ୍ତି। ଏମିତିରେ ଯଦି କୌଣସି ଦିନ ସେମାନଙ୍କୁ ଏଥିରୁ ନିବୃତ୍ତ ରଖାଯାଏ ତେବେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଏକ୍ଲାପଣ, ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। କେବଳ ଏତିକି ନୁହେଁ ଏହାର ନକାରାତ୍ମକ ପ୍ରଭାବ ସେମାନଙ୍କଠାରେ ବିଭିନ୍ନ ମାନସିକ ସମସ୍ୟାର ସୃଷ୍ଟି କରୁଛି ଏବଂ ଏଥିଯୋଗୁ ଅନେକ ହତ୍ୟା ଏବଂ ଆତ୍ମହତ୍ୟା ଭଳି ଘଟଣା ବି ଦେଖିବାକୁ ମିଳୁଛି। ତେବେ ଏସବୁର ବ୍ୟବହାର ତ ସମ୍ପୂର୍ଣ୍ଣ ବନ୍ଦ କରିଦେବା ସମ୍ଭବ ନୁହେଁ, ତେଣୁ ମେଣ୍ଟାଲ ଫିଟ୍‌ନେସ୍ ଲାଗି ସମସ୍ତଙ୍କୁ ବିଶେଷ କରି ଯୁବପିଢିଙ୍କୁ ଡିଜିଟାଲ୍ ଡିଟକ୍ସ ଆପଣେଇବା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ। ଯାହାଦ୍ୱାରା କିଛି ସମୟ ମସ୍ତିଷ୍କ ଏହି ଡିଜିଟାଲ୍ ଦୁନିଆରୁ ଦୂରେଇ ରହିବା ଦ୍ୱାରା ମାନସିକ ସ୍ତରରେ ଏକ ସକରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ଏହି ସମୟରେ ସେମାନେ ପରିବାର ସହିତ ସମୟ ବିତାଇପାରିବେ, ମାନସିକ ଚାପମୁକ୍ତ ରହି ନିଜ ଭିତରେ ଥିବା ରୁଚିକୁ ଏକ କଳାତ୍ମକ ରୂପ ଦେଇପାରିବେ। ଡିଜିଟାଲ୍ ଦୁନିଆରୁ ବାହାରି ବାସ୍ତବ ଦୁନିଆରେ ସମୟ ବିତାଇବା ଦ୍ୱାରା ସେମାନଙ୍କ ଠାରେ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧିହେବ।

– ***ଡା. ସଙ୍ଗୀତା ରଥ,*** *ମନସ୍ତତ୍ତ୍ୱବିତ*

## ଯୁ | ଥ | ଆ | ଲ | ର୍ଟ

**ବର୍ତ୍ତମାନ ଚକ୍ଷୁ ସମସ୍ୟା ହେଉ ଅବା ଫ୍ୟାଶନ୍ ଲାଗି ଅନେକଙ୍କୁ ଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତିକି, ଚଷମା ବ୍ୟବହାର କରୁଥିଲେ କେତୋଟି କଥା ପ୍ରତି ଧ୍ୟାନ ନ ଦେଲେ ଏହା ଅନ୍ୟାନ୍ୟ ସମସ୍ୟାର କାରଣ ସାଜିପାରେ...**



### ଚଷମା ପିନ୍ଧୁଥିଲେ

- ଚଷମାର ଫ୍ରେମ୍ ସବୁବେଳେ ହାଲୁକା ହେବା ଦରକାର। କାରଣ ଚଷମାର ଓଜନ ବେଶୀ ହେଲେ ନାକ ଏବଂ କାନ ଉପରେ ଚାପ ପଡ଼ିବା ସହ ଯନ୍ତ୍ରଣା ମଧ୍ୟ ହୋଇଥାଏ।
- ସର୍ବଦା ଚଷମା କିଣିବା ବେଳେ ପିନ୍ଧି ଚେକ୍ କରିନିଅନ୍ତୁ। କାରଣ ଚଷମାର ଫିଟିଙ୍ଗ୍ ଠିକ୍ ରହିଲେ ଏହା ପିନ୍ଧିବାକୁ ଆରାମ ଦାୟକ ହୋଇ ପାରିବ।
- ଚଷମା ପିନ୍ଧିବା ଏବଂ କାଢିବା ସମୟରେ ସର୍ବଦା ଦୁଇହାତ ବ୍ୟବହାର କରିବା ଆବଶ୍ୟକ। କାରଣ ଏଥିପାଇଁ ଗୋଟିଏ ହାତ ବ୍ୟବହାର କଲେ ଫ୍ରେମ୍ ବଙ୍କା ହୋଇଯିବାର ଆଶଙ୍କା ରହିଛି। ଯାହାଦ୍ୱାରା ନା କେବଳ ପିନ୍ଧିବା ବେଳେ ଅସୁବିଧା ହୁଏ ବରଂ ଗ୍ଲାସ୍ ଆଗପଛ ବା ବଙ୍କା ରହିବା ଯୋଗୁ ଆଖିରେ ମଧ୍ୟ ପ୍ରେସର ପଡ଼ିଥାଏ।
- ଚଷମାରେ ଗ୍ଲାସ୍ ଲେନ୍ସ ବ୍ୟବହାର କରିବା ଦ୍ୱାରା ଓଜନ ଅଧିକ ହେବା ସହ ସ୍କ୍ରାଚ୍ ହେବାର ଚାନ୍ସ ମଧ୍ୟ ବେଶୀ। ସେହିପରି ପ୍ଲାଷ୍ଟିକ୍ ଲେନ୍ସ ହାଲୁକା ହୋଇଥିଲେ ହେଁ ଶୀଘ୍ର ସ୍କ୍ରାଚ୍ ହୋଇଥାଏ। ତେଣୁ ଏହା ବଦଳରେ ରେଜିନ୍ ଲେନ୍ସ କିମ୍ବା ଟ୍ରିଭେକ୍ସ ଲେନ୍ସ ବ୍ୟବହାର କରନ୍ତୁ, ଯାହାକି ହାଲୁକା ଲାଗିବା ସହ ପଡ଼ିଗଲେ ସହଜରେ ଭାଙ୍ଗି ନ ଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ବ୍ୟାଙ୍କର ୨୦୨୦ ହ୍ୟୁମାନ କ୍ୟାପିଟାଲ ଇଣ୍ଡେକ୍ସରେ ଭାରତ......... ନମ୍ବର ସ୍ଥାନରେ ରହିଛି ?
୨– ........... ରାଜ୍ୟ ପକ୍ଷରୁ ଇ-ଯାନବାହନ ଉପରେ ନୂଆ ସବ୍‌ସିଡି ସ୍କିମ୍ ଆରମ୍ଭ କରାଯାଇଛି ?
୩– ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ................ ମସିହାରେ ରାଷ୍ଟ୍ରୀୟକରଣ ହୋଇଥିଲା ?
୪– ଓସ୍କାର ପାଇଥିବା ବେଷ୍ଟ ଆନିମେଟେଡ୍ ଫିଚର ଫିଲ୍ମ ୨୦୨୦......... ?
୫– ଭାରତର ପ୍ରଥମ କିନ୍ନର ସ୍କୁଲ 'ସହଜ ଇଣ୍ଟରନାଶନାଲ'.... ରାଜ୍ୟରେ ଆରମ୍ଭ ହୋଇଛି ?

## ଗତ ଥରର ଉତ୍ତର

୧ ବାଙ୍ଗ୍‌ଲାଦେଶ
୨ ଲାଇଟ୍ ୟୁଟିଲିଟି ହେଲିକପ୍ଟର
୩ ସେପ୍ଟେମ୍ବର ୮
୪ ତାଇୱାନ୍
୫ ସାଲୋମ୍ ଜୁରାବିଶ୍ୱିଲି

## ଉତ୍ତରଦାତା



କାଜଲ୍ ସିଂ, ଖୋର୍ଦ୍ଧା



ମୂରଲୀଧର ପାତ୍ର, ଭୁବନେଶ୍ୱର



ସ୍ମୃତିରେଖା ପରିଡ଼ା, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ୨୦୨୦ର ସବୁଠୁ ଲୋକପ୍ରିୟ ବିଲେଇ ପ୍ରଜାତି



୧– ଡୋମେଷ୍ଟିକ୍ ଶର୍ଟହେୟାର କ୍ୟାଟ୍........... ୟୁରୋପ ଏବଂ ଉତ୍ତର ଆମେରିକା
୨– ପର୍ସିଆନ୍ କ୍ୟାଟ୍........................................ ଇରାନ
୩– ମେନ୍ କୁନ୍........................................ ଆମେରିକା
୪– ର୍‌ୟାଗଡ଼ଲ୍ କ୍ୟାଟ୍........................................ ଆମେରିକା
୫– ଆବିସିନିଆନ୍ କ୍ୟାଟ୍........................................ ଇଥିଓପିଆ
୬– ଫିନିକ୍ସ କ୍ୟାଟ୍........................................ କାନାଡ଼ା
୭– ସିଆମିଜ୍ କ୍ୟାଟ୍........................................ ଥାଇଲାଣ୍ଡ
୮– ସ୍କଟିସ୍ ଫୋଲ୍ଡ କ୍ୟାଟ୍........................................ ଇଂଲଣ୍ଡ
୯– ବେଙ୍ଗଲ୍ କ୍ୟାଟ୍........................................ ଭାରତ
୧୦– ବିରମ୍ୟାନ୍ କ୍ୟାଟ୍........................................ ଫ୍ରାନ୍ସ

## ଜା | ଣ | ନ୍ତୁ | ଦୁ | ନି | ଆ

### ନର୍କର ଦ୍ୱାର

**ବର୍ତ୍ତମାନ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ମଣିଷ ଅନେକ ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରି ଦେଖାଉଛି। ହେଲେ ଏବେବି ପୃଥିବୀରେ ଏଭଳି ଅନେକ ରହସ୍ୟମୟ ସ୍ଥାନ ରହିଛି, ଯେଉଁଠିକୁ ଯିବା ତ ଦୂରର କଥା, ଏହା ସମ୍ପର୍କରେ ଠିକ୍ ତଥ୍ୟ ଜାଣିବାରେ ମଣିଷ ଅସଫଳ। ଆସନ୍ତୁ, ଜାଣିବା ନର୍କର ଦ୍ୱାର ବୋଲି କୁହାଯାଉଥିବା ଏଭଳି ଏକ ସ୍ଥାନ ସମ୍ପର୍କରେ ଜାଣିବା ...**

➔ତୁର୍କୀର ଏକ ବହୁ ପୁରାତନ ସହର ହେରାପୋଲିସ୍, ଯାହାକି ବର୍ତ୍ତମାନ ପୁମୁକାଲ ସହର ନାମରେ ପରିଚିତ। ସେଠାରେ ରହିଛି ଏକ ରହସ୍ୟମୟୀ ମନ୍ଦିର, ଯେଉଁଠାକୁ ଗଲେ କେହି କେବେ ଫେରନ୍ତି ନାହିଁ। ଏମିତିକି ସେଠାକୁ ଗଲେ ପଶୁ ପକ୍ଷୀଙ୍କର ମଧ୍ୟ ମୃତ୍ୟୁ ହୋଇଥାଏ। ଏହି କାରଣରୁ ଉକ୍ତ ମନ୍ଦିରକୁ ନର୍କର ଦ୍ୱାର ବୋଲି କୁଆଯାଇଥାଏ।

➔ବର୍ତ୍ତମାନ ସୁଦ୍ଧା ସେଠାରେ ବହୁ ସଂଖ୍ୟାରେ ମଣିଷ ଏବଂ ପଶୁ ପକ୍ଷୀଙ୍କ ମୃତ୍ୟୁ ହୋଇ ସାରିଥିଲେ ହେଁ ଏହା ପଛରେ ଥିବା ପ୍ରକୃତ କାରଣ ଏଯାଏଁ ଅସ୍ପଷ୍ଟ। ତେବେ ଲୋକ କଥା ଅନୁଯାୟୀ, ଉକ୍ତ ମନ୍ଦିରରେ ଏକ ଗୁମ୍ଫା ରହିଛି ଯେଉଁଠାରେ ପ୍ଳୁଟୋ ଦେବତା ରୁହନ୍ତି। ଆଉ ତାଙ୍କୁ ଖାଇବା ଲାଗି ଦିଆଯାଉଥିବା ପଶୁ ଆଉ ଫେରି ଆସନ୍ତି ନାହିଁ। କେହି କେହି ଏକଥା ବି କୁହନ୍ତି ଯେ, ସେଠାରେ ରହୁଥିବା ୟୁନାନୀ ଦେବତାଙ୍କ ବିଷାକ୍ତ ନିଶ୍ୱାସ ଉକ୍ତ ମନ୍ଦିର ଗୁମ୍ଫାକୁ ଯାଉଥିବା ମଣିଷ କିମ୍ବା ଅନ୍ୟ ଜୀବଙ୍କ ମୃତ୍ୟୁର କାରଣ।

➔ତେବେ ସେଠାରେ ହେଉଥିବା ରହସ୍ୟମୟୀ ମୃତ୍ୟୁକୁ ନେଇ ବୈଜ୍ଞାନିକଙ୍କ ମତ କିନ୍ତୁ ଭିନ୍ନ। ସେମାନେ କୁହନ୍ତି, ଉକ୍ତ ଗୁମ୍ଫା ତଳୁ ନିର୍ଗତ ହେଉଥିବା ପ୍ରଚୁର ପରିମାଣର ବିଷାକ୍ତ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ଏଥିପାଇଁ ଦାୟୀ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ସେପ୍ଟେମ୍ବର ୨୭/୨୦୨୦ Sunday, September 27/ 2020

# କୋଲକାତାର ପ୍ରଥମ ବିଜୟ

**ଆବୁଧାବି,୨୬।୯(ପି.ଟି.)**

ସ୍ଥାନୀୟ ଶେଖ୍ ଜାଏଦ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଷ୍ଟମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୨ ଓଭର ବାକି ରଖି ୭ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଏଥି ସହିତ କୋଲକାତା ପ୍ରଥମ ବିଜୟର ସ୍ୱାଦ ଚାଖିଛି। ଟସ୍ ଜିତି ହାଇଦ୍ରାବାଦ ୨୦ ଓଭରରେ ୪ ଉଇକେଟ ହରାଇ ୧୪୨ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୮ ଓଭରରେ ୩ ଉଇକେଟ ବିନିମୟରେ ୧୪୫ ରନକରି ବିଜୟୀ ହୋଇଥିଲା। ସୁନୀଲ ନାରିନ ଓ ଅଧିନାୟକ ଦୀନେଶ କାର୍ତ୍ତିକ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ନୀତୀଶ ରାଣା ୧୩ ବଲରୁ ୬ ଚୌକା ସହ ଦ୍ରୁତ ୨୬ ରନ ରନ କରି ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ ଶୁବମନ ଗିଲ୍ ଓ ଅଭିଜ୍ଞ ଇଅନ ମୋର୍ଗାନ ୭୦ ବଲରୁ ଅପରାଜିତ ୯୨ ରନ କରି ଦଳକୁ ଜିତାଇଥିଲେ। ଶୁବମନ ୭୦ (୬୨ ବଲ, ୫ ଚୌକା, ୨ ଛକା) ଓ ମୋର୍ଗାନ ୪୨ (୨୯ ବଲ, ୩ ଚୌକା, ୨ ଛକା) ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଖଲିଲ ଅହମ୍ମଦ, ରସିଦ ଖାନ୍ ଓ ଟି. ନଟରାଜନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ସନ୍‌ରାଇଜର୍ସ ହାଇଦ୍ରାବାଦର ଟପ୍ ସ୍କୋରର ମନୀଷ ପାଣ୍ଡେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ହାଇଦ୍ରାବାଦ ଜନି ବେୟାରଷ୍ଟୋଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ବେୟାରଷ୍ଟୋ ମାତ୍ର ୫ ରନ କରିଥିବା ବେଳେ ଲାଇନ୍ ମିସ୍ କରି ପ୍ୟାଟ୍ କୁମିନ୍ସଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଟାଇମ୍ ଆଉଟ୍ ପରେ ଅନ୍ୟତମ ଓପନର ତଥା ଅଧିନାୟକ ଡେଭିଡ୍ ୱାର୍ନର ୨ ଚୌକା ଓ ୧ ଛକା ସହ ୩୬ ରନକରି ଜମି ଆସୁଥିବା ବେଳେ ଲେଗ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇଥିଲେ। ଫ୍ଲିକ୍ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ବଲ ବ୍ୟାଟ୍ ଅଗରେ ବାଜିଥିଲା ଓ ସିଧା ବରୁଣଙ୍କ ନିକଟକୁ ଯାଇଥିଲା। କୌଣସି ତ୍ରୁଟି ନ କରି ବରୁଣ କ୍ୟାଚ୍ ନେଇଥିଲେ। ୱାର୍ନର ଏପର୍ଯ୍ୟନ୍ତ ଚମକ ଦେଖାଇପାରି ନାହାନ୍ତି। ଏହାପରେ ତୃତୀୟ ଉଇକେଟରେ ମନୀଷ ପାଣ୍ଡେ ଓ ଋଦ୍ଧିମାନ ଶାହା ୫୧ ବଲରୁ ୬୨ ରନକରି ସ୍ଥିତି ସମ୍ଭାଳିବା ସହ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ତେବେ ପାଣ୍ଡେ ୩୮ ବଲରୁ ୩ ଚୌକା ଓ ୨ ଛକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଜଙ୍ଘଠାରୁ ଉଚ୍ଚରେ ଥିବା ଏକ ହାଇ ଫୁଲଟସ୍ ବଲ୍‌କୁ ଖେଳିବାକୁ ଯାଇ ସେ ବୋଲର ଆନ୍ଦ୍ରେ ରସେଲଙ୍କୁ ସିଧା କ୍ୟାଚ୍ ଦେଇ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ଋଦ୍ଧିମାନ ଲଙ୍ଗ୍‌ଅଫ୍‌କୁ ଶଟ୍‌ମାରି ଦ୍ୱିତୀୟ ରନ ନେବାକୁ ଯାଉଥିବା ବେଳେ ମହମ୍ମଦ ନବିଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ସେ ୩୦ (୩୧ ବଲ୍, ୧ ଚୌକା, ୧ ଛକା) ରନ ସଂଗ୍ରହ କରିଥିଲେ। ଶେଷରେ ନବି ୧୧ ଓ ଅଭିଷେକ ଶର୍ମା ୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ କୋଲକାତା ତରଫରୁ କୁମିନ୍ସ, ରସେଲ ଓ ବରୁଣ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ସନରାଇଜର୍ସ ହାଇଦ୍ରାବାଦ:** ୨୦ ଓଭରରେ ୧୪୨/୪ (ପାଣ୍ଡେ–୫୧, ୱାର୍ନର–୩୬, ଋଦ୍ଧିମାନ–୩୦, ନବି–୧୧*, କୁମିନ୍ସ– ୧/୧୯, ରସେଲ– ୧/୧୬, ବରୁଣ ଚକ୍ରବର୍ତ୍ତୀ– ୧/୨୫)।

**କୋଲକାତା ନାଇଟ ରାଇଡର୍ସ:** ୧୮ ଓଭରରେ ୧୪୫/୩ (ନୀତୀଶ– ୨୬, ଶୁବମନ– ୭୦*, ମୋର୍ଗାନ– ୪୨*, ଖଲିଲ– ୧/୨୮ , ନଟରାଜନ– ୧/୨୭, ରସିଦ୍– ୧/୨୫)।

**ଶୁବମନ ଗିଲ୍**
**ମ୍ୟାନ୍ ଅଫ୍ ଦି ମ୍ୟାଚ୍**

# ନୀତୁ ଡେଭିଡ୍ ମହିଳା ଚୟନ କମିଟି ମୁଖ୍ୟ ନିଯୁକ୍ତ

**ନୂଆଦିଲ୍ଲୀ,୨୬।୯(ପି.ଟି.)**


ନୀତୁ ଡେଭିଡ

ପୂର୍ବତନ ଭାରତୀୟ ମହିଳା କ୍ରିକେଟର ନିତୁ ଡେଭିଡ୍ ମହିଳା ଚୟନ କମିଟି ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ୯୦ ଦଶକ ଶେଷ ଆଡକୁ ଓ ୨୦୦୦ ପ୍ରାରମ୍ଭରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେମଲତା କାଲାଙ୍କ ବଦଳରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କୁ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତ ଦେଇଛି।

କମିଟିର ଅନ୍ୟ ସଦସ୍ୟମାନେ ହେଲେ ମିଠୁ ମୁଖାର୍ଜୀ, ରେନୁ ମର୍ଗାରେଟ, ଆରତି ବୈଦ୍ୟ ଓ ଭି. କାଲପାନ। ଏମାନେ ସମସ୍ତେ ଭାରତ ପାଇଁ କ୍ରିକେଟ ଖେଳିଛନ୍ତି। କାଲାଙ୍କ ନେତୃତ୍ୱରେ ପୂର୍ବ କମିଟିର କାର୍ଯ୍ୟକାଳ ଗତ ମାର୍ଚ୍ଚରେ ଶେଷ ହୋଇଥିଲା। ପୂର୍ବ କମିଟିରେ ସୁଧା ଶାହ, ଅଞ୍ଜଳି ପେଣ୍ଡାକର, ଶଶୀ ଗୁପ୍ତା ଓ ଲୋପାମୁଦ୍ରା ବାନାର୍ଜୀ ସଦସ୍ୟ ରହିଥିଲେ। ଏହି କମିଟି ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଚୟନ କରିଥିଲେ। ଏଥିରେ ଭାରତ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ ବିବେଚିତ ହୋଇଥିଲା।

ପୂର୍ବତନ ବାମହାତୀ ସ୍ପିନର ନିତୁ ଡେଭିଡ୍ ଅଭିଜ୍ଞତା ଓ ବୟସାଧିକ ଦୃଷ୍ଟିକୋଣରୁ ଏହି ୫ ଜଣିଆ ଚୟନ କମିଟିର ଅଧକ୍ଷ ନିଯୁକ୍ତ ହୋଇଛନ୍ତି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ କହିଛନ୍ତି। ୧୯୯୫ରେ ସେ ଇଂଲଣ୍ଡ ବିପକ୍ଷରେ ଗୋଟିଏ ଟେଷ୍ଟରେ ୫୩ ରନ ବ୍ୟୟ କରି ସର୍ବାଧିକ ୮ ଉଇକେଟ ଅକ୍ତିଆର କରି ରେକର୍ଡ କରିଥିଲେ। ଦିନିକିଆରେ ସେ ୧୪୧ଟି ଉଇକେଟ ନେଇ ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ସାବ୍ୟସ୍ତ ହୋଇଥିଲେ। ପ୍ରଥମ ମହିଳା କ୍ରିକେଟର ଭାବେ ସେ ଦିନିକିଆରେ ୧୦୦ ଉଇକେଟ ଅକ୍ତିଆର କରିଥିଲେ। ୧୦ଟି ଟେଷ୍ଟ ଖେଳି ନିତୁ ୪୧ ଉଇକେଟ ଅକ୍ତିଆର କରିଥିଲେ। ୨୦୦୮ରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। କୋଭିଡ୍–୧୯ ମହାମାରୀ କାରଣରୁ ଦୀର୍ଘମାସ ହେବ ଭାରତୀୟ ମହିଳା କ୍ରିକେଟ ଦଳ କୌଣସି ମ୍ୟାଚ୍ ଖେଳିନାହିଁ। ତେବେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଭାରତୀୟ ଦଳ ଚ୍ୟାଲେଞ୍ଜର ସିରିଜ ଖେଳି ପୁଣି ଥରେ ପଡିଆକୁ ଫେରିବ। ଏହି ସିରିଜ ଲାଗି ଦଳ ଚୟନ କରିବାକୁ ବିସିସିଆଇ ଏହି ଚୟନ କମିଟି ଗଠନ କରିଛି।

# ବୋଲିଂ, ବ୍ୟାଟିଂରେ ଚେନ୍ନାଇ ବିଫଳ ହୋଇଛି: ଧୋନୀ

**ଦୁବାଇ,୨୬।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିବା ପରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦଳର ପ୍ରଦର୍ଶନ ନେଇ ଅସନ୍ତୋଷ ଜାହିର କରିଛନ୍ତି। ଉଭୟ ବୋଲିଂ ଓ ବ୍ୟାଟିଂରେ ଦଳ ବିଫଳ ହୋଇଛି। ଦଳର ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ ବୋଲି ସେ କହିଛନ୍ତି।

ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ୪୪ ରନରେ ପରାସ୍ତ ହେବା ପରେ ଧୋନୀ ବ୍ୟାଟିଂ ବିଭାଗରେ ଦମ୍ ନ ଥିବା କଥା ସ୍ୱୀକାର କରିଛନ୍ତି। ସେହିପରି ସ୍ପିନରମାନେ ଏପର୍ଯ୍ୟନ୍ତ ଫର୍ମକୁ ଫେରିନାହାନ୍ତି ବୋଲି ସେ କହିଛନ୍ତି। ଚେନ୍ନାଇ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ଦୁଇଟିରେ ପରାଜୟ ବରଣ କରିଛି। ତେବେ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମୁକାବିଲାରେ ଚେନ୍ନାଇ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଗତ ମ୍ୟାଚ୍ ଆମ ପାଇଁ ଆଦୌ ଭଲ ନ ଥିଲା। କାକର ସମସ୍ୟା ନ ଥିଲେ ମଧ୍ୟ ଉଇକେଟ ସ୍ଲୋ ହୋଇଥିଲା। ମନ୍ଥର ଆରମ୍ଭ ଆମ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ଆଗାମୀ ମ୍ୟାଚ୍‌ରେ ଆମକୁ ଏ ସବୁ ସମସ୍ୟାର ସମାଧାନ କରିବାକୁ ପଡିବ ବୋଲି ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପରେ ଧୋନୀ କହିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ଅମ୍ବାତି ରାୟୁଡୁ ସାମିଲ ହେଲେ ଦଳରେ ସନ୍ତୁଳନ ଆସିବ।

# ଆଇଏସ୍‌ଏଲ୍‌ରେ ଭାଗନେବେ ୮ ବ୍ରାଜିଲ ଖେଳାଳି

**ନୂଆଦିଲ୍ଲୀ, ୨୬।୯ (ପି.ଟି.)**

କୋଭିଡ୍–୧୯ ମହାମାରୀର ବ୍ୟାପକତା ସତ୍ତ୍ୱେ ବ୍ୟୟବହୁଳ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଖେଳିବା ଲାଗି ପ୍ରଥମ ପର୍ଯ୍ୟାୟରେ ବିଦେଶୀ ଖେଳାଳିଙ୍କୁ ଭାରତ ଆସିବା ଲାଗି ଅନୁମତି ମିଳିଛି। ସେମାନଙ୍କ ମଧ୍ୟରେ ବ୍ରାଜିଲର ୮ଜଣ ଫୁଟ୍‌ବଲର ଥିବା ବେଳେ ଫିଜିର ଜଣେ ଖେଳାଳି ରହିଛନ୍ତି। ଆଇଏସ୍ଏଲର ପରବର୍ତ୍ତୀ ସଂସ୍କରଣ ନଭେମ୍ବରରେ ଗୋଆର ୩ଟି ଭେନ୍ୟୁରେ ଖେଳାଯିବ। ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ଦ୍ୱାରା ଆୟୋଜିତ ଆଇଏସ୍ଏଲରେ ସେମାନଙ୍କ କ୍ଲବରେ ଯୋଗ ଦେବା ପାଇଁ ବୈଦେଶିକ ମନ୍ତ୍ରଣାଳୟ ୯ଖେଳାଳି ଏବଂ ଜଣେ କୋଚିଂ ଷ୍ଟାଫ୍‌ଙ୍କ ସମେତ ମୋଟ ୧୦ଜଣ ବିଦେଶୀଙ୍କୁ



ଅନୁମତି ପ୍ରଦାନ କରିଛି। ଭାରତ ଆସିବା ଲାଗି ଏମାନେ ସେମାନଙ୍କ ସରକାରଙ୍କଠାରୁ ମଧ୍ୟ କ୍ଲିଅରାନ୍ସ ହାସଲ କରିଛନ୍ତି। ଓଡ଼ିଶା ଏଫ୍‌ସିର ୩ଜଣ ମାର୍ସେଲିନୋ, ଡିଏଗୋ ମୈରିସିଓ ଏବଂ ରୋଜେରିଓ ରାମୋସ (ଗୋଲକିପିଂ କୋଚ୍)ଙ୍କ ବ୍ୟତୀତ ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସିର ଦୁଇ ଜଣ ଲେଖାଏଁ ଏବଂ ହାଇଦ୍ରାବାଦ ଏଫ୍‌ସି ଏବଂ ଜାମସେଦପୁର ଏଫ୍‌ସିର ଜଣେ ଲେଖାଏଁ ଲଣ୍ଡନ ବାଟ ଦେଇ ବ୍ରାଜିଲରୁ ଆସି ଆସନ୍ତା ମାସ ପ୍ରଥମ ସପ୍ତାହରେ ଗୋଆରେ ପହଞ୍ଚିବେ। ଭାରତ ଆସିବା ପୂର୍ବରୁ ଏମାନେ ସମସ୍ତେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ କ୍ୱାରାଣ୍ଟାଇନ୍‌ରେ ରହିବେ। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସେହିପରି ଏଟିକେ ମୋହନବାଗାନର ରୟ କ୍ରିଷ୍ଣା ତାଙ୍କ ଦେଶ ଫିଜି ଛାଡ଼ି ସାରିଲେଣି। ନ୍ୟୁଜିଲାଣ୍ଡରେ ସେ ଦୁଇ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିବେ। ଭାରତରେ ପହଞ୍ଚିବା ପୂର୍ବରୁ ତାଙ୍କୁ ୩ଥର ନେଗେଟିଭ୍ ହେବାକୁ ପଡ଼ିବ। ସମସ୍ତ ବିଦେଶୀ ଖେଳାଳି ଗୋଆରେ ପହଞ୍ଚିବା ପରେ ଆଇଏସ୍ଏଲ ବାୟୋ ବବଲରେ ପ୍ରବେଶ ପୂର୍ବରୁ ୧୨ଦିନ ସେଲ୍‌ଫ ଆଇସୋଲେଶନରେ ରହିବେ। ସେମାନଙ୍କର ୫ ରାଉଣ୍ଡ ଟେଷ୍ଟ ହେବ।






# ରାଜସ୍ଥାନ-ପଞ୍ଜାବ ମୁକାବିଲା ଆଜି

**ଶାରଜା,୨୬।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୯ମ ମ୍ୟାଚ୍‌ରେ ରବିବାର ଷ୍ଟିଭେନ୍ ସ୍ମିଥ୍‌ଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଓ ଲୋକେଶ ରାହୁଲଙ୍କ କିଙ୍ଗ୍ସ ଇଲେଭେନ ପଞ୍ଜାବ ମୁହାଁମୁହିଁ ହେବେ। ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ଏହି ମ୍ୟାଚ୍ ହାଇସ୍କୋରିଂ ହେବ। ଶାରଜାର ଅପେକ୍ଷାକୃତ ଏହି ଛୋଟ ଗ୍ରାଉଣ୍ଡରେ ଛକା ଓ ଚୌକାର ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

ଅଣ୍ଡର ଡଗ୍ ଭାବେ ଏଥର ଅଭିଯାନ ଆରମ୍ଭ କରିଥିବା ଉଭୟ ଦଳ ଗତ ମ୍ୟାଚ୍‌ରେ ବିଜୟ ହାସଲ କରି ନିଜ ଆତ୍ମବିଶ୍ୱାସକୁ ଦୃଢ କରିଛନ୍ତି ଓ ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। କ୍ୱାରାଣ୍ଟାଇନ୍ ନିୟମ ପାଇଁ ପ୍ରଥମ ମ୍ୟାଚ୍ ଖେଳିପାରି ନ ଥିବା ଜୋଶ ବଟଲର ରାଜସ୍ଥାନ ପାଇଁ ଯଶସ୍ୱୀ ଜୟସୁଆଲଙ୍କ ସହ ଇନିଂସ ଓପନ କରିବେ। ବ୍ୟାଟିଂ ଅର୍ଡରରେ ଷ୍ଟିଭ୍ ସ୍ମିଥ ଡେଭିଡ ମିଲରଙ୍କ ସ୍ଥାନ ନେବେ। ଟମ୍ କୁରାନ ଓ ଜୋଫ୍ରା ଆର୍ଚରେ ୪ ଜଣିଆ ବିଦେଶୀ କୋଟା ପୂରଣ କରିବେ। ଆଇପିଏଲ୍‌ରେ ଏଥର ପ୍ରଥମ ମ୍ୟାଚ୍ ଖେଳିବାକୁ ଉତ୍ସାହିତ ଅଛି। ପିଲାମାନଙ୍କ ସହ ଟ୍ରେନିଂକୁ ଫେରିଥିବାରୁ ବହୁତ ଭଲ ଅନୁଭବ କରୁଛି। ଟିମ୍‌ର ଆତ୍ମବିଶ୍ୱାସ ଭଲ ରହିଛି ଓ ଦଳରେ ସାମିଲ ହୋଇ ମ୍ୟାଚ୍ ଖେଳିବାକୁ ବ୍ୟଗ୍ର ଅଛି ବୋଲି ବଟଲର କହିଛନ୍ତି। ଦଳର ପାରିପାର୍ଶ୍ୱିକ ପରିସ୍ଥିତି ବେଶ୍ ଉତ୍ସାହଜନକ ରହିଛି। ପ୍ରଥମ ମ୍ୟାଚ୍ ପରେ ଖେଳାଳିଙ୍କ ଆତ୍ମବିଶ୍ୱାସ ଆକାଶଛୁଆଁ ହୋଇପାରିଛି। ତେବେ ପଞ୍ଜାବ ବିପକ୍ଷ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ନେଟ୍ ସେସନ ପରେ ବଟଲର କହିଛନ୍ତି।

ଲୋକେଶ ରାହୁଲଙ୍କୁ ଭାରତର ଭାବି ଅଧିନାୟକ ବୋଲି କୁହାଯାଉଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ମାତ୍ର ୬୯ଟି ବଲରୁ ସେ ୧୩୨ ରନର ଶତକୀୟ ପାଳି ଖେଳି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦୁବାଇର ଅପେକ୍ଷାକୃତ ବଡ଼ ଗ୍ରାଉଣ୍ଡରେ ସେ ୭ଟି ଛକା ମାରିଥିଲେ। ଏହି ମ୍ୟାଚ୍‌ରେ ବାଙ୍ଗାଲୋର ବୃହତ୍ ୯୭ ରନରେ ପରାସ୍ତ ହୋଇଥିଲା। ଅଧିନାୟକ ବିରାଟ କୋହଲି ରାହୁଲଙ୍କ ଦୁଇଟି କ୍ୟାଚ୍ ହାତଛଡ଼ା କରିଥିଲେ। ଫଳରେ ସେ ଏହାର ଭରପୂର ଫାଇଦା ଉଠାଇଥିଲେ। ୨୮ ବର୍ଷୀୟ ରାହୁଲ ଜଣେ କ୍ଲିନ୍ ହିଟର ଭାବେ ଜଣାଶୁଣା। ସେ ଭାରତୀୟ ହିସାବରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହାସଲ କରିଛନ୍ତି। ଶାରଜାର ଏହି ଛୋଟ ଗ୍ରାଉଣ୍ଡରେ ସେ ପୁଣି ଥରେ ଛକା ଚୌକା ବର୍ଷା କରିବେ ବୋଲି ଆଶା କରାଯାଉଛି। ରାହୁଲ ଅସାଧାରଣ ଫର୍ମରେ ରହିଛନ୍ତି। ତେଣୁ ଶାରଜାରେ ଆଉ ଏକ ହାଇସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ବଟଲର କହିଛନ୍ତି।

ଅପରପକ୍ଷରେ ଯୁବ ଓପନର ସଞ୍ଜୁ ସାମସନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ରାଜସ୍ଥାନ ତା'ର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ୩୨ଟି ବଲର ସମ୍ମୁଖୀନ ହୋଇ ସାମସନ ୯ଟି ଛକା ମାରି ୭୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହାପରେ ଜୋଫ୍ରା ଆର୍ଚର ଅନ୍ତିମ ଓଭରରେ ମଙ୍ଗଳବାର ୪ଟି ବିଶାଳ ଛକା ମାରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ରାଜସ୍ଥାନ ଅଧିନାୟକ ମଧ୍ୟ ୪୭ ବଲରୁ ୬୯ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡରେ ହେଲ୍‌ମେଟ୍‌ରେ ବଲ୍ ବାଜିବା ପରେ ସେ ପ୍ରଥମ ମ୍ୟାଚ୍ ଖେଳି ଭଲ ପ୍ରଦର୍ଶନ କରିଥିଲେ। ଉଭୟ ବୋଲିଂ ଓ ବ୍ୟାଟିଂରେ ଦଳ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। କଷ୍ଟକର ପରସ୍ଥିତିରେ ମଧ୍ୟ ଦଳୀୟ ପ୍ରଦର୍ଶନ ଭଲ ଥିଲ ବୋଲି ବଟଲର ନିଜ ସାଥୀ ଖେଳାଳିଙ୍କ ପ୍ରଶଂସା କରି କହିଛନ୍ତି।

ପଞ୍ଜାବ ଅଲରାଉଣ୍ଡର ବାଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରେ ମାତ୍ର ୫ ରନ କରି ଆଉଟ ହୋଇଥିଲେ। ସେ ନିଜ ପ୍ରଦର୍ଶନରେ ସୁଧାର ଆଣିବାର ଆବଶ୍ୟକତା ରହିଛି। ବୋଲିଂ ବିଭାଗରେ ମହମ୍ମଦ ସାମୀ ଓ ୱେଷ୍ଟଇଣ୍ଡିଜର ଶେଲଡନ କଟ୍ରେଲ ଦ୍ରୁତ ବୋଲିଂର ନେତୃତ୍ୱ ନେଇ ପଞ୍ଜାବ ପାଇଁ ଭଲ ପ୍ରଦର୍ଶନ କରିଥିଲେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ଓ ମୁରୁଗାଲ ଅଶ୍ୱିନ ମଧ୍ୟ ବାଙ୍ଗାଲୋର ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୨୧୬ ରନର ବିଶାଳ ସ୍କୋର କରି ରାଜସ୍ଥାନ ବିଜୟୀ ହୋଇଥିଲା। ଡେଥ୍ ଓଭରରେ ଆର୍ଚର ମଧ୍ୟ ଭଲ ବୋଲିଂ କରିଥିଲେ। ସେହିପରି ଲେଗ୍ ସ୍ପିନର ରାହୁଲ ଟେୱାଟିଆ ୩ ଉଇକେଟ ନେଇ ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତେବେ ଜୟଦେବ ଉନାଡକଟଙ୍କ ପ୍ରଦର୍ଶନ ଆଦୌ ଭଲ ହୋଇପାରି ନାହିଁ। ଛୋଟ ବାଉଣ୍ଡାରିକୁ ଦୃଷ୍ଟିରେ ରଖି ତାଙ୍କ ସ୍ଥାନରେ ସ୍ମିଥ୍ ଓ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ କାର୍ତ୍ତିକ ତ୍ୟାଗୀ କିମ୍ବା ବରୁଣ ଆରୋନଙ୍କୁ ଖେଳାଇବାର ସମ୍ଭାବନା ରହିଛି।

**ଆଇପିଏଲ୍**
(ରବିବାର ମ୍ୟାଚ)
ରାଜସ୍ଥାନ ରୟାଲ୍ସ ବନାମ କିଙ୍ଗ୍ସ ଇଲେଭେନ
**ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ବଟଲର ଫେରିବେ


ଜୋଶ ବଟଲର








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ